ଓଡିଶାର ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡିଆ ଇ-ପତ୍ରିକା

# ଆହ୍ୱାନ

Volume 1, Issue: 9
October, 2006

ମାତୃଭାଷା ଓ ମାତୃଭୂମିର ସଜାଗ ପ୍ରହରୀ

ଡ: ଜ୍ୟୋତି ପ୍ରସାଦ ପଟନାୟକ
ବୀମା ନଗର, ଆମ୍ବପୁଆ ରୋଡ୍
ବ୍ରହ୍ମପୁର, ୭୬୦୦୧୦, ଓଡିଶା
ଫୋନ୍: ୯୭୩୮୬୮୪୬୯୮
e-mail: dr.odia@gmail.com

## ଏହି ସଂଖ୍ୟାରେ ଅଛି

| | |
|---|---|
| ସଂପାଦକୀୟ | ୧ |
| ଆମ ଭାଷା ଆମ ସାହିତ୍ୟ | ୨ |
| ଶରତ କୈବଲ୍ୟ | ୩ |
| ମାତୃପୂଜା | ୪ |
| ଚିକେନ୍‌ଗୁନିୟା | ୬ |
| ମାଷ୍ଟ୍ରେ ଆଜ୍ଞା ସାରେ | ୭ |
| ଓଡିଆ ସିନେମା | ୯ |
| ମାନସିକ ବ୍ରହ୍ମଚର୍ଯ୍ୟର ଅନୁଚିନ୍ତା | ୧୦ |
| ଅବୈଧ ଅଧ୍ୟାପକ | ୧୧ |
| ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା | ୧୨ |
| ନଇବଡି-ଭିଟାମାଟି | ୧୩ |
| ଓଡିଆଣୀଙ୍କ ଭାବମୂର୍ତ୍ତି | ୧୪ |
| ଆମ ସାହିତ୍ୟ ଓ ଆମ ପଠନସ୍ପୃହତା | ୧୮ |
| ସାହସୀ ବାଳକ | ୨୦ |
| ଅଦାଲତରେ ଓଡିଆ ଭାଷା | ୨୨ |
| କବିତା ବିଭାଗ | ୨୩ |
| ମନ୍ଦିର ସୁରକ୍ଷା କରୁଛନ୍ତି ଜଣେ ମୁସଲ୍‌ମାନ | ୨୬ |
| ସନ୍ଧ୍ୟା ସ୍ୱପ୍ନ ଆଉ ସେ | ୨୯ |
| ଘଣ୍ଟେଶ୍ୱରୀ | ୩୨ |
| ବ୍ରହ୍ମପୁରରେ ଦଶହରା | ୩୩ |
| ଆମ ଗାଁ ଆମ ସଭ୍ୟତା | ୪୦ |
| ଦୌଡବେଳେ ଶିଶୁ ଧାବକ ବେହୋସ୍ | ୪୩ |
| ସୂଚନା, ବିଜ୍ଞାପନ ଓ ଖବର | ୪୫ |

**ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା**
**ନମସ୍ତସ୍ୟୈ, ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ:ନମ:**

ଶାରଦୀୟ ଦୁର୍ଗାପୂଜା ପର୍ବର ଅବସାନ ଘଟିଛି ଆଉ ମା' ଦୁର୍ଗା କୈଳାସ ପର୍ବତକୁ ଫେରିଯାଇଛନ୍ତି ସତ କିନ୍ତୁ ସେ ଭରିଯାଇଛନ୍ତି ଅସଂଖ୍ୟ ଜନମାନସରେ ଅସୁମାରୀ ଆଶା ଆଉ ସ୍ୱପ୍ନର ସଂସାର। ପୁଣି ବର୍ଷକ ପରେ ଫେରି ଆସି ପୁଣି ଥରେ ଉନ୍ମାଦନା ଆଉ ଆଶାରେ ବାନ୍ଧିଦେବାର ପ୍ରତିଶ୍ରୁତି। ଏମିତି ଏକ ପାର୍ବଣ ପର୍ବର ପୂର୍ବାପର ଘଟଣାବଳୀ ୧୯୯୯ ମସିହାରେ ଓଡିଶାରେ ଘଟିଯାଇଥିବା ମହାବାତ୍ୟାର ସ୍ମୃତିକୁ ପୁଣିଥରେ ଜୀବିତ କରିଦେଇଥିବା ଅନେକ ଭୟଙ୍କର ମୂହୁର୍ତ୍ତ, ଏ ବର୍ଷ ଓଡିଶା ଉପକୂଳରେ ଦେଖାଦେଇଥିବା ଏଗାରଟି ଲଘୁଚାପ ଜନିତ ଘଟଣାଦ୍ୱାରା ପୁନ:ର୍ଜୀବିତ ହୋଇଉଠିଥିଲା। ଠିକ୍ ୧୯୯୯ ମସିହା ଦୁର୍ଗାପୂଜା ପୂର୍ବରୁ ସପ୍ତମୀ ତିଥିରେ ଗଞ୍ଜାମ ଉପକୂଳରେ ହୋଇଥିବା ମହାବାତ୍ୟାର କିଛି ସ୍ମୃତି ତାଜା ହୋଇଯାଇଥିଲା। ଏହି ବର୍ଷ ସପ୍ତମୀ ତିଥିରେ ଉପକୂଳରେ ଉଠିଥିବା ଲଘୁଚାପ ଯୋଗୁଁ।

ଆହ୍ୱାନର ନବମ ଅଙ୍କକୁ ଆପଣ ମାନଙ୍କ ସମ୍ମୁଖରେ ଉପସ୍ଥାପନ କଲାବେଳେ ମତେ ମନେପଡୁଛି, ପିଲା ଦିନର କଥା, ଦିନେ ବାପା କହିଥିଲେ, ହିନ୍ଦୁ ସାହିତ୍ୟ ଓ ଗ୍ରନ୍ଥରେ ନଅ ଅଙ୍କର ମହତ୍ତ୍ୱ। ସତରେ ଏହା ଏକ ପ୍ରକାରର କୋଇନ୍‌ସିଡେନ୍‌ସ ବା ସଂଯୋଗ ହୋଇପାରେ କିନ୍ତୁ ଲକ୍ଷ୍ୟ କରିଛନ୍ତି କି? ଆମର ମହାଭାରତ ଗ୍ରନ୍ଥରେ ଅଛି ଅଠର ଖଣ୍ଡ (୧ ଏବଂ ୮ ମିଶିଲେ ହୁଏ ୯), ହିନ୍ଦୁ ଦେବାଦେବୀମାନଙ୍କ ୧୦୮ ନାମ, ବିଭିନ୍ନ ଯଜ୍ଞ ଓ ପୂଜା କାର୍ଯ୍ୟରେ ୧୮ ଦିନର କାର୍ଯ୍ୟ, ମହାଭାରତ ଯୁଦ୍ଧର ଅବଧି ୧୮ ଦିନ, ଇତ୍ୟାଦି। ବର୍ତ୍ତମାନ ଆହ୍ୱାନ ନବମ ସଂଖ୍ୟା ସହିତ ଆପଣ

ମାନଙ୍କ ନିକଟରେ ଉପସ୍ଥିତ । ଏହି ସଂଖ୍ୟାରେ ଅନେକ ଗଳ୍ପ ଓ କାହାଣୀ ସହିତ କବିତା ଇତ୍ୟାଦିର ସମ୍ଭାର ବି ରହିଛି । ଆଶା କରୁଛି ଏହି ପତ୍ରିକା ଆପଣ ମାନଙ୍କୁ ଓଡିଶାର ସ୍ମୃତି ତାଜା କରାଇବାରେ ସାହାଯ୍ୟ କରିବ ।

ଦୁର୍ଗାପୂଜାର ଅନତି ପୂର୍ବରୁ ଆମନ୍ତ୍ରଣ କରିଥିଲି, ଓଡିଶା ଭିତର ତଥା ବାହାରର ବିଭିନ୍ନ ପ୍ରାନ୍ତରେ ହୋଇଥିବା ଦୁର୍ଗା ପୂଜାର ଫୋଟୋଚିତ୍ର ପାଇଁ, ଆଉ ଦୁର୍ଭାଗ୍ୟ ବଶତ: କୌଣସି ବନ୍ଧୁ କିଛି ବି ଫୋଟୋ ଚିତ୍ର ପଠାଇ ନାହାନ୍ତି । ତେଣୁ ଏହି ସଂଖ୍ୟାରେ କେବଳ ବ୍ରହ୍ମପୁର ସହରରେ ହୋଇଥିବା କିଛି ପୂଜା ଆୟୋଜନର ଚିତ୍ର ସମ୍ବଳିତ ଲେଖା ପ୍ରକାଶ ପାଇଛି । ଆଉ ଏକ ବିଶେଷ ପରିବର୍ତ୍ତନ ଏହି ସଂଖ୍ୟାରୁ କରାଯାଇଛି । ପାଠକ ମାନଙ୍କ ରୁଚିକୁ ଧ୍ୟାନରେ ରଖି ଏହି ପତ୍ରିକାକୁ ବର୍ତ୍ତମାନ ଅଧିକ ପୃଷ୍ଠା ଏବଂ ଅଧିକ ଆକର୍ଷକ କରିଦିଆ ଯାଇଛି । ଏହି ସଂଖ୍ୟାଠାରୁ ପ୍ରତିମାସରେ ଆମେ ଆପଣ ପଠାଇଥିବା ବିଭିନ୍ନ ଚିତ୍ରକୁ ଏହି ପତ୍ରିକାରେ ସାମିଲ୍ କରିବାର ଲକ୍ଷ୍ୟ ରଖିଛୁ । ଯଦି ଆପଣ କ୍ୟାମେରାରେ ଫୋଟୋ ଉଠାଇ ଆମ ପାଖକୁ ପଠାନ୍ତି, ଆମେ ନିଶ୍ଚୟ ତା'କୁ ପତ୍ରିକାରେ ଛାପିବୁ, ଯଦି କୌଣସି ବନ୍ଧୁ ହାତରେ ଚିତ୍ରାଙ୍କନ କରନ୍ତି କିମ୍ବା ସେମାନଙ୍କ ପିଲାମାନେ କରୁଥାଆନ୍ତି, ସେମାନେ ବି ନିଜ ଚିତ୍ର ଆମ ନିକଟକୁ ପଠାଇଲେ ଆମେ ତାହାକୁ ଏହି ପତ୍ରିକାରେ ଛାପିବୁ ।

ଏହି ସଂଖ୍ୟାରେ ଆମେ ସ୍ୱାସ୍ଥ୍ୟ ସଚେତନତା ପାଇଁ ସଂପ୍ରତି ଦେଶରେ ମହାମାରୀ ପରି ବ୍ୟାପିଥିବା ଚିକେନ୍ ଗୁନିୟା ବିଷୟରେ ସୂଚନା ଦେଉଛୁ । ଆଗାମୀ ସଂଖ୍ୟା ମାନଙ୍କରେ ଆହୁରି ଅନେକ ରୋଗ ତଥା ଚିକିତ୍ସା ପାଇଁ ପ୍ରଶ୍ନୋତ୍ତର ଛାପିବାର କାର୍ଯ୍ୟକ୍ରମ ରହିଛି ।

ଏହି ସଂଖ୍ୟା ଆପଣମାନଙ୍କୁ ଭଲ ଲାଗିବ ବୋଲି ଆଶା ।

**ଡ ଜ୍ୟୋତି ପ୍ରସାଦ ପଟନାୟକ,**
**ସଂପାଦକ**

# ଆମ ଭାଷା ଆମ ସାହିତ୍ୟ

କୌଣସି ଶବ୍ଦ ମଧ୍ୟସ୍ଥ ବର୍ଣ୍ଣସମୂହର ଉପଯୁକ୍ତ ବର୍ଣ୍ଣନାକୁ ବନାନ କୁହାଯାଏ । ଆମ ଭାଷାରେ ଶବ୍ଦ ଗଠନ ନିମନ୍ତେ ଏକ ବା ଏକାଧିକ ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣ ବ୍ୟବହୃତ ହୋଇଥାଏ । ଏହି ସବୁ ବର୍ଣ୍ଣକୁ ନିର୍ଭୁଲ ଭାବେ ଉଚ୍ଚାରଣ କରିବା ଏବଂ ଉଲ୍ଲେଖ କରିବା ହିଁ ଶୁଦ୍ଧ ବନାନ । ଶ୍ରୋତା ବା ପାଠକ ମାନଙ୍କର ଉପଯୁକ୍ତ ଅର୍ଥବୋଧ ଓ ଭାବଗ୍ରହଣ ନିମନ୍ତେ ବକ୍ତା କିମ୍ବା ଲେଖକଙ୍କର ବନାନ ଶୁଦ୍ଧ ହେବା ଆବଶ୍ୟକ । ଶୁଦ୍ଧ ବନାନ ବ୍ୟତିରେକ ଯେ କୌଣସି ବକ୍ତବ୍ୟ ବା ଲିଖନ ଉଚ୍ଚକୋଟିର ହୋଇପାରେ ନାହିଁ । ବର୍ତ୍ତମାନ ସାକ୍ଷର ଓ ଶିକ୍ଷିତ ବ୍ୟକ୍ତିଙ୍କ ସଂଖ୍ୟା ଅନେକାଂଶ ବୃଦ୍ଧି ପାଇଥିଲେ ମଧ୍ୟ ବହୁକ୍ଷେତ୍ରରେ ଶୁଦ୍ଧ ବନାନ ପ୍ରତି ଧ୍ୟାନ ଦିଆଯାଉ ନାହିଁ । କେତେକ ନାମ ଫଳକ, ବିଜ୍ଞାପନ, ପ୍ରାଚୀରପତ୍ର, ନିମନ୍ତ୍ରଣ ପତ୍ର, ପ୍ରଚାର ପତ୍ରରେ ଅଶୁଦ୍ଧ ବନାନ ରହୁଥିବା ବିଷୟ ଭାଷାବିତ ମାନଙ୍କର ଦୃଷ୍ଟିଗୋଚର ହୋଇଥାଏ । 'ଭୁବନେଶ୍ୱର'କୁ 'ଭୁବନେଶ୍ୱର' 'ପୁଷ୍ପାଞ୍ଜଳି'କୁ 'ପୁଷ୍ପାଞ୍ଜଳୀ' 'ଗଣେଷ'କୁ 'ଗଣେଶ' 'ଅନିବାର୍ଯ୍ୟ'କୁ 'ଅନିର୍ବାଯ୍ୟ' ଆଦି ଲେଖିବା କେତେ ଯେ ଭ୍ରମାତ୍ମକ ଓ ତ୍ରୁଟିପୂର୍ଣ୍ଣ ତାହା ଅନେକ ଉପଲବ୍‌ଧି କରିପାରନ୍ତି ନାହିଁ । ଭାଷାଜ୍ଞାନ ଓ ସଚେତନତାର ଅଭାବ ଏପରି ଅଶୁଦ୍ଧ ବନାନ କହିବା ଓ ଲେଖିବା କେତେକ ଉଚ୍ଚ ବ୍ୟକ୍ତିଙ୍କ ଓଡିଆ ଲେଖାରେ ଦେଖାଯାଏ । ନିୟମିତ ଭାବରେ ସମ୍ବାଦପତ୍ର, ପତ୍ରପତ୍ରିକା, ତଥା ବିଭିନ୍ନ ପୁସ୍ତକ ଅଧ୍ୟୟନ ଦ୍ୱାରା ପାଠକଟିଏ ବହୁ ଶବ୍ଦର ଶୁଦ୍ଧ ବନାନ ସହିତ ପରିଚିତ ହୋଇପାରେ । ଏହାଛଡା ଅଭିଧାନ, ଭାଷାକୋଷ, ବ୍ୟାକରଣ ଆଦି ଗ୍ରନ୍ଥ ଶୁଦ୍ଧ ବନାନ ଲିଖନ ଓ କଥନ ନିମନ୍ତେ ଯଥେଷ୍ଟ ସହାୟକ ହୋଇପାରେ । ଇଚ୍ଛା ଥିଲେ ଉପାୟ ମିଳେ । ଅସଲ କଥା ହେଲା, ଜଣେ ସଚେତନ ବ୍ୟକ୍ତି ନିଜ ଉଦ୍ୟମରେ ନିଜର ଯେ କୌଣସି ତ୍ରୁଟିକୁ ସଂଶୋଧନ କରିବାରେ ସଫଳ

ହୋଇଥାଏ । ଏଥିପାଇଁ ଦରକାର ନିଷ୍ଠା, ଆନ୍ତରିକତା ଓ ମାନସିକ ପ୍ରସ୍ତୁତି । ଅନ୍ୟପକ୍ଷରେ ଶୁଦ୍ଧ ବନାନ ପ୍ରତି ଭୃକ୍ଷେପ ନକରି ଯାହାତାହା କହିଯିବା ବା ଲେଖିବା ବିକୃତ ମାନସିକତାର ପରିଚାୟକ । ମାତୃଭାଷା ଆମର ମା' ଭଳି । ଏହି ଭାଷାର ଅସ୍ୱାଭାବିକ ପରିପ୍ରକାଶ ଏହା ପ୍ରତି ଅସମ୍ମାନ ନୁହେଁ କି? ସୁତରାଂ ଶୁଦ୍ଧ ବନାନ ଲିଖନ ଓ କଥନ ସମସ୍ତଙ୍କର ଧେୟ ହେବା ଉଚିତ । ଏହା ଦ୍ୱାରା ମାତୃଭାଷାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିବା ସଙ୍ଗେ ସଙ୍ଗେ ସଂପୃକ୍ତ ବ୍ୟକ୍ତିଙ୍କର ଭାଷାଜ୍ଞାନ ଅଧିକ ପରିମାର୍ଜିତ ହୋଇଥାଏ ।

ଶ୍ରୀ କୈଳାସ ଚନ୍ଦ୍ର ଆଚାର୍ଯ୍ୟ

# ଶରତ କୈବଲ୍ୟ

କୃପାସିନ୍ଧୁ ପ୍ରଧାନ (ଟୁକୁ)

କେଉଁ ପୁରୁଣା କାଳରୁ ମୋର ଖିଆଲ ଆସୁଛି- ଅଙ୍କାବଙ୍କା ନଇ, ତା ପାଖକୁ ଛୋଟ ବଡ ବୃକ୍ଷ ତା ପାଖକୁ ଲାଗି ଆଶ୍ୱିନର ଦିଶହରା କାଶତଣ୍ଡୀ । ଅଙ୍କି ପଙ୍କିରୁ ହଳଦୀ ବର୍ଣ୍ଣର ସ୍ରୋତ । ଜହ୍ନିଫୁଲରେ ଫୁଲ ବଉଳବେଣୀ, ପାଖକୁ ଥିବା ଧିସା ଧିସା ପାହାଡ, ସେ ଆକନ୍ଠ ମଉନ । ଆଜି ବି ଠିକ୍ ସେଇପରି ଲାଗୁଛି, ଦ୍ୱନ୍ଦମୟ ଆକାଶକୁ ମଥାପାରି ସେ ଖାଲି ସହିଚାଲିଛି- ଖରା, ବର୍ଷା ଆଉ କାକରକୁ । ତଥାପି କୌଣସି ଦୁଃଖ ତା ଭିତରେ ପଶିବାର ଜଣା ନାହିଁ । କିଛି ଶୁଣାଯିବାର ପ୍ରମାଣ ନାହିଁ । ଦେହ ଭିତରର ଫାଙ୍କାରେ ଝାଇଁ ଝାଇଁ ଖରାକୁ ହୃଦୟ ଫାଟିବା ପର୍ଯ୍ୟନ୍ତ ସହିଛି- ତା' ସୁଖଟାକୁ ସେ ବାଣ୍ଟି ଦେଇଛି ସମସ୍ତଙ୍କ ମଧ୍ୟରେ । ଏଥିପାଇଁ ତା'ର ଦୈନତା ଏ ସମାଜ ବୁଝିନି । ବରଂ ଶୁଣିଶୁଣି ଆସୁଛି । ପଥର ଦେହର ଜୀବନରେ- ସୃଷ୍ଟିରେ ଦୈନ ନାହିଁ କି କାର୍ପଣ୍ୟ ନାହିଁ । ଯାହା କରେ ଅସ୍ୱଛ, ଲୋକଲୋଚନକୁ ଜଡର କାମ । ସେ ସେମିତି ନିରୀହ ଆଉ ନୀରବ- ଆଜି ଠିକ୍ ବି ସେମିତି । ଏତେ ସବୁ ଜାଣି ତା' ପ୍ରତି କାହାର ଦରଦ ଆସିବାର ବାକ୍ୟଟାକୁ ମୁଁ ସ୍ପଷ୍ଟ ବୁଝିପାରିଲିନି ।

ପାହାଡ ପାଖର ଗାଁ । ସୂରୁଜ ଦେବତା ଅସ୍ତ ନ ଜାଉଣୁ ସନ୍ଧ୍ୟା ଗୀତ ଗାଇ ଗାଇ ଆସେ । ପାଖ ମନ୍ଦିରରୁ ସ୍ତୁତି କଲ୍ଲୋଳ ସ୍ୱରରେ ନାମ ସଂକୀର୍ତ୍ତନର ଯନ୍ତ୍ରପାତିର ସ୍ୱର । ଓଡିଶା ସଂସ୍କୃତିର ମହାର୍ଘରେ ପରିମଣ୍ଡିତ, ମୃଦଙ୍ଗ, ଘଣ୍ଟା, ଘଣ୍ଟି ଆଉ ମହୂରୀ କି କାହାଳୀର ଆରତୀ ବଖାଣ ସ୍ୱର । ବ୍ରାହ୍ମଣ ଭାଇନାଙ୍କ ସଂସ୍କୃତ- ପରିସ୍ଫୁଟିତ ଭାଷା ଆଉ ତା'ର ବାଷ୍ପ ଗୁଚ୍ଛ ଡାକବାଜି ଯନ୍ତ୍ର ଭିତରୁ ।

ଏମାନେ ଶରତର ଅତିଥି ନୁହନ୍ତି । ଅତିଥି ସାଜି ଆସନ୍ତି, ପୁଣି ଚାଲିଯାଆନ୍ତି । ଅଭ୍ୟର୍ଥନାର ବେଉଁଶା ଇୟେ । ଶେଫାଳୀର କତି- କେବେ ଫୁଟି ଝରିପଡିବାଟା ମଣିଷର ଆଡୁଆଳରେ । କିଛି ଜାଣି ହୁଏନି ।

ସୃଷ୍ଟିପରି ଏମାନଙ୍କର କାର୍ପଣ୍ୟତା ନାହିଁ । ଶରତର ଖୋଲା ଆକାଶ ମଝିରେ ମୋ ଜାହ୍ନବୀର ଖିଲି ଖିଲି ହସ । ହୃଦୟ ଆକାଶରେ ମେଘବାଦଲର ଲୁଚକାଳି ଖେଳ ଥିରିଥିମା ମଳୟ ସହିତ- ଆଶ୍ୱିନର ଖୋଲା ଆକାଶ । ଦୂରରୁ ପାହାଡ କି ପର୍ବତର ଝାପ୍‌ସା ଛାଇ । ବର୍ଷା ବି ବରସିବାରେ ଅବିଶ୍ରାନ୍ତ । ସେଇଥିପାଇଁ ବର୍ଷାକୁ ମୁଁ ମାନସୀ ଡାକେ । ମାନସୀ ତେଣୁ ଅଭିମାନ କରେ । ପରିଣାମ ସ୍ୱରୂପ- ମୁଁ ଓଦାହେବାକୁ ଚାହେଁ । ଓଦା କରି ସେ ରାଗ ଶାନ୍ତ କରେ ।

ବର୍ଷା ବାଦଲ ଭିତରେ ମନଦିଆ ନିଆ ଖେଳରେ ଜାହ୍ନବୀ କିଛି କହିବା ପରି ମନେହୁଏ ।

ସେ କେଉଁ ଫୁଲପରି ଆଶ୍ୱିନର ଇଷ୍ଟଦେବୀଙ୍କ ପଦାର୍ପଣ କରିପାରେନି । କି ମଣିଷର ହାତ ଆଞ୍ଜୁଳାକୁ ଥରେ ହେଲେ ବି ଆସିନି । ତଥାପି କବିର ହୃଦୟ ତା' ପ୍ରତି ସଂପୂର୍ଣ୍ଣ ଅଲଗା ମତ ପୋଷଣ କରେ । ତାକୁ ଦେଖି କବିର ଅଷ୍ଟରିଷ୍ଟ ଗ୍ରହ ଖଣ୍ଡନ ହୋଇଛି । ଜହ୍ନର ଜ୍ୟୋସ୍ନା ପରି ତା'ହୃଦୟ ତା' ଆଡେ ଟଳି ରହିଛି । ତାକୁ ନେଇ କବି ହୃଦୟ କେତେ ଯେ ବର୍ଣ୍ଣିଛି ତା'ର ତୁଳନା ନାହିଁ । ସୃଷ୍ଟି ଯେମିତି ତା'କୁ କାର୍ପଣ୍ୟତା ନ ରଖି ଦେଇଛି । କାର୍ପଣ୍ୟତା ନ ରଖି ସେ କବି ହୃଦୟକୁ ସେତିକି ଦାନ କରିଛି ।

ଝରିବାକୁ ଅପ୍ରବନ୍ୟା ବର୍ଷା ଆଉ ବର୍ଷା । କେବଳ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଯୌବନରେ ଉବୁଟୁବୁ ବୋଲି ଶରତର ଖୋଲା ଆକାଶରେ ଦୁଗ୍ଧ ପୋଷ୍ୟ ଶିଶୁ ପରି ହସ ଆଉ ହସ। ଶରତ ସକାଳର ମୌସୁମୀ ଜହ୍ନଭିଜା ଗୁଛା ଗୁଛା ମେଘରେ କଳାପାଟ ଫୁଟାଉଛି କାଶତଣ୍ଡୀ। ଅନ୍ଧାର ରାତିର ଦ୍ୱିତୀୟ ଜହ୍ନ ସିଏ। ନୁଉଛୁଣା ଢଙ୍ଗରେ ଚାଲେ ଆଲିଶାନ। ପ୍ରମିଜ୍- ଗୋଟିଏ ପରେ ଆଉ ଗୋଟିଏ। ପାହାଡି ପାଦର କାଶତଣ୍ଡୀ। ସନ୍ଧ୍ୟା ଆଳତୀରେ ମୁଣ୍ଡ ହଲାଏ। ଲୋକଲୋଚନର ନେପଥ୍ୟରେ। ସମାଜର କାତରତାକୁ ଆଖି ଆଗରେ ରଖି ସେ ପ୍ରଥମେ ସମାଲୋଚନାର ଶୀକାର ନ ହେବା ପାଇଁ ଯେତେ ଚାହିଁଛି, ତା ହୃଦୟକୁ ସେ ସେତିକି କଷ୍ଟ ଦେଇଛି ସିନା, କବିର କାପୁରୁଷତା ସେତିକି ରହିଯାଇଛି ଲୁଚକାଳିରେ।

ଚାରିପାଖରେ ଅବନୀର ଅପୂର୍ବ ଶ୍ୟାମଳିମା। କାଶତଣ୍ଡୀ ଯେବେ ବି ପାଉଁଜି ପିନ୍ଧେ- ମଥା ଲହକାଇବା ବଢିଯାଏ। ଯେବେ ବି ଅଳତା ପିନ୍ଧେ-ପ୍ରଥମେ ମୁଁ ହିଁ ତାକୁ ସ୍ୱାଗତ କରେ। କବି ତ ତାକୁ ଯୌବନ ଦେଇଛି। ସେଇଥିପାଇଁ ସୃଷ୍ଟିରେ ହୀରା, ମୋତି ଅଳଙ୍କାର ଗୁଡିକ ତୁଛ ପାଲଟିଯାଏ, କାଶତଣ୍ଡୀ ପାଖରେ।

ମୌସୁମୀ ଦେହର ବର୍ଷା ଝରା ଝରି ପଡଇ ଉର୍ମିର ମର୍ମର ଶବ୍ଦ। ଶରତର ପ୍ରକୃତ କୈବଲ୍ୟ ରୁଣୁଝୁଣୁ ବର୍ଷାରେ ବର୍ଷା ହୋଇ ବହିଯାଏ। କାଶତଣ୍ଡୀ ମଥା ଲହକାଇ ପୂର୍ବପରି ସ୍ୱାଗତ କରେ। ଶରତର ହିମପୁଷ୍ପ ସିଏ। ତାକୁ ନେଇ କଳ୍ପନା ଜଳ୍ପନା ଥରେ ଅଧେ ଶେଷ ହୋଇପାରେନି। ସାଗରର ଉର୍ମି ହେଉ ଅଥବା କ୍ଷୁଦ୍ର କିମ୍ବା ବୃହତ, ପରିଶେଷରେ ସେ ଅଥୟ ଆଉ ଅଧିର। ପକ୍ଷୀପରି ନିରୀହ ସେ- ମନଟା ଯୌବନୀ ପରି ମୌସୁମୀ। ସେଇଥିପାଇଁ ପ୍ରକୃତି ବି ଯାହା ଦିଏ-ପ୍ରକୃତିର ଉପହାର ସିଏ। ସେଇଥିପାଇଁ ପ୍ରକୃତିର ସେ ବ୍ୟାସ ଭିତରେ ସଜଡା ହୋଇ ରହିଯାଏ।

ଧିରେ ଧିରେ କବି ହୃଦୟରେ ବଢିଯାଏ ଉତ୍କଣ୍ଠାର ଜୁଆର। ଖୁସିରେ ସେ ନାଚିଉଠେ। କଲମ ମୂନର କାଳି ନିର୍ଝର। ସେଇଥି ପାଇଁ ବର୍ଣ୍ଣନା ବି ରଚନା ବନ୍ଦ ହୁଏନା। ଯେଉଁ ସମୟରେ କାଶତଣ୍ଡୀ ବିଦାୟ ପାଇଁ ହାତ ହଲାଏ, ଯେମିତି ସେ ମନ୍ଦାକିନୀ। ସେମିତି ତା ପ୍ରକୃତି ହିଁ ସ୍ୱଭାବ। ସବୁ ଦିନ ସବୁ ବୟସ ଅପେକ୍ଷା ଯୌବନଟା ଜହ୍ନ କିରଣ ପରି ହୀରା କି ମୋତି। ହସ ହସ ମୁହଁର ଚାହାଣୀରେ ଲାଗିଯାଏ ତିରିଛି। ଦୃଷ୍ଟି ସୃଷ୍ଟିରେ ଅଦ୍ୱିତୀୟ। ସେଇଥିପାଇଁ କାଶତଣ୍ଡୀର ହସଟା ଶେଫାଳି ପରି ଅବିବେକୀ ଆଉ ବଣମଲ୍ଲୀ ପରି ଅଲାଜୁକି। ଖାଲି ଚହକେ ଆଉ ଚହଟେ। ଗୁଛା ଗୁଛା ଅସରନ୍ତିରେ ବାର୍ତ୍ତା ତଥାପି ଅସରା ଆଉ ଅସରା। ଆଉ ସେ ଖାଲି ନୁଉଛୁଣା ଆଉ ନୁଉଛୁଣା। ମୌସୁମୀ ସେମିତି ସେମିତି ଆସିଯାଏ। ତା'ପରେ ନିରୋଳାର ବସନ୍ତରୁ କୋଇଲିର ଭୃକୁଂଚନ।

ବିଦାୟ ବେଳେ ଶୁନଶାନ୍ ଜହ୍ନ ରାତି।

କହ୍ନୁଆ, ରାଜନଗର, କେନ୍ଦ୍ରାପଡା-୭୫୪୨୨୫

# ମାତୃପୂଜା

ଡକ୍ଟର ବି ଭି ଅଲକା

ଆଦିମାନବର ସୃଷ୍ଟିଠାରୁ ସାଂପ୍ରତିକ ବିଜ୍ଞାନର ପ୍ରଗତି ପର୍ଯ୍ୟନ୍ତ ପୁରୁଷ ଓ ପ୍ରକୃତିର ସହାବ୍ସ୍ଥାନ ରହି ଆସିଛି। ସୃଷ୍ଟିର ପ୍ରାରମ୍ଭରୁ ଦେଖାଯାଇଛି ଯେ ଦୁଇଟି ପାରମାର୍ଥିକ ଶକ୍ତିର କ୍ଷରଣ ନ ହେଲେ ନୂତନ ସୃଷ୍ଟି ସମ୍ଭବ ନୁହେଁ। ଯେପରି ପ୍ରୋଟୋନ୍ ଓ ଇଲେକ୍ଟ୍ରନ୍‌ର ମିଶ୍ରଣରେ ପରମାଣୁ ସୃଷ୍ଟି ହୋଇଥାଏ। ସେହିପରି ଶିବ ଆଉ ଶକ୍ତିର ମିଳନରେ ସୃଷ୍ଟି ସାକାର ରୂପ ଧାରଣ



# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

କରିଥାଏ। ତେବେ ଶକ୍ତିର ପ୍ରାଧାନ୍ୟ ସବୁବେଳେ ଅଧିକ ଥିବା ଲକ୍ଷ୍ୟ କରାଯାଏ।

ଆମେ ଜାଣୁ ଯେ ପିତା ଓ ମାତାଙ୍କର ଉଭୟ ଶକ୍ତି ସମ୍ଭୂତ ହୋଇଥିଲେ ମଧ୍ୟ ଶିଶୁ ଜନ୍ମ ପରଠାରୁ ସେ ମା' କୋଳରେ ହିଁ ବଢେ। ମାତା ପ୍ରତି ଗଭୀର ପ୍ରୀତି କେବଳ ମନୁଷ୍ୟ ସମାଜରେ ନୁହେଁ, ପଶୁପକ୍ଷୀ, କୀଟପତଙ୍ଗ ପରି ସବୁ ପ୍ରାଣୀ ମଧ୍ୟରେ ବି ଦୃଷ୍ଟିଗୋଚର ହୋଇଥାଏ। ଏବଂ ଏହାହିଁ ବିଶ୍ୱର ନିୟମ। ମା'ର ସ୍ନେହ, ପ୍ରେମ, କରୁଣା ଓ ଧୈର୍ଯ୍ୟ ପ୍ରତି ପ୍ରତ୍ୟେକ ସନ୍ତାନ ଆକର୍ଷିତ ହୋଇଥାଏ। 'ମା' ଏକ ଅମୃତ ତୁଲ୍ୟ ଶବ୍ଦ, ଯାହାର ଉଚ୍ଚାରଣ ମାତ୍ରକେ ହିଁ ଶରୀରରେ ପ୍ରଶାନ୍ତିର ବୈଦ୍ୟୁତିକ ତରଙ୍ଗ ଖେଳିଯାଏ। ଏହି ମାତୃଶକ୍ତି ସତେ ଶକ୍ତିଦାୟିନୀ, ଐଶ୍ୱର୍ଯ୍ୟଦାୟିନୀ ଏବଂ ସର୍ବମଙ୍ଗଳକାରିଣୀ। ତେଣୁ ମାତୃଶକ୍ତିର ଉପାସନା ଆବାହମାନ କାଳରୁ ସମାଜରେ ପ୍ରଚଳିତ ଅଛି।

ମାତୃଶକ୍ତିର ଆରାଧନା ପାଇଁ ଦୁର୍ଗା, ଚଣ୍ଡୀ, କାଳୀ, ଭୈରବୀ ପ୍ରଭୃତି ଯେଉଁସବୁ ରୂପର କଳ୍ପନା କରାଯାଇଛି, ସେହି ସବୁ ରୂପ ପ୍ରତି ଅଗାଡ ଭକ୍ତି ଭାବ ରହିବା ଦରକାର। ମା' କୋମଳ ହୃଦୟା ଏବଂ କରୁଣା ଓ ଶାନ୍ତି ପ୍ରଦାୟିନୀ। ପୁଣି ମା'ଙ୍କର ତିନିଟି ରୂପଃ ଜନନୀ, ଭଗିନୀ ଓ ଜାୟା। ଜନନୀ ରୂପରେ ଦଶଭୂଜା ମା ଦୁର୍ଗା, ସକଳ ଅଶୁଭ ବିନାଶିନୀ। ଭଗିନୀ ରୂପରେ ସୁଭଦ୍ରା, ମମତାପୂର୍ଣ୍ଣ ସ୍ନେହାଧିକାରିଣୀ। ସର୍ବୋପରି ଜାୟା ରୂପରେ ପାର୍ବତୀ, ସେ ଚିରନ୍ତନ ପ୍ରେମ ଅଧିକାରିଣୀ। ମା'ଙ୍କର ହୃଦୟ କୁସୁମ ପରି କୋମଳ ହୋଇପାରେ, କିନ୍ତୁ ଏଥି ମଧ୍ୟରେ କଠିନତା ମଧ୍ୟସ୍ଥାନ ପାଇଛି। ଆବଶ୍ୟକ ସ୍ଥଳେ ମା' ସଂଗ୍ରାମରତା ଦୈତ୍ୟଦଳିନୀ ମଧ୍ୟ।

ଶ୍ରୀ ଶ୍ରୀ ଚଣ୍ଡୀଙ୍କର ଅର୍ଗଳା ସ୍ତୋତ୍ରରେ ମା'ଙ୍କର ବିଭିନ୍ନ ଗୁଣାବଳୀ ବର୍ଣ୍ଣନା କରାଯାଇଛି। ଯେପରିକି- 'ଜୟନ୍ତୀ ମଙ୍ଗଳା କାଳୀ ଭଦ୍ରକାଳୀ କପାଳିନୀ। ଦୁର୍ଗା ଶିବା କ୍ଷମା ଧାତ୍ରୀ ସ୍ୱାହା ସ୍ୱଧା ନମୋସ୍ତୁତେ।' ଅର୍ଥାତ, ହେ ଦେବୀ, ତୁମେ ଜୟନ୍ତୀ (ଜୟଯୁକ୍ତା), ମଙ୍ଗଳା (ଜନ୍ମାଦିନାଶିନୀ), କାଳୀ ( ସର୍ବସଂହାରିଣୀ), ଭଦ୍ରକାଳୀ (ମଙ୍ଗଳଦାୟିନୀ), କାପାଳିନୀ (ପ୍ରଳୟ କାଳରେ ବ୍ରହ୍ମାଦିଙ୍କର କପାଳ ହସ୍ତରେ ବିଚରଣ କାରିଣୀ), ଦୁର୍ଗା (ଦୁଃଖପ୍ରାପ୍ୟା), ଶିବା (ଚିତ୍ ସ୍ୱରୂପା), କ୍ଷମା (କରୁଣାମୟୀ), ଧାତ୍ରୀ (ବିଶ୍ୱଧାରିଣୀ), ସ୍ୱାହା (ଦେବପୋଷିଣୀ) ଏବଂ ସ୍ୱଧା (ପିତୃତୋଷିଣୀ) ରୂପା ତୁମକୁ ପ୍ରଣାମ।

ମା' ତୁମେ ସୁଦୁର୍ଲ୍ଲଭା। ଅନ୍ତର ରାଜ୍ୟରେ ତୁମେ ଅନ୍ତର୍ଜ୍ୟୋତି। ତୁମେ ଚେତନାର ଆସ୍ଥାନରେ ବିଦ୍ୟମାନ। ବିପଥଗାମୀକୁ ତୁମେ ସୁପଥକୁ ଆଣ ନିଜ ମହିମାରେ। ଆଶ୍ରିତ, ଅନୁଗତ ସନ୍ତାନକୁ ତୁମେ ବିପଦ ମୁକ୍ତ କରି ନିର୍ଭୀକ କର। ତୁମେ ପୁଣି ଅଷ୍ଟଶକ୍ତି, ଅଷ୍ଟନାୟିକା, ତ୍ରିଲୋଚନା। ତୁମେ ମାହେଶ୍ୱରୀ, ଗୁଣାତୀତା, ସୁଗୁଣା, ସୁଫଳଦାୟିନୀ। ନାନା ଭାବରେ ନାନା ରୂପରେ ଆବିର୍ଭାବ ତୁମର। ତୁମେ ପଦ୍ମାସନା, ଲକ୍ଷ୍ମୀ ସ୍ୱରୂପିଣୀ। ତୁମର ସ୍ନିଗ୍ଧ ଦୃଷ୍ଟି ଆମ ହୃଦୟରେ ସଦ୍‌ବୁଦ୍ଧି ଜାଗ୍ରତ କରିଥାଏ। ହେ ଆନନ୍ଦାସନା, ତୁମର ଆନନ୍ଦଧାରା ଚାରିଦିଗରେ ବ୍ୟାପୀଯାଉ। ପ୍ରତିଟି ମଣିଷ ସଂଯମୀ ହେଉ। ପ୍ରତ୍ୟେକ ହୃଦୟ ଆସନରେ ତୁମେ ବିରାଜମାନ ହୁଅ। ତୁମରି ଚିନ୍ତାରେ, ତୁମରି ଧ୍ୟାନରେ ଗଢିଉଠୁ ପ୍ରକୃତ ମଣିଷ।

ଲୋକେ କହନ୍ତି, ଯେତିକି କର୍ମ କରିବ, ସେମିତି ଫଳ ପାଇବ। ମାତ୍ର ଶ୍ରୀ ରାମକୃଷ୍ଣ ପରମହଂସଙ୍କ ମତରେ ଏହାଥିଲା ଭିନ୍ନ। ସେ କହୁଥିଲେ ଯେ ମା' ଭଗବତୀଙ୍କର ଶରଣାପନ୍ନ ହେଲେ ତାଙ୍କ କୃପାରେ କର୍ମ କ୍ଷୟ ହୋଇଯାଏ। ତେଣୁ କୌଣସି ପ୍ରକାର ଭଲ ବା ମନ୍ଦ ଫଳ ଭୋଗିବାକୁ ପଡେନି। ଶ୍ରୀରାମକୃଷ୍ଣ ମା'ଙ୍କ ପାଦତଳେ ଫୁଲ ରଖି କହିଥିଲେ- "ମା, ତୁମେ ତୁମର ପାପ ନିଅ, ତୁମର ପୂଣ୍ୟ ବି ନିଅ। ତୁମର ଭଲ ନିଅ, ମନ୍ଦ ବି ନିଅ। ତୁମର ଧର୍ମକୁ ନିଅ, ଅଧର୍ମକୁ ବି ନିଅ। ତୁମର ଜ୍ଞାନକୁ ନିଅ, ଅଜ୍ଞାନ କୁ ବି ନିଅ। ମୋର କିଛି ପ୍ରୟୋଜନ ନାହିଁ।" କିନ୍ତୁ ଆମେମାନେ ସାଧାରଣ ପ୍ରାଣୀ ତାହା କରିପାରୁଛେ କି? ଆମେ କେବଳ ତା'ଙ୍କୁ ମାଗୁଛେ। "ରୂପଂ ଦେହି, ଜୟଂ ଦେହି, ଯଶୋ ଦେହି, ଦ୍ୱିଷୋ ଦେହି।" ଅର୍ଥାତ୍ ତୁମେ ଆମକୁ ରୂପ ଦିଅ, ଜୟ ଦିଅ, ଯଶ ଦିଅ ଏବଂ ଆମ ଶତ୍ରୁ ନାଶ କର। ଆମକୁ ଐଶ୍ୱର୍ଯ୍ୟ ଓ ସର୍ବଶ୍ରେଷ୍ଠ ବଳ ପ୍ରଦାନ କର। ଆମକୁ ପରମ ସୁଖ ଦିଅ।

ମା', ଆମର ମନର ଗଭୀର କୋଣରେ ତୁମେ ଅଧିଷ୍ଠିତା। ତେବେବି ତୁମକୁ ଆମେ ଉପଲବ୍ଧି କରି ପାରୁନାହୁଁ। କିନ୍ତୁ କେବଳ ବର୍ଷକୁ ମାତ୍ର ଥରେ ହିଁ ତୁମକୁ ଦେଖିବାର ସୁଯୋଗ ମିଳୁଛି। ମା'ତୁମେ ଦୁର୍ଗତିନାଶିନୀ। ତୁମର ମହାଶକ୍ତିର ଅଗ୍ନିଶିଖାରେ ମଣିଷର ସବୁ ଯନ୍ତ୍ରଣା, ବିଭେଦ, ବିପର୍ଯ୍ୟୟ ନାଶକର ମା'। ଆମକୁ ଆନନ୍ଦ ଦିଅ। ଶାନ୍ତି ଦିଅ।

# ୭୦ କିମି ଦୌଡ଼ିଲା ଆନାଷ୍ଟେସିଆ

ରାଜଗାଙ୍ଗପୁର, ୩/୧୦ (ଇମିସ): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ସୁନ୍ଦରଗଡର କୁନି ଧାବିକା ଆନାଷ୍ଟେସିଆ ବାର୍ଲା ୭୦ କିମି ଦୌଡ଼ିବାରେ ସଫଳ ହୋଇଛନ୍ତି। ପ୍ରଶାସନିକ କଟକଣା ଓ ପାଖରେ ଡାକ୍ତରୀ ଦଳ ନଥିବାରୁ ସୁନ୍ଦରଗଡରୁ ରାଉରକେଲା ପର୍ଯ୍ୟନ୍ତ ୧୦୦ କିଲୋମିଟର ଦୌଡ଼ିବାର ଲକ୍ଷ୍ୟ ରଖିଥିବା ଆନାଷ୍ଟେସିଆକୁ ୭୦ କିମି ଦୌଡ଼ିବା ପରେ ଦୌଡ଼ିବାକୁ ବାରଣ କରାଯାଇଥିଲା।



ଗତକାଲି ଭୋର ୫ଟାରେ ସୁନ୍ଦରଗଡ ଷ୍ଟାଡିୟମ୍ ଛକରୁ ଆନାଷ୍ଟେସିଆ ନିଜର ଅନ୍ୟ ତିନିଜଣ ସାଥୀ, ଚତୁର୍ଥ ଶ୍ରେଣୀରେ ପଢୁଥିବା ବିବିୟାନା ଲାକ୍ରା (୯ ବର୍ଷ), ତୃତୀୟ ଶ୍ରେଣୀରେ ପଢୁଥିବା ମାରିୟାନା କୁଜୁର (୮ ବର୍ଷ) ଓ ଷଷ୍ଠ ଶ୍ରେଣୀରେ ପଢୁଥିବା ଏମିନ୍ ବରୁଆ(୧୧ ବର୍ଷ) ସହ ରାଉରକେଲା ଅଭିମୁଖେ ଦୌଡ ଆରମ୍ଭ କରିଥିଲା। ଏମାନଙ୍କ ଦୌଡ କୁ ରାଜଗାଙ୍ଗପୁର ବିଧାୟକ ଗ୍ରିଗୋରୀ ମିଞ୍ଜ୍ ଅନୁସରଣ କରିଥିଲେ। ଆନାଷ୍ଟେସିଆଙ୍କ ସହଯୋଗୀମାନେ ଅଧାରାସ୍ତାରୁ ଓହରିଯାଇଥିଲେ ମଧ୍ୟ ସେ ନିଜେ ଡାଲ୍ମିଆଁ କଲେଜ ନିକଟରେ ପହଞ୍ଚିଥିଲା। ସେଠାରେ ନିଜ ଜୋତା ବଦଳାଇବାକୁ ଚାହିଁଥିଲା। କାରଣ ନିଜ ଗୋଡକୁ ୪ ନମ୍ବର ଜୋତାର ଆବଶ୍ୟକତା ଥିଲେ ବି ତାହା ନ ମିଳିବାରୁ ସେ ୫ ନମ୍ବର ଜୋତା ପିନ୍ଧିଥିଲା। ସେତେବେଳକୁ ସେ ୬୫ କିଲୋମିଟର ଦଉଡି ସାରିଥିଲା। ଏହାପରେ ପୁଣି ରାଣୀବନ୍ଧଠାରୁ ୬ କିମି ରମାବାହାଲ ପର୍ଯ୍ୟନ୍ତ ଦୌଡ଼ିଥିଲା।

ସୁନ୍ଦରଗଡରୁ ରାଉରକେଲା ପର୍ଯ୍ୟନ୍ତ ୧୦୦ କିଲୋମିଟର ଦୌଡ଼ିବାର ଲକ୍ଷ୍ୟ ରଖିଥିବା ଆନାଷ୍ଟେସିଆକୁ ଜିଲ୍ଲା ପ୍ରଶାସନ ଏଥିପାଇଁ ବାରଣ କରିଥିଲେ। ତେବେ ରାଜଗାଙ୍ଗପୁର ବିଧାୟକ ତଥା ଓଡିଶା ହକି ଦଳର ପୂର୍ବତନ ଖେଳାଳୀ ଗ୍ରିଗୋରୀ ମିଂଜ୍ଙ୍କ ସମର୍ଥନ କ୍ରମେ ସେ ଗତକାଲି ଏହି ଦୌଡରେ ଭାଗ ନେଇଥିଲା।

# ଚିକେନ୍‌ଗୁନିୟା

ବର୍ତ୍ତମାନ ଚିକେନ୍ ଗୁନିୟା ଆମ ଦେଶର ଅନେକ ରାଜ୍ୟରେ ମହାମାରୀର ରୂପ ନେଇସାରିଲାଣି। ବିଗତ ଅନେକ ସପ୍ତାହ ମଧ୍ୟରେ ଏହା ଓଡିଶାର ପୁରପଲ୍ଲୀରେ ମଧ୍ୟ ଭୟାବହ ସଂକ୍ରାମକ ରୋଗ ରୂପରେ ଦେଖା ଦେଇଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ ଆମ ରାଜ୍ୟର ମୁଖ୍ୟତ: ମାଲେରିଆ ପ୍ରବଣ ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଏହା ବହୁଳ ଭାବରେ ଦେଖା ଦେଇଛି। ଏହି ରୋଗର ପ୍ରଥମ ସୂଚନା ଆମକୁ ଗଜପତି ଜିଲ୍ଲା ମୁଖ୍ୟାଳୟ ପାରଳାଖେମୁଣ୍ଡିରୁ ମିଳିଥିଲା ଏବଂ ଏହାର ମାତ୍ର କିଛି ଦିନ ମଧ୍ୟରେ ଏହା ସମଗ୍ର ଜିଲ୍ଲା ତଥା ପାର୍ଶ୍ୱବର୍ତ୍ତୀ ଗଞ୍ଜାମ ଜିଲ୍ଲାକୁ ମଧ୍ୟ ବ୍ୟାପୀଯାଇଥିଲା। ବିଗତ ବର୍ଷ ଡିସେମ୍ବର ମାସରୁ ଏହି ରୋଗ ଭାରତର ଦକ୍ଷିଣରେ ଥିବା ଅନେକ ରାଜ୍ୟରେ ଦେଖାଯାଇଥିଲା। ଏହା ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, କେରଳ, ସମେତ ଓଡିଶାରେ ବି ପ୍ରବେଶ କରିଥିଲା। ଏହା ବ୍ୟତିରେକ ଚିକେନ୍ ଗୁନିୟାର ରୋଗୀ ସୁଦୂର ରାଜସ୍ଥାନ ଓ ଗୁଜୁରାଟ୍‌ରେ ବି ଦେଖିବାକୁ ମିଳିଥିଲା।

ଚିକେନ୍ ଗୁନିୟା ରୋଗ ସମ୍ବନ୍ଧରେ କିଛି ସୂଚନା: ଏହି ରୋଗ ହେଲେ, ଅତ୍ୟଧିକ ମାତ୍ରାରେ ତାପମାତ୍ରା ବଢିଯାଏ। ଶରୀର ପୀଡା ଓ ସମଗ୍ର ଶରୀରରେ ଅସହନୀୟ ଯନ୍ତ୍ରଣା।

ଆଣ୍ଠୁଗଣ୍ଠି ଫୁଲିଯିବା ।
ମାଂସପେଶୀ ଓ ଗଣ୍ଠି ମାନଙ୍କରେ କଷ୍ଟ ।
ମୁହଁ ବୁଲେଇ ବାନ୍ତି ବାନ୍ତି ଲାଗିବା ଏବଂ ବେଳେ ବେଳେ ବାନ୍ତି ହେବା ।
ଚର୍ମ ଉପରେ ଲାଲ ରଙ୍ଗର ଚିହ୍ନ ବି ବେଳେ ବେଳେ ଦେଖାଯାଇଥାଏ ।
କାନ୍ଧସନ୍ଧି, ଅଣ୍ଠା ସନ୍ଧିରେ ଛୋଟ ଛୋଟ ଘା ହେବା ।
ଅତ୍ୟଧିକ ବ୍ୟଥା ଯୋଗୁଁ ରୋଗୀ ଅଧିକାଂଶ ସମୟ୍ ଶଯ୍ୟାସାୟୀ ହୋଇପଡେ ।
ଏହା ଏକ ଭୂତାଣୁ (ଭାଇରସ୍) ଜନିତ ରୋଗ ।
ଏହି ରୋଗ ଏଡିସ୍ କିସମର ମଶାଦ୍ୱାରା ବ୍ୟାପିଥାଏ ।
ସାଧାରଣତଃ ମଶା କାମୁଡିବାର ଦୁଇରୁ ତିନି ଦିନ ମଧ୍ୟରେ ଏହି ଜ୍ୱର ଆରମ୍ଭ ହୋଇଥାଏ ।

ମାତ୍ର ଦୁଇରୁ ପାଞ୍ଚ ଦିନ ମଧ୍ୟରେ ଜ୍ୱର ଆପେ ଆପେ ଭଲ ହୋଇଯାଏ କିନ୍ତୁ ଆଣ୍ଠୁଗଣ୍ଠି ବ୍ୟଥା ସପ୍ତାହ କିମ୍ବା ତତୋଽଧିକ ସମୟ୍ ରହିଥାଏ ଏବଂ ଅନେକ ରୋଗୀ ମାନଙ୍କ ଦେହରେ ଏହି ବ୍ୟଥା ମାସାଧିକ କାଳ ରହେ । ଏହି ଜ୍ୱର ଦ୍ୱାରା କେହି ବି କେବେ ମୃତ୍ୟୁ ମୁଖରେ ପଡିବାର ବିବରଣୀ ମିଳେନି । କିନ୍ତୁ ଏହି ରୋଗପାଇଁ କୌଣସି ବିଶେଷ ଔଷଧ ଆବିଷ୍କାର କରାଯାଇନାହିଁ । ଏହି ଜ୍ୱର ସମୟ୍ରେ ଦୁଇଟି ଜିନିଷ ପ୍ରତି ବିଶେଷ ଧ୍ୟାନ ଦେବାକୁ ହୁଏ, ପ୍ରଥମଟି ହେଲା ଏହି ଜ୍ୱର ସମୟ୍ରେ 'ଆସ୍ପିରିନ୍' ନାମକ ଔଷଧ ବ୍ୟବହାର କରିବା ଅନୁଚିତ । ଏବଂ ଦ୍ୱିତୀୟ୍ଟି ହେଲା, ଷ୍ଟେରଇଡ୍ର ବ୍ୟବହାର ବି କରାଯିବା ଉଚିତ୍ ନୁହେଁ ।

ଅଧିକାଂଶ ରୋଗୀ ରୋଗର ଲକ୍ଷଣକୁ ଆଖିରେ ରଖି ଔଷଧ ସେବନ କରି ଆରୋଗ୍ୟଲାଭ କରନ୍ତି । ଅତ୍ୟଧିକ ଆଣ୍ଟିବାୟୋଟିକ୍ କିମ୍ବା ପେଇନ୍ କିଲର୍ ଇତ୍ୟାଦି ଔଷଧର ବ୍ୟବହାର କରିବା ଦ୍ୱାରା ରୋଗୀ ମୃତ୍ୟୁବରଣ କରିପାରେ । ତେଣୁ ଏହି ରୋଗ ସମୟ୍ରେ ରୋଗୀକୁ ଅତ୍ୟଧିକ ମାତ୍ରାରେ ପାଣି, ଗ୍ଲୁକୋଜ୍, ଓ ଇଲେକ୍ଟ୍ରାଲ୍ ପାଉଡର ପାଣି ପିଇବାକୁ ଦିଆଯିବା ଉଚିତ୍ । ଅଧିକ ମାତ୍ରାରେ ଗଣ୍ଠିବ୍ୟଥା ହେଲେ ପେଇନ୍ କିଲର୍ କିମ୍ବା

କ୍ଲୋରୋକୁଇନ୍ ଖାଇଲେ ରୋଗର ଉପଶମ ହୋଇପାରିବ । ଅଧିକ ବିବରଣୀ ପାଇଁ ଆପଣ ଆମ ନିକଟକୁ ପତ୍ର ଲେଖିପାରିବେ ।

# ମାଷ୍ଟ୍ରେ ଆଜ୍ଞା ସାରେ

ରାସ୍ତାଘାଟ ଶୁନ୍‌ଶାନ୍ । ଜନାରଣ୍ୟ ରାସ୍ତାରେ ଜନବିରଳ, ସମସ୍ତଙ୍କ ମୁଖରେ ଗୋଟିଏ କଥା 'ଘନ ମାଷ୍ଟ୍ରେ ଚାଲିଗଲେ' । ଘନମାଷ୍ଟ୍ରେ କୁଆଡେ ସେ ଅଞ୍ଚଳର ଜଣେ ପୁରୁଣା ଶିକ୍ଷାବିତ୍ । ପୂରାନାମ ଘନଶ୍ୟାମ ପାଣିଗ୍ରାହୀ । 'ତାଙ୍କ ବିୟୋଗରେ ଶିକ୍ଷା କ୍ଷେତ୍ରରେ ଅପୂରଣୀୟ୍ ଶୂନ୍ୟସ୍ଥାନ ସୃଷ୍ଟିହେଲା ।' ଏ କଥା ଭାଇଙ୍କ ମୁହରୁ ଶୁଣି ପ୍ରବଳ ଇଚ୍ଛା ହେଲା ଘନ ମାଷ୍ଟ୍ରଙ୍କ ଶେଷ ଦର୍ଶନ କରିବାପାଇଁ । ମୁଁ ବାହାରି ପଡିଲି । ଘରେ ତାଙ୍କର ପ୍ରବଳ ଜନ ସମାଗମ । ପ୍ରଥମଥର ପାଇଁ ଦେଖିଲି ପ୍ରାଥମିକ ଶିକ୍ଷକଙ୍କ ବିୟୋଗରେ ଜନଗହଳି । ପୂର୍ବରୁ କେବଳ ରାଜନୈତିକ ନେତା କିମ୍ବା ଉଚ୍ଚପଦସ୍ଥ କର୍ମଚାରୀଙ୍କ ମୃତ୍ୟୁରେ ଯାହା ଦେଖିଥିଲି । ଜନଗହଳି ପାର ହୋଇ ସିଧାଗଲି ମୃତ ଶରୀର ନିକଟକୁ । ଚିର ନିଦ୍ରାରେ ମାଷ୍ଟ୍ରେ । ଦେହରେ ସବୁଦିନିଆ ପୋଷାକ, ଧୋତି ଓ ସାର୍ଟ । ହାତରେ କିନ୍ତୁ ବାଡି ନଥାଏ । 'ସେ ବାଡିରେ ଯିଏ ପାହାରେ ଖାଇଛି, ତା'ର ଜୀବନ ଧାରା ବଦଳି ଯାଇଛି ।' ଭାଇଙ୍କଠାରୁ ଶୁଣିଥିଲି । ମୋ ଭାଇ ମାଷ୍ଟ୍ରେଙ୍କ ଛାତ୍ର । ବାଡିଟା ଖୋଜିଲି ଟେବୁଲ୍ ଉପରେ ଥାଏ । ବାଡି ପାଖରେ ଖୋଲା ଡାଏରୀ । ଡାଏରୀ ଉପରେ ପେନ୍, କ୍ୟାପ୍ ଖୋଲା । କିଛି ପୃଷ୍ଠା ଓଲଟାଇଲି, ସେଇଟା ମାଷ୍ଟ୍ରେଙ୍କର । ଶେଷ ଲେଖାରେ ମଗ୍ନଥିଲେ ବୋଧହୁଏ । କୌତୁହଳ ବଶତଃ ତାକୁ ନେଇ ଆସିଲି । ଜାଣିଛି ତାଙ୍କ ପରିବାର ସଦସ୍ୟଙ୍କ ବିନା ଅନୁମତିରେ ଆଣିବା ଭୂଲ୍ । ହେଲେ ଅନୁମତି କାହାକୁ ମାଗିଥାନ୍ତି? ଆଉ ଯଦିଓ ମାଗିଥା'ନ୍ତି, ମିଳିବାର ସମ୍ଭାବନା ଥିଲା କି?

ପାରିବାରିକ ଅସୁବିଧା ଯୋଗୁଁ ମାଟ୍ରିକ୍‌ପରେ ପ୍ରାଥମିକ ଶିକ୍ଷକ ଭାବେ କର୍ମକ୍ଷେତ୍ରରେ ପ୍ରବେଶ କଲି । ମାଷ୍ଟ୍ରେ ଲେଖିଥିଲେ,

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଗୋଟିଏ ଲକ୍ଷ୍ୟ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଆଉ ସୁନାଗରିକ ଗଠନ। ବିଦ୍ୟାଳୟରେ ମୋ ସହ ଆଉ ଦୁଇଜଣ ଶିକ୍ଷକ। ସେମାନଙ୍କ ମଧ୍ୟ ସେହି ବ୍ରତ। ସହକର୍ମୀଙ୍କ ମଧ୍ୟରେ ଥାଏ ସହଯୋଗର ବାତାବରଣ। ସରକାରଙ୍କ ନିର୍ଦ୍ଧାରିତ ପାଠ୍ୟକ୍ରମ ବ୍ୟତୀତ ଛାତ୍ରଛାତ୍ରୀ ମାନଙ୍କୁ କର୍ମଭିତ୍ତିକ ଶିକ୍ଷା, ଯୋଗ ଓ ବ୍ୟାୟାମ ଶିକ୍ଷା ଦିଆଯାଉଥିଲା। ବିଦ୍ୟାଳୟର ହତା ବୃକ୍ଷରାଜିରେ ହସି ଉଠୁଥିଲା।  ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଥିଲା ପିତା ଓ ସନ୍ତାନର ମଧୁର ସଂପର୍କ। ଗ୍ରାମର ସମସ୍ତେ ଆମକୁ ଡାକନ୍ତି 'ମାଷ୍ଟ୍ରେ'। ମାଷ୍ଟ୍ର ମାନଙ୍କୁ ଗ୍ରାମର ବିଶେଷ ବ୍ୟକ୍ତି ରୂପରେ ଗଣନା କରାଯାଉଥିଲା। ଗ୍ରାମର ପର୍ବପର୍ବାଣୀ କିମ୍ବା କୌଣସି ବିଶେଷ କାର୍ଯ୍ୟରେ ଆମ୍ଠାରୁ ପରାମର୍ଶ ନିଆଯାଉଥିଲା। ଆମେ ଖୁସିରେ ଥିଲୁ, କିଛି ଅଭାବ ନଥିଲା। ଜନସଂଖ୍ୟାରେ ଦ୍ରୁତ ଅଭିବୃଦ୍ଧି ଘଟିଲା, ଶିକ୍ଷିତ ବେକାରଙ୍କ ସଂଖାରେ ମଧ୍ୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢିଲା। ଆମ ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା ପୂର୍ବେ ଶହେ ମଧ୍ୟରେ ରହୁଥିଲା। ପରବର୍ତ୍ତୀ ସମୟରେ ଏହା ଅଢେଇ ଶହ ବଢିଲା। ଆମ ବିଦ୍ୟାଳୟରେ ଆଉ ଦୁଇ ଜଣ ମାଷ୍ଟ୍ର ନିଯୁକ୍ତି ହେଲେ। ଅନେକ ପରିବର୍ତ୍ତନ ଆଣିଲେ। ମୋର ଏ ସବୁ ପସନ୍ଦ ହେଉ ନଥାଏ। କିନ୍ତୁ କଣ କରିପାରିଥାନ୍ତି? ପୁରାତନ ସହକର୍ମୀ ଦ୍ୱୟ ଅବସର ନେଲେଣି। ଯୁବକ ମାଷ୍ଟ୍ରଦ୍ୱୟ ପିଲା ଓ ଗ୍ରାମବାସୀଙ୍କ ଠାରୁ 'ମାଷ୍ଟ୍ରେ' ଡାକ ଗ୍ରହଣ କଲେନି, 'ଆଜ୍ଞା' ଡାକିବା ପାଇଁ ପ୍ରବର୍ତ୍ତାଇଲେ। ତାହା ହିଁ ହେଲା।

କିଛି ଦିନପରେ ଆଉ ତିନିଜଣ ଯୁବକ ଆମସହ ଯୋଗଦେଲେ। ଚାଲିଚଳଣିରେ ଆଧୁନିକତାର ଛାପ। ସେମାନଙ୍କମଧ୍ୟରୁ ଦୁଇଜଣଙ୍କ ଘର ଗାଁଠାରୁ ବହୁଦୁରରେ ପ୍ରତ୍ୟହ ସେମାନେ ବିଳମ୍ବରେ ଯାଇ ଶୀଘ୍ର ଫେରିବା ଅଭ୍ୟାସ। ସମୟର ଘୋର ଅଭାବ ସେମାନଙ୍କ ଠାରେ। ଆନ୍ଦୋଳନ କଲେ କେବଳ ସରକାରଙ୍କ ନିର୍ଦ୍ଧାରିତ ପାଠ୍ୟକ୍ରମ ପଢ଼ାଇବା ପାଇଁ, ପ୍ରଶ୍ନ, 'ସତ୍ୟବାଦୀ ବନବିଦ୍ୟାଳୟ କରି ଏହାକୁ ଗତିତୋଳିଲେ ସରକାର କ'ଣ

ଅଧିକ ଅର୍ଥ ଦେବାନା' ପଦୋନ୍ନତି?' ଏହିପରି ଚିନ୍ତାଧାରା ମତେ ଅଦ୍ୟବଧି ସ୍ପର୍ଶ କରିନଥାଏ। ସେମାନଙ୍କ କଥା ରହିଲା। ଛାତ୍ର ଶିକ୍ଷକଙ୍କ ମଧ୍ୟରେ ଦୂରତା ବଢିଲା। ଶିକ୍ଷକ ମହଲରେ ଦେଖାଗଲା ସହଯୋଗର ଘୋର ଅଭାବ। କେବଳ ସ୍ୱାର୍ଥ ହାସଲର ଦୁର୍ବାର କାମନା। ଗ୍ରାମ ବାସୀଙ୍କ ସହ ଯୁବ ଶିକ୍ଷକଙ୍କ ସଂପର୍କ ଆଉ ରହିଲା ନାହିଁ। ମୋର ଶ୍ୱାସରୁଦ୍ଧ ହୋଇଯାଉଥାଏ। ପୁଣି ପରିବର୍ତ୍ତନର ଉଦ୍ୟମ। ଡାକରେ 'ମାଷ୍ଟ୍ରେ ନୁହେଁ, ଆଜ୍ଞା ନୁହେଁ ଏଥର ସାର୍।' ସାର୍ ଉପର ହାକିମ୍‌କୁ ଡକାଯାଏ। କିନ୍ତୁ ଶିକ୍ଷକଙ୍କୁ ମାଷ୍ଟ୍ରେ। ମୋର ଏ କଥା ଶୁଣିବାକୁ ସେମାନେ ନାରାଜ। ପରବର୍ତ୍ତୀ ସମୟରେ ବୟସ ମୋତେ ଦୁରେଇ ଦେଇଥିଲା ଏଠାରୁ। କିଛିଦିନ ତଳେ ବୁଲିଯାଇଥିଲି। ଆମସମୟରେ ଲଗାଯାଇଥିବା ଗଛ ପ୍ରାୟ ନାହିଁ। ସେଠାରେ ଶ୍ରେଣୀ ଗୃହ ମାନ ଠିଆ ହେଲାଣି। ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କୁ ସାର୍ ଡାକୁଛନ୍ତି। ଶିକ୍ଷକତ ନୁହେଁ ଶିକ୍ଷା ସହାୟକ। ଏଠାରୁ କିଛି ଶିକ୍ଷା ସହାୟକ ରାଜଧାନୀ ଯାଇଥାନ୍ତି, ଧାରଣା ଦେବାକୁ। ସେମାନଙ୍କ ଦରମା ଠିକ୍ ସମୟରେ ମିଳୁନି। ଶ୍ରେଣୀରେ ପୁଣି ପାଠ ପଢାହେଉନି। ଏଣୁ ଗ୍ରାମର କିଛି ବେକାର୍ ଯୁବକ ମିଶି କୋଚିଙ୍ଗ୍ ସେଣ୍ଟର ଖୋଲିଛନ୍ତି। ସେଠି ବିଦ୍ୟାଳୟଠାରୁ ଅଧିକ ପିଲା। ସରସ୍ୱତୀ ପୂଜା, ଗଣେଷ ପୂଜା, ଜାତୀୟ ଦିବସ ସବୁ ସେଇଠି ହୁଏ। ଭାବୁଥାଏ, ହାୟ୍। ପ୍ରାଥମିକ ଶିକ୍ଷା ତୁ ଗଲୁ। ତୋର ଗୁରୁତ୍ୱ ଆଉ ନାହିଁ। ଗୁରୁତ୍ୱ କେବଳ ଦଶମ ଆଉ ଯୁକ୍ତ ଦୁଇର। ହେଲେ ପୂର୍ଣ୍ଣାଦି ଆଣ୍ଟ ନହେଲେ ପ୍ରାସାଦ ନିର୍ମାଣ। ବିଧିର ନିୟମ ମାଷ୍ଟ୍ରେଙ୍କ ଚିନ୍ତାଧାରାକୁ ଅଧିକ ବ୍ୟକ୍ତ କରିବାର ସୁଯୋଗ ଦେଇନି। ବିଧ୍ୱସ୍ତ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଓ ଏହାର ଭବିଷ୍ୟତ ଚିନ୍ତା ମାଷ୍ଟ୍ରଙ୍କ ବ୍ଲଡ୍ ପ୍ରେସର୍ ବଢ଼ାଇ ଦେଇଥିବ ବୋଧହୁଏ। ମତେ ଲାଗୁଥିଲା ମୋ ନେଇ କେତୋଟି ଯୁଗ ବିତିଗଲାଣି। ଡାଏରୀଟା କିପରି ଫେରାଇବି? ଚିନ୍ତା ଲାଗୁଥାଏ। ଘଣ୍ଟା ଉପରେ ଆଖି ପଡିଲା। ଆଶ୍ଚର୍ଯ୍ୟ ହେଲି। ଧାଇଁଲି। ମାଷ୍ଟ୍ରଙ୍କ ଘର ଆଡେ। ଡାଏରୀଟିକୁ ଯଥା ସ୍ଥାନରେ ରଖି ଆସିଲି। ମାଷ୍ଟ୍ରେ ଶୋଇଥାନ୍ତି ଚିରନିଦ୍ରାରେ।

ରଘୁନାଥ ପଟ୍ଟନାୟକ, କଂଚୁରୁ, ଗଞ୍ଜାମ

# ହାଲ୍‌କା ହାଲ୍‌କା ମନ: ଛନ୍‌କା ଛନ୍‌କା ପ୍ରେମ

ଅମୀୟ୍ ପଟ୍ଟନାୟକଙ୍କ ପ୍ରଯୋଜିତ ସିନେମାର ଏକ ବ୍ୟବସାୟିକ ଚମକ ଥାଏ। ତାଙ୍କ ପ୍ରଯୋଜିତ ପ୍ରଥମ ସିନେମା 'ହାକିମ ବାବୁ' ମଧ୍ୟ ଏହି ଧାରାରୁ ମୁକ୍ତ ନୁହେଁ। ଏଥିରେ ଥିଲା କଳାତ୍ମକ ସିନେମାର ଆବେଗ ଆଉ ବ୍ୟବସାୟିକ ସିନେମାର ଛଟା। 'ହାକିମ ବାବୁ'ର ଗୀତକୁ ଅନେକ ଦର୍ଶକ ଏ ପର୍ଯ୍ୟନ୍ତ ମନେ ରଖିଥିବେ: କହରେ ଗୋରୀ ତୋ ବେଲୁନ୍‌ରେ ପବନ ନା ପାଣି। ଅମୀୟଙ୍କ ସିନେମାରେ ଆଉ ଯାହା ଥାଉ ଚମତ୍କାର ଗୀତ ଖୁନ୍ଦି ହୋଇଥାଏ। ଅକ୍ଷୟ ମହାନ୍ତି, ସରୋଜ ପଟ୍ଟନାୟକଙ୍କ ପରି ଲୋକପ୍ରିୟ ସଙ୍ଗୀତକାର ଅମୀୟଙ୍କ ପ୍ରଯୋଜନାରେ ଗୀତ ଯୋଖିଛନ୍ତି। ଏବେ ଯେବେ ଅମୀୟବାବୁ ପୁଣି ଫେରିଛନ୍ତି ସିନେ ପ୍ରଯୋଜନାର କ୍ଷେତ୍ରକୁ ସେବେ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠୁଛି କେମିତି ଥିବ ତାଙ୍କ ସିନେମାର ଗୀତ। ତାଙ୍କ ପ୍ରଯୋଜିତ ସିନେମା, 'ପରୀମହଲ୍' ସଂପ୍ରତି ସେପ୍ଟେମ୍ବର ୨୭ ତାରିଖରେ ମୁକ୍ତିଲାଭକରିଛି। ସିନେମାର ସଙ୍ଗୀତ ଦେଇଛନ୍ତି ଅମରେନ୍ଦ୍ର ମହାନ୍ତି, ଗୀତ ଲେଖିଛନ୍ତି ନିଜାମ୍। କଣ୍ଠ ଦେଇଛନ୍ତି, ଲୋପିତା ମିଶ୍ର, ଗୀତା ଦାସ, ବିଭୂକିଶୋର ଓ ବିଭୂ ଦାସ। ଯେମିତି ଅମୀୟଙ୍କ ଅନ୍ୟ ସିନେମା ସବୁରେ ବ୍ୟବସାୟିକ ଦୃଷ୍ଟିକୋଣ ନେଇ ଗୀତ ପରଦାରେ ରଚେ, ଏହି ସିନେମାରେ






ବି ସେମିତି ହୋଇଛି। ଗୋଟିଏ ସଂପୂର୍ଣ୍ଣ ହିନ୍ଦୀଗୀତ ବି ସ୍ଥାନ ପାଇଛି। ଏହି ହିନ୍ଦୀ ଗୀତରେ ଅଛି ପ୍ରେମ ପାଇଁ ଅପେକ୍ଷାର ଛିଟା। ମଜାଦାର ଡୁଏଟ୍ ଗୀତ 'ଓଡିଆ ଟୋକା ଭାରି ଡାଉକା'ରେ ହିନ୍ଦୀ କୋରସ୍‌ର ପ୍ରୟୋଗ ରହିଛି। ଏଥିରେ ଲୋକ ଗୀତର ହାଲକା ସ୍ପର୍ଶ ଅଛି। ଆଉ ଯେଉଁ ଦୁଇଟି ଗୀତ 'ପରୀମହଲ୍'ରେ ଅଛି ସେଥିରେ ଅଛି ନିରୁତା ପ୍ରେମର ଛାପ। ପ୍ରେମ ଗୀତ 'ହାତରୁ ସରଗ ମୋ ଅଳପ ଦୂର'ରେ ଭଲ ପାଇବାର ଉଷ୍ମତାକୁ ଅନୁଭବ କରିହେବ। ଆଉ 'ହାଲ୍‌କା ହାଲ୍‌କା ମନ, ଛନ୍‌କା ଛନ୍‌କା ପ୍ରେମ' ଗୀତର ସଂଯୋଜନା ମନକୁ ମତାଇପାରେ। ହମିଂ ପରିଲାଗୁଥିବା ଏହି ଗୀତରେ ରୋମାଞ୍ଚ ଓ ଶିହରଣ ଅଛି। 'ପରୀମହଲ୍'ରେ ନୃତ୍ୟ ସଂଯୋଜନା କରିଥିଲେ ଚେନ୍ନାଇର ମୁରଲୀବାବୁ, ତାଙ୍କୁ ଏଥିରେ ସହାୟତା କରିଥିଲେ ସ୍ୱର୍ଗତ: ଭବାନୀ ଶଙ୍କର। ସବୁ ଗୀତର ସୁଟିଂ ହୋଇଛି କାଶ୍ମୀରରେ। 'ପରୀମହଲ୍'ର ଗୀତ ଶୁଣିଲେ ମନ ହାଲ୍‌କା ହେବା ଆଉ ପ୍ରେମ ଛନ୍‌କି ଯିବାର ସମ୍ଭାବନା ରହିଛି।

**ଓଡିଆ ଚଳଚିତ୍ର ଜଗତର ହାଲ୍‌ଚାଲ୍ ସମ୍ବନ୍ଧୀୟ ଲେଖା ଯଦି କେହି ବନ୍ଧୁ ଦେବାକୁ ଚାହାନ୍ତି, ଯାହା ନିଜସ୍ୱ ହେଉ କିମ୍ବା କୌଣସି ପତ୍ରପତ୍ରିକାର ସୌଜନ୍ୟରୁ ପାଇଥାନ୍ତି ତା'ହେଲେ ଆମ ନିକଟକୁ ପଠାଇଲେ ତାହା ଆଗାମୀ ସଂଖ୍ୟା ମାନଙ୍କରେ ପୃଷ୍ଠା ମଣ୍ଡନ କରିବ।**

# ମାନସିକ ବ୍ରହ୍ମଚର୍ଯ୍ୟର ଅନୁଚିନ୍ତା

## କୈଳାସ ତ୍ରିପାଠୀ

ଖୁସ୍‌ୱନ୍ତ ସିଂଙ୍କୁ ତାଙ୍କର ଜଣେ ବନ୍ଧୁ କହିଲେ ଯେ, ସେ ତିରିଶ ବର୍ଷର ବୈବାହିକ ଜୀବନ ପରେ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ଶପଥ ନେଇଛନ୍ତି ।

ତାଙ୍କ ପତ୍ନୀଙ୍କ ବୟସ ବଢ଼ିଯାଇଥିବା ସତ୍ତ୍ୱେ ଯେହେତୁ ସେ ସୁସ୍ଥ ଆଉ ସୁନ୍ଦର ଦିଶୁଥିଲେ, ସେଇ ବିଶ୍ଳେଷଣରୁ ବୋଧ ହେଉଥିଲା ମହାଶୟା ଯୌନଭାବନା ଓ ପ୍ରବଣତାରୁ ଅବସର ନେଇ ନଥିବେ ନିଶ୍ଚୟ । ଅଥଚ ତାଙ୍କ ସ୍ୱାମୀଙ୍କ ଶପଥରେ ସହଯୋଗିତା ଦେବା ପାଇଁ ମହାଶୟାଙ୍କର ସ୍ୱୀକୃତି ଥିଲା । ବନ୍ଧୁ ପଚାରିଲେ, 'କହନ୍ତୁ, ମୁଁ ଠିକ୍ ନିର୍ଣ୍ଣୟ ନେଇଚି ନା? ଆପଣ ତ ପ୍ରଚୁର ପୁସ୍ତକ ପଢନ୍ତି । ଜ୍ଞାନୀଗୁଣୀ ଲୋକ । ମୋ' ପ୍ରଶ୍ନର ଉତ୍ତର ନିଶ୍ଚୟ ଜାଣିଥିବେ ।

ଖୁସ୍‌ୱନ୍ତ କହିଲେ- ବନ୍ଧୁ, ପୁସ୍ତକ ଏ ପ୍ରଶ୍ନର ଉତ୍ତର ଦେଇ ପାରିବନି । ଏ ସବୁକଥା ନିଜ ନିଷ୍ପତ୍ତି ଉପରେ ନିର୍ଭର କରେ । ମୋର କିନ୍ତୁ ଧାରଣା ବ୍ରହ୍ମଚର୍ଯ୍ୟ ଭଳି ବ୍ରତ ପାଳନ କରିବା ହିଁ ଭୂଲ୍ । ପ୍ରକୃତି ଓ ପ୍ରବୃତ୍ତି ବିରୋଧରେ ବିପ୍ଳବ କରିବା ଆଦୌ ଠିକ୍ ନୁହେଁ ।

ତା'ହେଲେ ମୁନିଋଷି, ବ୍ରହ୍ମଚାରୀ, ଗାନ୍ଧିଜୀ କଣ ଭୁଲ କରିଥିଲେ? ବନ୍ଧୁ ଜିଜ୍ଞାସା କଲେ ।

ଖୁସ୍‌ୱନ୍ତ କହିଲେ- ପ୍ରଥମେ ମୁଁ ଶେଷ ଚରିତ୍ରରୁ ଆରମ୍ଭ କରୁଛି । ଅର୍ଥାତ ଗାନ୍ଧୀଙ୍କ କଥାରୁ । ଗାନ୍ଧୀ ପ୍ରକୃତି ଆଉ ପ୍ରବୃତ୍ତି ବିରୋଧରେ ଯୁଦ୍ଧ ଘୋଷଣା କରି ପ୍ରଥମ ଭୂଲ କରିଥିଲେ । ତାଙ୍କ ଦ୍ୱିତୀୟ ଭୂଲ୍ ହେଲା, ସେ ତାଙ୍କ ପତ୍ନୀଙ୍କ ସହିତ ବ୍ରହ୍ମଚର୍ଯ୍ୟ ପାଳନ କରିବା ବିଷୟରେ କୌଣସି ଆଲୋଚନା ନ କରି ଏକ ପାର୍ଶ୍ୱିକ ନିଷ୍ପତ୍ତି ନେଇଥିଲେ । ଭୂଲ୍ ସହିତ ଆଉ କେତେକ ଭୟଙ୍କର ଉପଭୂଲ୍ ବି ସେ କରିଥିଲେ ବୋଲି ତାଙ୍କ ସତ୍ୟ ଉଦ୍‌ଘୋଷଣାରେ ସେ ପ୍ରକାଶ କରିଛନ୍ତି । ଏଇ ଯେମିତି, ତରୁଣୀଙ୍କ ଆଶ୍ରୟରେ ପ୍ରବଜ୍ୟା, ତୈଳ ମର୍ଦ୍ଦନ ଓ ନଗ୍ନ ଶୟନ ପ୍ରଭୃତି । ଏ ସମସ୍ତଙ୍କ ଉର୍ଦ୍ଧ୍ୱରେ ଶୀର୍ଷତମ ଭୂଲ୍ ହେଲା ସତ୍ୟ ପ୍ରକାଶ । କୌଣସି କଥା ଗୋପନୀୟ ନ ରଖିବା, ମିଥ୍ୟାଠୁ ଜୀବନାନ୍ତ ପର୍ଯ୍ୟନ୍ତ ଆତ୍ମରକ୍ଷା କରିବା ଭଳି ଭୂଲ୍ ଗାନ୍ଧୀଙ୍କ ଭଳି ମହାତ୍ମାଙ୍କୁ ମଧ୍ୟ ଉପହସନୀୟ କରିବାର ସୁଯୋଗ ପାଇଲା ।

ସେ ଯା'ହେଉ, ଯୌନେଚ୍ଛା ଏମିତି ଏକ ଅଦମନୀୟ ପ୍ରବଣତା, ଯାର ଦମନ ପ୍ରକୃତି ପ୍ରତି ଅବିଚାର ଓ ଭଗବାନଙ୍କ ପ୍ରତି ଅବମାନନାଠୁଁ କମ ନୁହେଁ । ତେଣିକି ତମ ଇଚ୍ଛା । ବ୍ରହ୍ମଚର୍ଯ୍ୟ ପାଳନ କରିପାର ବା ନ କରିପାର ।

ବନ୍ଧୁ ଓ ବନ୍ଧୁପତ୍ନୀ ଉଭୟେ ସ୍ମିତହାସ୍ୟ ପୂର୍ବକ ଚାଲିଗଲେ । ହୁଏତ ବନ୍ଧୁ ତାଙ୍କ ଶପଥ ଭଙ୍ଗ କରିଥିବେ ଓ ଏ ପ୍ରକାର ବାଧ୍ୟତା ମୂଳକ 'ଶପଥଭଙ୍ଗ'କୁ ପାପ ବିରୋଚନା କରି ନଥିବେ ।

ବ୍ରହ୍ମଚର୍ଯ୍ୟକୁ ଅନେକ ମନେ କରନ୍ତି ପବିତ୍ର କର୍ମ । ସେଥିପାଇଁ ଅବିବାହିତ ରହନ୍ତି, ବା ବିବାହିତ ହେଲେ ମଧ୍ୟ ଯୌନକୃପଣ ରହିବାରେ ପସନ୍ଦ କରନ୍ତି । କିନ୍ତୁ ଯୌନ ସଂପର୍କଯେ ପାପ ନୁହେଁ, ଏ କଥା ସେମାନେ ଜାଣନ୍ତି ନାହିଁ । ବା ଜାଣ ମଧ୍ୟ ଅସ୍ୱୀକାର କରନ୍ତି ।

ବ୍ରହ୍ମଚର୍ଯ୍ୟକୁ ନେଇ ଭିନ୍ନ ଧର୍ମର ଭିନ୍ନ ମତବାଦ କଥା ଚିନ୍ତା କରାଯାଉ । ହିନ୍ଦୁ ଧର୍ମରେ ବ୍ରହ୍ମଚର୍ଯ୍ୟର ଗୁରୁତ୍ୱ ଯେତେ ଥାଉ ନା କାହିଁକି, ଯୌନଜୀବନଚର୍ଯ୍ୟା ପରିହାର୍ଯ୍ୟ ବୋଲି କେଉଁଠି କୁହା ଯାଇନି । ଦେବାଦେବୀଙ୍କ ଠାରୁ ଆରମ୍ଭ କରି ବ୍ରହ୍ମର୍ଷି ଓ ମହର୍ଷିମାନେ ବିବାହିତ ଜୀବନ ଯାପନ କରୁଥିଲେ ବୋଲି ପୁରାଣ କହେ । ତା'ଭିତରେ ଥିଲା ସେମାନଙ୍କର ବ୍ରହ୍ମଚର୍ଯ୍ୟର ବ୍ରତ । ତତ୍‌କାଳୀନ ସମାଜରେ ମଧ୍ୟ ଜୀବନର ଚାରି ଅବସ୍ଥାରେ ଥିଲା ବାନପ୍ରସ୍ଥ ଭିତ୍ତିକ ବ୍ରହ୍ମଚର୍ଯ୍ୟ । ଯୌନଜୀବନର ଆବଶ୍ୟକତା ଓ ସଂପୂର୍ଣ୍ଣତା ପରେ ହିଁ ବ୍ରହ୍ମଚର୍ଯ୍ୟ ଅପରିହାର୍ଯ୍ୟ ବୋଲି ମନେ କରାଯାଉଥିଲା । ସେ ପଦ୍ଧତି ଏବେ ମଧ୍ୟ ପରଂପରା ପରି ଜୀବିତ ରହିଛି ।

ଇହୁଦୀ ଧର୍ମରେ ବ୍ରହ୍ମଚର୍ଯ୍ୟ କିଛି ସଂଜ୍ଞା ରଖେନା। ହିବ୍ରୁ ପୁରୋହିତ ମାନେ ବିବାହ କରନ୍ତି ଓ ପରିବାର ମଧ୍ୟ ଗଠନ କରନ୍ତି। ଇସ୍ଲାମିକ୍ ପୀର, ମୁଲ୍ଲା, ଇମାନା ପ୍ରଭୃତି ଧର୍ମୀୟ ନେତାମାନଙ୍କ ବୈବାହିକ ଜୀବନ ପ୍ରତି କୌଣସି ଧାର୍ମିକ ଅଙ୍କୁଶ ନଥାଏ।

ବାଇବେଲ୍ (ମାଥ୍ୟୁ ୧୯, ୧୦-୧୨)ର ବିଶ୍ଳେଷଣ ଅନୁଯାୟୀ ପୁରୁଷର ତିନି ପ୍ରକାରର ଭେଦ ରହିଛି। ସୁସ୍ଥସବଳ ସ୍ଫୁର୍ତ୍ତିମନ୍ତ ପୌରୁଷଯୁକ୍ତ, ନପୁଂସକ ଓ ତୃତୀୟଟି ପ୍ରଥମ ପର୍ଯ୍ୟାୟ ଭୁକ୍ତ ହେଲେ ମଧ୍ୟ ମନୋବୃତ୍ତିରେ ଭିନ୍ନ। ଅର୍ଥାତ୍, କେତେକ ପୁରୁଷ ବିବାହ ବିନା ଏକାକୀ ରହିବାକୁ ଜନ୍ମ ନେଇଥାନ୍ତି ବା ସେମାନଙ୍କୁ ସେଭଳି ତିଆରି କରାଯାଇଥାଏ। ଅଥବା ସ୍ୱର୍ଗପ୍ରାପ୍ତି ଆଶାରେ ବ୍ରହ୍ମଚର୍ଯ୍ୟ ପାଳନ ପାଇଁ ବିବାହ କରନ୍ତି ନାହିଁ।

ଆମ ସାଧୁସନ୍ଥ, ଜୈନ ବା ବୌଦ୍ଧ ଧର୍ମାବଲମ୍ବୀ ସମସ୍ତେ ଜାଣନ୍ତି ରାମ, କୃଷ୍ଣ, ବୁଦ୍ଧ ଏମାନେ ବିବାହ କରିଥିଲେ। ସମସ୍ତେ ଏକଥା ବି ଜାଣନ୍ତି, ଓଶୋ ରଜନୀଶ ଯଦିଓ ବିବାହ କରି ନଥିଲେ, ବ୍ରହ୍ମଚର୍ଯ୍ୟ ଭଳି ଶବ୍ଦ ତାଙ୍କ ଧର୍ମବିଶ୍ୱାସର ସମ୍ବିଧାନରେ ନଥିଲା। ବରଂ ସେ ବିଶ୍ୱାସ କରୁଥିଲେ ସଂଭୋଗ ହିଁ ଆନନ୍ଦଦାୟକ ସଂପର୍କର ସେତୁ। ସଂଭୋଗ ଜନିତ ଆନନ୍ଦ ହିଁ ଭଗବତ୍‌ପ୍ରାପ୍ତି, ଆଉ ସ୍ୱର୍ଗୀୟ ଐଶ୍ୱର୍ଯ୍ୟ ଅଧିକାରର ପ୍ରକୃଷ୍ଟ ମାଧ୍ୟମ। ବ୍ରହ୍ମଚର୍ଯ୍ୟ ମଣିଷକୁ ଅମଣିଷ ବା ଉନ୍ମାଦ କରିଦେଇପାରେ।

ମୋଟାମୋଟି ଖୁସ୍‌ୱନ୍ତଙ୍କ ମତରେ ଯୌନକ୍ରିୟା ଏକ ମୌଳିକ, ଜନ୍ମଗତ, ସ୍ୱାଧିକାରଭୁକ୍ତ, ସ୍ୱାଭାବିକ କାମନା, ଯାହାକୁ ଯେ କୌଣସି କାରଣରୁ ବି ଅବଦମିତ କରାଯିବା ସୃଷ୍ଟିର ନିୟମର ବିପରୀତ ପନ୍ଥା। ବୟସକ୍ରମେ ତାହା ବିସ୍ଫୋରଣ ପର୍ଯ୍ୟାୟରୁ ସ୍ୱତଃ ଅବରୋହଣ କରେ ଶୀତଳ ପର୍ଯ୍ୟାୟକୁ, ଯାହା ଫଳରେ ବ୍ରହ୍ମଚର୍ଯ୍ୟ ହୁଏ ସ୍ୱୟଂ ପ୍ରତିପାଳିତ। ସୃଷ୍ଟି ଯଦି ଏଭଳି ପ୍ରକୃତିଗତ ନୀତିଧାରା ସିଦ୍ଧ କରିଛି, ସେଇଠି ବାଧ୍ୟତା ମୂଳକ ବ୍ରହ୍ମଚର୍ଯ୍ୟ ଆଳରେ ଆମେ ସୃଷ୍ଟି ନିୟମର ବିରୁଦ୍ଧାଚରଣ କରିବାର ସେପରି କିଛି ସମଳ ଯୁକ୍ତି ନାହିଁ।

ତେବେ ଏ କଥା ସତ ଯେ, ବ୍ରହ୍ମଚର୍ଯ୍ୟ ବ୍ରତ ସୃଷ୍ଟି ଓ ପ୍ରକୃତିର ପରିପନ୍ଥୀ ହେବା ଯେତିକି ବିପଜ୍ଜନକ, ସୃଷ୍ଟି ଓ ପ୍ରକୃତି ନାଁରେ ବିଶୃଙ୍ଖଳିତ, ଉଚ୍ଛୃଙ୍ଖଳିତ ଯୌନବ୍ୟାଭିଚାର ମଧ୍ୟ ସୃଷ୍ଟି ଓ ପ୍ରାକୃତିକ ନିୟମର ଉଲ୍ଲଂଘନକାରୀ ଅପପ୍ରବୃତ୍ତି। ଅତ୍ୟାଧୁନିକ ସାଂପ୍ରତିକ ସମାଜ, ଯୁବସମାଜ, ସର୍ବୋପରି ମନୋରଞ୍ଜନ ସମାଜ (ଚଳଚ୍ଚିତ୍ର, ଦୁରଦର୍ଶନ ଓ ଅପେରା ପ୍ରଭୃତି) ମାନସିକ କ୍ଷେତ୍ରରେ ନିଜକୁ ପ୍ରସ୍ତୁତ ଓ ସୁଦୃଢ଼ କରିପାରିବେ କି? ଆପାତତଃ ମାନସିକ ବ୍ରହ୍ମଚର୍ଯ୍ୟ ଆମ ସମାଜ ପାଇଁ ଏବେ ଯଥେଷ୍ଟ ଜରୁରୀ ବୋଲି ଚିନ୍ତା କରାଯାଉ।

(ସ୍ୱୀକାରଃ ଖୁସ୍‌ୱନ୍ତ ସିଂହଙ୍କ '**follow your instincts**' ଅବଲମ୍ବନରେ ସନ୍ଦର୍ଭଟି ସଂରଚିତ)

ଡୁମୁଡୁମା, ଭୁବନେଶ୍ୱର-୧୯

# ଅବୈଧ ଅଧ୍ୟାପକ

## ଆଶୁତୋଷ ମିଶ୍ର

ସେହି ଅଧ୍ୟାପକ ମାନେ ଅବୈଧ। ସେମାନଙ୍କର ନିଯୁକ୍ତିରେ ବୈଧତା ଆସେ ବିଧାନ ସଭାରେ। ସେଠାରେ ନିୟମଟିଏ କରାଯାଇ ଏକ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଇଥିବା ଅଧ୍ୟାପକମାନଙ୍କୁ ବୈଧ ବୋଲି ଘୋଷଣା କରାଯାଇଥାଏ। ନୟାଗଡ, ଖୋର୍ଦ୍ଧା, ବାଙ୍କୀ, କେନ୍ଦ୍ରାପଡା, ଜଗତସିଂହପୁର ଭଳି ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡିକ ମଧ୍ୟରୁ କୌଣସି ଏକ ଅନୁଷ୍ଠାନରେ ଯୋଗଦେବା ବେଳେ ଏ କଥା ଭଲ ଭାବରେ ଜଣାଥିଲା ଅଧ୍ୟାପକ ଆକାଶ ଦାସ। ଏ ଭିତରେ ଚଉଦ ବର୍ଷ ବିତିଗଲାଣି। ଅନେକ ସଂଶୟ, ଦ୍ୱନ୍ଦ ଓ ସଂଘର୍ଷ ଭିତରେ ସେ ଏବେ ବିଚରାଟିଏ ହୋଇ ପଡିଛି। ଶିକ୍ଷକ ସଂଘରେ ସେ ଯୋଗ ଦେଇଛି। ସଂଘୀୟ କାର୍ଯ୍ୟକଳାପରେ ସେ ସ୍ଥିତି-ସୂତ୍ର ଖୋଜିଛି, ଆଶା ପୋଷଣ କରିଛି। ସାଂଗଠନିକ ତତ୍ପରତା ମଧ୍ୟରେ ପାରିବାରିକ ଦାୟିତ୍ୱ ଉପେକ୍ଷିତ ହୋଇଛି। ଆନ୍ଦୋଳନ ବେଳେ ପୁଲିସ୍‌ର ଲୁହବୁହା ଗ୍ୟାସ୍, ଲାଠିଚାଳନା, ଗୋଇଠା ସବୁ ତା'ର ଅସ୍ଥିମଜ୍ଜାଗତ ହୋଇଯାଇଛି। ଫଳ ସ୍ୱରୂପ ୧୯୯୮ ମସିହାରେ 'ବୈଧୀକରଣ ନିୟମ' ଗୃହୀତ ହୋଇଛି। ୧୯୯୨ ମସିହା ଡିସେମ୍ବର ୩୧ ତାରିଖ ଭିତରେ କାର୍ଯ୍ୟରେ ଯୋଗ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର

ଦେଇଥିବା ସମସ୍ତ ଅଧ୍ୟାପକ ଅଧ୍ୟାପିକା ବୈଧ ହୋଇ ଦରମା ପାଇଥିଲେ। ୧୯୯୩ ମସିହାରୁ ଅଧ୍ୟାପକ ରୂପେ ଯୋଗଦାନ କରିଥିବା ଆକାଶ ଦାସ ଏବେ ପ୍ରତିଦିନ ବୈଧତାକୁ ଚାହିଁ ରହିଛି । ଅଧିବେଶନ ପରେ ଅଧିବେଶନ ଗଡିଚାଲିଛି । ଗଡିଚାଲିଛି ତା' ପୁଅ ନଚିକେତାର ସ୍କୁଲ୍ ବସ୍। ବଢିଚାଲିଛି ତା'ର ସଂସାର। ଦଦରା ଡଙ୍ଗାରେ ବି ଛତୁ ଫୁଟେ, ବଢିଚାଲେ। ବଢିଚାଲେ ହୃତ୍ସ୍ପନ୍ଦନ୍ ନୈରାଶ୍ୟ, ପ୍ରବଞ୍ଚନା ଓ ସଂଶୟରେ। ତା'ର ଛାତ୍ରମାନେ ବେଳେବେଳେ ତା'କୁ ଭେଟନ୍ତି। ପାଦ ଛୁଇଁ ପ୍ରଣାମ କରନ୍ତି । କହନ୍ତି, "ସାର୍, ଏଠି ମତେ ଚାକିରୀ ମିଳିଗଲା।" ଆଶୀର୍ବାଦ ଓ ଅନେକ ଶୁଭେଚ୍ଛା ଅଜାଡିଦିଏ ଏମାନଙ୍କ ଉପରେ। ନିଜେ କିନ୍ତୁ ଅଠାକାଠି ପଞ୍ଜୁରୀରେ ଛାଟିପିଟି ହୋଇ ଅଣନିଃଶ୍ୱାସୀ ହୋଇପଡିଥାଏ।

ସବୁଦିନ ଟିଭିରେ ସମ୍ବାଦ ଶୁଣେ ଅଧ୍ୟାପକ ଆକାଶ। ନୂଆ ଖବର ଓ ବିତର୍କ ଭିତରେ ତା' ପାଇଁ ଖୁସିର ଝଲକ ଟିକେ ଶୁଣିବା ପାଇଁ। ସ୍କ୍ରିନ୍‌ରେ ନଜର ପଡିଗଲା ଆକାଶ ଦାସର। ପାଞ୍ଚଶହ ଅଧ୍ୟାପକ ବୈଧୀକୃତ। ନିଜ ଆଖିକୁ ବିଶ୍ୱାସ କରିପାରିଲାନି ସେ। ନିଜକୁ ଆୟତ୍ତରେ ରଖି ସବିଶେଷ ଖବରରୁ ଯାହା ଶୁଣିଲା, ତାହା ଏହିପରି- ୧୯୯୩ ମସିହାରୁ ୧୯୯୮ ମସିହା ଡିସେମ୍ବର ୩୧ ତାରିଖ ପୂର୍ବରୁ ଯୋଗ ଦେଇଥିବା ସମସ୍ତ ଅନୁଦାନ ପ୍ରାପ୍ତ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ମାନଙ୍କୁ ବୈଧୀକୃତ କରିବା ପାଇଁ କ୍ୟାବିନେଟ୍ ସବ୍ କମିଟି ସୁପାରିଶ କରିଥିଲା। ଚାରି ଆଡୁ ଶୁଭେଚ୍ଛା ବାର୍ତ୍ତା ପାଇଲା ଆକାଶ ଦାସ। ସବୁକିଛି ଭଲ ଲାଗିଲା ତା'କୁ। ପ୍ରତିଟି ମୂହୁର୍ତ୍ତ ତା'କୁ ସ୍ୱର୍ଗୀୟ ଆନନ୍ଦ ଦେଲା। ପରଦିନ ଖବର କାଗଜରୁ ଲୋତକାପ୍ଲୁତ ଚକ୍ଷୁରେ ବାରମ୍ବାର ସେହି ସୁଖଦ ସମ୍ବାଦଟି ପଢିଥିଲା ଆକାଶ ଦାସ। ତା'ର ମନେ ପଡିଲା ମାଆଙ୍କ କଥା- ଅଧିକ ଖୁସି ହେଲା ବେଳେ ଆକାଶକୁ ଚାହିଁଦେବୁ ବାପା, ନିଜକୁ ଛୋଟ ଛୋଟ ଲାଗିବ। ଅନିଚ୍ଛା ସତ୍ତ୍ୱେ ସେ ଆକାଶକୁ ଚାହିଁଲା। ମାଆଙ୍କ କଥାଟା କେତେ ଠିକ୍ ସତରେ। ଛୋଟଠାରୁ ଅହୁରି ଛୋଟ ଲାଗୁଛି ନିଜକୁ। ତା ଆଖିଆଗରେ ନାଚି ଯାଉଛନ୍ତି ଗଲିଭର୍ ଭ୍ରମଣ କାହାଣୀର ଲିଲିପୁଟ୍ ମାନେ। ସେ ଯେମିତି ସେମାନଙ୍କ ସହ ଏକାକାର ହୋଇଯାଉଛି। ଉଠେଇପାରୁନି ଚକ୍ ଅବା ଡଷ୍ଟର୍। କୋଟାର ଲେସ୍ ଗୁଡାକ ତାକୁ ମୋଟା ଶାଳଗଛ ପରି ଲାଗୁଛନ୍ତି। ପଢେଇବ କେମିତି? ନିଦ ଭାଙ୍ଗିଲା ବେଳକୁ ଆକାଶକୁ ଚାହିଁ ରହିଛି ସେ। କ'ଣ ପାଇଁ କାଟ୍

ଖାଇଲା ସବ୍ କମିଟି ସୁପାରିସ କ୍ୟାବିନେଟ୍‌ରେ? ସେଠି ଯେଉଁମାନେ (ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଏ ସୁପାରିସ କରିଥିଲେ, ସେଇମାନେ କ୍ୟାବିନେଟ୍ ଭିତରେ ବସି ନିଜ ଛେପ ନିଜେ ଉଦରସ୍ଥ କଲେ କେମିତି? ନିଜକୁ ତଥା ସରକାରଙ୍କର ଅନ୍ୟତମ ବଳିଷ୍ଠ ଅଙ୍ଗ କ୍ୟାବିନେଟ୍ ସବ୍ କମିଟିକୁ ସର୍ବୋପରି ନ୍ୟାୟବନ୍ତ ସରକାରଙ୍କୁ ନିଜ ତରଫରୁ ଅଯୋଗ୍ୟ ଘୋଷିତ କରିବାର ଏହାଠାରୁ ଲଜ୍ଜାକର କଥା ଆଉ କଣ ହୋଇପାରେ?

ସରକାରଙ୍କ ଅପାରଗତାରୁ ପୁଣି ଅଯୋଗ୍ୟ- ଅବାଞ୍ଛିତ ହୋଇଯାଇଛି ଆକାଶ ଦାସ। ପୁଣି କେବେ ଗୋଟେ ସବ୍ କମିଟି ହେବ। ପୁନଃ ମୂଲ୍ୟାୟନ ହେବ ବୈଧତାର। ସମସ୍ତେ ହୃଦୟଙ୍ଗମ କରିବେ। ପୁଣି ସୁପାରିସ କରିବେ, ପୁଣି ସମ୍ମତି ପାଇବ। କ୍ୟାବିନେଟ୍‌ର ବିଧେୟକ ଆଗତ ହେବ ବିଧାନସଭାରେ। ଭୋଟ୍ ହେବ। ବିଲ୍ ଆଇନ୍‌ରେ ପରିଣତ ହେବାପରେ ଅଧାଖୁସି, ଅଧ ଦୁଃଖ ଭିତରେ ସେ ଦୌଡିବ ଡିପିଆଇ ଅଫିସ୍‌କୁ ବାରମ୍ବାର। ନା' ଟ୍ରେଜେରୀ କଥା ଚିନ୍ତା କରିବା ଆଗରୁ ସେ ଥରେ ଆକାଶକୁ ଚାହିଁଦେବା ଦରକାର।

## ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା

ସେ କହନ୍ତି, "ଚିନ୍ମୟୀ ମା' ପୂର୍ଣ୍ଣ ରୂପେ ଆମର ଏଇ ସଂସାରର ମା' ଭିତରେ ପ୍ରକାଶିତା ହୋଇଛନ୍ତି। ତେଣୁ ଜନ୍ମଦାତ୍ରୀ ମା' ପ୍ରତି ସ୍ନେହ ଭକ୍ତି ରଖିଲେ ଚିନ୍ମୟୀର ସ୍ନେହକୃପା ଲାଭ ସହଜରେ ହୋଇପାରିବ।" ତାଙ୍କ ଘରେ ଗୋଟେ ବିଚିତ୍ର ଫୋଟ ଅଛି। ଯାହାକୁ ସେ ପ୍ରତିଦିନ ଧୂପଦୀପ ଦେଇ ପୂଜା କରି ମୁଣ୍ଡିଆ ମାରନ୍ତି। ଫୋଟୋଟି ଉପରେ ମା' ଦୁର୍ଗାଙ୍କର ସୁନ୍ଦର ମୂର୍ତ୍ତି ଥାଏ। ତା' ତଳକୁ ସମାନ ସ୍ତରରେ ନିଜ ଜନ୍ମଦାତ୍ରୀଙ୍କ ଫୋଟୋ ତଳେ

ତାଙ୍କ ହାତ ଲେଖା କେତେ ଧାଡି ଓ ନିଜ ଫୋଟୋତଳେ ଠିକ୍ ସେମିତି ତାଙ୍କ ପିଲାଳିଆ ଅକ୍ଷରରେ କେତେ ଧାଡି ଲେଖାଥାଏ। କୌତୂହଳୀ ହୋଇଦିନେ ଏ ଫୋଟୋର ରହସ୍ୟ ବିଷୟରେ ତାଙ୍କୁ ପଚାରି ଯାହା ଉତ୍ତର ପାଇଲି ଲେଖୁଛି।

ହେତୁ ହୋଇନଥିବା ପିଲାଦିନେ ସେ ନିଜ ପିତାଙ୍କୁ ହରାଇଥାନ୍ତି। ମା' ଥିଲେ ତାଙ୍କର ସର୍ବସ୍ୱ। ମା' ତାଙ୍କୁ ମଣିଷ ପରି ଗଢିବାକୁ ଚାହୁଁଥିଲେ। ଦିନେ ରାତିରେ ମା' କହିଲେ, "ଧନରେ! ଘରଯାକର କେତେ କାମ ମତେ କରିବାକୁ ପଡୁଛି ଦେଖୁଛୁ ତ। ତୁ ଟିକେ ମତେ ସାହାଯ୍ୟ କରନ୍ତୁନି।" ସେ ମା'ଙ୍କ ଉତ୍ତର ଦେଲେ, "ହଁ ମା', ମୁଁ ତତେ ସାହାଯ୍ୟ କରିବି କିନ୍ତୁ ପ୍ରତି କାମ ପାଇଁ ତୁ ମତେ ଦଶ ଟଙ୍କା ଦେବୁ।" କଣ ଟିକେ ଭାବି ମା' ପୁଅର ସର୍ତ୍ତରେ ରାଜି ହୋଇଗଲେ। ଖୁସି ହୋଇ ମା'ଙ୍କୁ ଘର କାମରେ ସାହାଯ୍ୟ କଲେ ସେ। ଯେଉଁ ଟଙ୍କା ମିଳିବ ସେ ଟଙ୍କାରେ ସେ କ୍ରିକେଟ୍ ବଲ୍, ପ୍ୟାଡ୍, ବ୍ୟାଟ୍ ଏମିତି କେତେ କଣ କିଣିବେ। ତହିଁ ଆର ଦିନ କେତୋଟି ଘରକାମ କରିବା ପରେ ସେ ତାଲିକାଟି ରଖିଦେଲେ ମା'ଙ୍କ ଚଷମା ତଳେ। ତାଲିକାଟିରେ ଲେଖାଥିଲା, ଡ୍ରଇଁ ରୁମ୍ ଝଡାଝଡି କରି ପରିଷ୍କାର କରିବା- ଦଶ ଟଙ୍କା, ଗଛରେ ପାଣିଦେବା- ଦଶ ଟଙ୍କା, ସ୍କୁଲ୍ ଯିବାକୁ ପୋଷାକାଦି ପିନ୍ଧିବା- ଦଶ ଟଙ୍କା, ସ୍କୁଲ୍‌ରୁ ଫେରି ଗାଧୁଆପାଧୁଆ ସାରି ଖାଇବା ଟେବୁଲ୍‌ରେ ବସିବା- ଦଶ ଟଙ୍କା, ସର୍ବମୋଟ ଚାଳିଶ ଟଙ୍କା। ଉପରଓଳି ମା' ନିଦରୁ ଉଠି ଚିଠାଟି ପଢି ସେଇ ଚିଠା ଓ ଚାଳିଶ ଟଙ୍କା ସହିତ ଆଉ ଗୋଟିଏ ଚିଠା ପଢା ଟେବୁଲ୍ ଉପରେ ନେଇ ରଖିଲେ। ସେଥିରେ ଲେଖାଥିଲା, ତୋର ଦିନଯାକ ଯତ୍ନ ନେବା- ଶୂନ ଟଙ୍କା, ପିଲାଦିନୁ ତୋ ହାତଧରି ଚାଲି ଶିଖାଇବା- ଶୂନ ଟଙ୍କା, ତୋ ହାତରେ ସିଲଟ ଖଡି ଧରାଇ ଅ ଆ ଶିଖାଇବା- ଶୂନ ଟଙ୍କା, ତୋ ଦେହ ଖରାପ ବେଳେ ରାତି ରାତି ଅନିଦ୍ରା ରହି ସେବା କରିବା- ଶୂନ ଟଙ୍କା, ତୋତେ ଖୁଆଇ ଦେବା- ଶୂନ ଟଙ୍କା, ବଡ ହେଲାପରେ ତୋ ଜାମାପ୍ୟାଣ୍ଟ କାଚି ଇସ୍ତ୍ରୀ କରିବା, ଜୋତା ପାଲିସ କରି ସ୍କୁଲ୍ ପଠାଇବା- ଶୂନ ଟଙ୍କା, ସର୍ବମୋଟ ଏମିତି ଶୂନ ଟଙ୍କା।

ସେଦିନ ସେ ଖେଳସାରି ସନ୍ଧ୍ୟାରେ ଆସି ପଢା ଟେବୁଲ ଉପରେ ଥୁଆ ହୋଇଥିବା ଦୁଇଟା ଚିଠା ଓ ଚାଳିଶ ଟଙ୍କା ଦେଖିଲେ। ସନ୍ଧ୍ୟାବେଳେ ଭାଗବତ ପଢୁଥିବା ମା'ଙ୍କ କୋଳରେ ଗୁଞ୍ଜି ହୋଇ ବସିପଡି ତାଙ୍କୁ ଚାଳିଶ ଟଙ୍କା ଫେରାଇ ଦେଇ କାନ୍ଦି ପକାଇଥିଲେ। ଓ ଏଣିକି ବିନା ସର୍ତ୍ତରେ ମା'ଙ୍କୁ ଘର କାମରେ ସାହାଯ୍ୟ କରିବେ ବୋଲି କହିଲେ। ମା' ତାଙ୍କୁ ସ୍ନେହରେ ଆଉଁସି ଦେଇ ସେ ଟଙ୍କା ତାଙ୍କୁ ଫେରାଇ ଦେଇ ମନଇଚ୍ଛା ଖର୍ଚ୍ଚ କରିବାକୁ କହିଲେ। ସେଇଦିନୁ ସେ ମା'ଙ୍କୁ ଘର କାମରେ ସାହାଯ୍ୟ କରିବାକୁ ଲାଗିଲେ। ମା'ଙ୍କ ଆଶୀର୍ବାଦରୁ ସେ ଦେଶର ଜଣେ ବିରାଟ ବୈଜ୍ଞାନିକ ହେଲେ। ମା'ଙ୍କ ପ୍ରୋତ୍ସାହନ ଯୋଗୁଁ ମାଁ ଦୁର୍ଗାଙ୍କ ପ୍ରତି ତାଙ୍କ ମନ ଢଳିପଡିଲା। ମନରେ ତାଙ୍କର ଜଗଜ୍ଜନନୀ ଚିନ୍ମୟୀ ମା'ଙ୍କ ପ୍ରତି ନାହିଁ ନଥିବା ଭକ୍ତି ଦେଖାଗଲା। ମାତ୍ର ଆଜିଯାଏ ସେ ମା' ଦୁର୍ଗାଙ୍କ ଫୋଟୋତଳେ ନିଜ ଜନ୍ମଦାତ୍ରୀ ମା'ଙ୍କର ଫୋଟୋ ଓ ତାଙ୍କ ହାତଲେଖା ସେଇ ଚିଠି ଓ ନିଜର ପିଲା ଦିନର ଫୋଟୋ ଓ ତାଙ୍କ ପିଲାଳିଆ ଅକ୍ଷରର ଚିଠାଟିକୁ ଗୋଟିଏ ବଡ ଫ୍ରେମ୍‌ରେ ବନ୍ଧାଇ

ପ୍ରତିଦିନ ଦୀପଧୂପ ତା' ତଳେ ଥୋଇ ମୁଣ୍ଡିଆ ମାରି ଆସୁଛନ୍ତି।

ତାଙ୍କ କଥାଟି ଭାରି ଭଲ ଲାଗିଲା। ସୁନ୍ଦର ଭାବରେ ସଜା ହୋଇଥିବା ଫୋଟୋଟି ତଳେ ମୋ ମୁଣ୍ଡ ଲଗାଇ ଦେଇ ତାଙ୍କଠାରୁ ବିଦାୟ ନେଲି।

## ନଈବଢି-ଭିଟାମାଟି

ଏ ବର୍ଷ ନଈବଢି ଆମ ଓଡିଶାରେ ଆତଙ୍କ ସୃଷ୍ଟିକଲା। ଲଘୁଚାପ ଜନିତ ବର୍ଷା ନଈବଢିକୁ ନିମନ୍ତ୍ରଣ କରିଆଣିଲା। ତୁହାକୁ ତୁହା ବର୍ଷାରେ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡିଲା। ଲୋକେ ଭିଟାମାଟି ଛାଡି ବନ୍ଧବାଡରେ ଆଶ୍ରୟ ନେଲେ। ପିଲାଛୁଆଙ୍କଠାରୁ ଆରମ୍ଭକରି ଗାଇ ଛେଳି ପ୍ରଭୃତି ଗୃହପାଳିତ ପଶୁଙ୍କୁ ଧରି ଯାହାକୁ କହନ୍ତୁଇ ଧୋୟା ଅଞ୍ଚଳର ଲୋକେ ହନ୍ତସନ୍ତ ହୋଇଗଲେ।

ଯେଉଁବର୍ଷ ନଈବଢିହୁଏ, ସେ ବର୍ଷ ମନକୁ

## ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଆସିଯାଆନ୍ତି ଷାଠିଏ ବର୍ଷତଳର ପାଠ ପଢ଼ାଉଥିବା ପୂଜ୍ୟଶିକ୍ଷକ ବାମଦେବ ମିଶ୍ରଙ୍କ କଥା। କୁଜଙ୍ଗ ବନବିହାରୀ ହାଇସ୍କୁଲ୍‌ରେ ସେ ଥିଲେ ସାହିତ୍ୟ ଶିକ୍ଷକ। ଚେହେରାଥିଲା ସୌମ୍ୟ ଓ ତେଜୋବନ୍ତ। ଜ୍ଞାନଥିଲା ଅଗାଧ। ପଢାଇବାର ଶୈଳୀ ଅନନ୍ୟ। ମଫ୍‌ସଲ ଅଞ୍ଚଳର ସ୍କୁଲଟି ଅବସ୍ଥିତ ହେବାଯୋଗୁଁ ଚାଷବାସ, ବନ୍ୟା ଇତ୍ୟାଦି ବିଷୟରେ ଆମ୍ଭମାନଙ୍କୁ ଓଡିଆରେ ରଚନା ଲେଖିବାକୁ ପଡିଥାଏ। ପ୍ରତ୍ୟେକ ଛାତ୍ରଙ୍କ ଖାତାକୁ ସୁନ୍ଦର ଭାବେ ସଂଶୋଧନ ପୂର୍ବକ ବାମଦେବ ସାର୍ ମୂଲ୍ୟାଙ୍କନ କରିଥାଆନ୍ତି। ନଈବଢି ସଂପର୍କୀୟ ରଚନା ଲେଖିବା ଅବସରରେ ସେ କେତେଗୋଟି ଦିଗ୍‌ଦର୍ଶନକାରୀ ସୂଚନା ଦେଇଥାନ୍ତି। ସୂଚନା ତାଲିକାର ଶେଷ ସୂଚନା ଥାଏ- ନଈବଢିର ଅପକାରିତା ଓ ଉପକାରିତା। ଅପକାରିତା ବିଷୟରେ ଆମେ ସମସ୍ତେ ଅଳ୍ପବହୁତେ ଲେଖିପାରିଥିଲୁ। ମାତ୍ର ଉପକାରିତା? ପିଲାଳିଆ କଞ୍ଚା ମୁଣ୍ଡରେ ପୋଖତ ଭାବଧାରାର କିଛି ଉଦ୍ରେକ ହେଉ ନଥାଏ। ଗୋଟିଏ ବର୍ଷ ସମସ୍ତଙ୍କ ଖାତା ଦେଖିସାରି ବାମଦେବ ସାର୍ ଆମ୍ଭମାନଙ୍କୁ ନଈବଢିର ଉପକାରିତା ବିଷୟରେ ବେଶ୍ ଦିପଦ କହିଥିଲେ। ସେ କଥାଗୁଡିକ ଏବେ ବି ଆମ ସମସ୍ତଙ୍କ ମନ ସିଲଟ୍‌ରେ ଅଲିଭା ହୋଇ ରହିଯାଇଛି। ଉପକାରିତା ସମ୍ବନ୍ଧୀୟ ଭାବଧାରାକୁ ସେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରନ୍ତି। ସେ ଆଲୋଚନା ଯେତିକି ଭାବଗର୍ଭକ ହୁଏ, ସେତିକି ଶିକ୍ଷଣୀୟ ଓ ଉତ୍ସାହପ୍ରଦ ହୋଇଥାଏ, ଆମ ଛାତ୍ରଛାତ୍ରୀଙ୍କ ପାଇଁ। କହିବା ବାହୁଲ୍ୟ ଯେ ଆମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେଜଣ ଧୋୟା ଅଞ୍ଚଳର ଥିଲେ। ସେତେବେଳେ ସେ ଖଣ୍ଡମଣ୍ଡଳରେ ଏହି ସ୍କୁଲଟି ଥିଲା ଏକମାତ୍ର ହାଇସ୍କୁଲ୍। ତେଣୁ ସବୁଗାଁର ପିଲା ମାନେ ଏଇଠି ପଢୁଥିଲେ। ଧୋୟା ଅଞ୍ଚଳର ପିଲାମାନେ ନଈବଢି ବିଷୟରେ ବେଶ୍ ଅଭିଜ୍ଞତାପୂର୍ଣ୍ଣ ରଚନା ଲେଖିଥିଲେ ବି ଏହାର ଉପକାର ସମ୍ବନ୍ଧରେ ଏତେଟା ସ୍ପଷ୍ଟ ନଥିଲେ। ବିଶେଷତଃ ବାମଦେବ ସାର୍ ଯେଉଁ ଦୃଷ୍ଟିକୋଣରୁ ଏହାର ବିଶ୍ଳେଷଣ କରିଥିଲେ, ସେ ଦୃଷ୍ଟିକୋଣର ଅଭାବ ଅଳ୍ପବହୁତ ସବୁ ଧୋୟାପିଲାଙ୍କୁ ବି ଥିଲା। ଆମ ରଚନା ଖାତା ଗୁଡିକ ଆମ୍ଭହାତକୁ ବଢ଼ାଇଦେଇ ସାର୍ ଆମ୍ଭମାନଙ୍କୁ ଶ୍ରୁତିଲିଖନ ଡାକିଥିଲେ, 'ନଈବଢିର ଉପକାରିତା' ସମ୍ବନ୍ଧରେ। ତାଙ୍କର ସେଇ କେତୋଟି ବାକ୍ୟ ଏବେବି ମନେ ଅଛି- 'ନଈବଢି ଲୋକମାନଙ୍କ ମନରେ ଭୟସଂଚାର କରିଥାଏ। କୃଷକ ମାନଙ୍କ ଧାନ ଫସଲକୁ ଉଜାଡିଦେବା ସଙ୍ଗେ ସଙ୍ଗେ ସେମାନଙ୍କ ବାସଗୃହର, ଗାଁ ରାସ୍ତାର ଅନ୍ୟାନ୍ୟ ଫସଲର ବହୁତ କ୍ଷତି କରିଥାଏ। କେତେକ ସ୍ଥଳରେ ସେମାନଙ୍କ ବାସଗୃହ ଭିତରକୁ ବିଛା, ସାପ ପ୍ରଭୃତି ପଶିଆସି ସେମାନଙ୍କୁ ଭୟାର୍ତ୍ତ କରିଛାଡିଦିଏ। ପ୍ରାୟ ସମସ୍ତେ ମନେ ମନେ ସ୍ଥିର କରନ୍ତି ଯେ ବଢିପରେ ଏ ଗାଁ ଛାଡି ବଢି ନ ହେଉଥିବା ଆଉ କେଉଁ ଗାଁ କୁ ଚାଲିଯିବେ। ମାତ୍ର ବଢିପରେ ପରେ ବିଲବାଡିରେ ଜମିଯାଇଥିବା ପଟୁମାଟି ଯୋଗୁଁ ସେମାନେ ଦ୍ୱିଗୁଣ ଫସଲ ଉତ୍ପାଦନ କରନ୍ତି ସେଇବର୍ଷ ନଈବଢି ବର୍ଷ। ମାର୍ଗଶିର ପୌଷ ମାସର ସୁନାରଙ୍ଗର ଧାନ ଓ ହସିଲା ଅନ୍ୟାନ୍ୟ ଫସଲ ସେମାନଙ୍କର ସବୁ ଦୁଃଖ ହରଣ କରିନିଏ। ଫସଲ ଅମଳ କରି ଘରକୁ ଆଣି ମାର୍ଗଶିର ମାସରେ ଚିତାପକାଇ ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ପୂଜା କରିବା ଅବସରରେ ସେମାନେ ନିକଟ ଅତୀତର

ସବୁ ଦୁଃଖକୁ ଭୁଲି ପୁଣି ଭିଟାମାଟିକୁ ଚୁମା ଦେଇ ତାରି କୋଳକୁ ଆଦରି ନିଅନ୍ତି। ବିଲକୁ ଉର୍ବର କରି ଉତ୍ତମ ପରିମାଣର ଫସଲ ଉତ୍ପାଦନକ୍ଷମ କରିବା ନଈବଢିର ଏକ ଅନନ୍ୟ ଅବଦାନ।

# ଓଡିଆଣୀଙ୍କ ଭାବମୂର୍ତ୍ତି

## ହରପ୍ରସାଦ ଦାସ

ଓଡିଆଣୀଙ୍କ ଆଣ୍ଟ ବା ଟାଣପଣ ସେମାନଙ୍କ ଲକ୍ଷ୍ମୀ ପଣିଆରେ। ଲକ୍ଷ୍ମୀଙ୍କ ଭାବମୂର୍ତ୍ତିରେ ଓଡିଆଣୀର ଚରିତ୍ର ନିର୍ମାଣ କରିବାର ଯେଉଁ ଆୟୋଜନ 'ଲକ୍ଷ୍ମୀପୁରାଣ'ରେ ସନ୍ଥ ବଳରାମ କରିଗଲେ ତା'ର ତତ୍କାଳୀନ ଆବଶ୍ୟକତା ଷୋଡଶ ଶତାବ୍ଦୀରେ କାହିଁକି ଥିଲା ସେଥିପାଇଁ ଭକ୍ତିକାଳର ଅସ୍ତାଚଳକୁ ଯିବାକୁ ହେବ।

## ଅସୀମ ଆଶା ଓ ଅଣାୟତ ଉନ୍ମାଦନାର



ଏଇ ଷୋଡଶ ଶତାବ୍ଦୀର ଶେଷ ସୁଦ୍ଧା ଓଡିଶାରେ ଭକ୍ତିକାଳ ତୁଙ୍ଗରେ ପହଞ୍ଚି ପୁଣି ଅବରୋହୀ ହେବାର ସ୍ପଷ୍ଟ ଲକ୍ଷଣ ମାନ ଦିଶିବା ଆରମ୍ଭ ହୋଇଯାଇଥିଲା । ଅଚ୍ୟୁତାନନ୍ଦ ତା'ଙ୍କ ନିଜ ମାର୍ଗରେ ସମାଜସଂସ୍କାର ସହିତ ଗୁହ୍ୟବିଦ୍ୟାର ଲୋକପ୍ରତିଷ୍ଠା ପ୍ରତି ମନଯୋଗୀ ହୋଇଥିଲେ। ଜଗନ୍ନାଥ ଦାସ (ତାଙ୍କ କଥା ପରେ) ଲୋକଭାଷାର ଉନ୍ମେଷ ସହିତ ଧର୍ମଧାରାର ଲୋକାନୁଷ୍ଠାନ ନିର୍ମାଣରେ ବ୍ରତୀ ହୋଇଥିଲେ। ବଳରାମ ଦାସଙ୍କ କାମ କିନ୍ତୁ ଥିଲା ତୃଣମୂଳ ସ୍ତରରେ। ବଳରାମଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସେତେବେଳେ ପୁରୁଷୋତ୍ତମ ପୀଠରେ ସନ୍ଦେହ କିଛି କମ ନଥିଲା। ଏ ସନ୍ଥ ନିଜ ପରିଧାନରେ ନାରୀ ସହବାସର ଚିହ୍ନ ନେଇ, ଅଶୌଚ କଳେବରରେ, ଟେଳାଏ ଭାଙ୍ଗ ପକାଇ ଉନ୍ମତ୍ତ ଅବସ୍ଥାରେ ରଥା ଦାଣ୍ଡରେ ଜଗନ୍ନାଥଙ୍କ ରଥ ଉପରକୁ ଚଢିଯିବାକୁ ବସିଥିବା ବେଳେ ପଣ୍ଡା ପୂଜାରୀଙ୍କ ଦ୍ୱାରା ଲାଞ୍ଛିତ ହୋଇ, ବେଳାଭୂମୀରେ ବାଲିରଥ ନିର୍ମାଣ କରି ଠାକୁରଙ୍କୁ ନିଜ ପାଖକୁ ଟାଣି ଆଣିଥିଲେ ବୋଲି ମଧ୍ୟ କିମ୍ବଦନ୍ତୀ ଗୋଟିଏ ଚଳେ। ଆହୁରି ମଧ୍ୟ କୁହାଯାଏ ଯେ ବଳରାମ ସଂପୂର୍ଣ୍ଣ ଚୈତନ୍ୟପନ୍ଥୀ ହୋଇ ନିଜର ଆସ୍ଥା ତ୍ୟାଗ କରି ପ୍ରେମଭାବରେ ମତ୍ତ ହୋଇ ବୁଲୁଥିଲେ। ଏ ସବୁ କିମ୍ବଦନ୍ତୀ ବଳରାମଙ୍କୁ ତାଙ୍କର ସତୀର୍ଥ ମାନଙ୍କଠାରୁ ଅଲଗା କରି ଚିହ୍ନାଏ, ଯଦିଓ ଏ ସବୁ କିମ୍ବଦନ୍ତୀର ସତ୍ୟତାକୁ ବଳରାମଙ୍କ ସାମଗ୍ରିକ କୃତିରେ ପରଖିଲେ ଦିଶିଯାଏ ଯେ ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ସନ୍ଥଙ୍କର ଅପାରଂପରିକ କାର୍ଯ୍ୟଶୈଳୀକୁ ସହଜରେ ଗ୍ରହଣ କରିନପାରି ଗୁଡିଏ ଅତିରଞ୍ଜିତ କରି ସାମାନ୍ୟ ସତ୍ୟକୁ ସମଗ୍ର ବ୍ୟକ୍ତିତ୍ୱର ନିୟାମକ କରି ଠିଆ କରାଇ ଦିଆଯାଇଥିଲା। ସତ କହିଲେ 'ରାମାୟଣ' ଓ 'ଲକ୍ଷ୍ମୀପୁରାଣ'ର ରଚୟିତା ଏହି ସନ୍ଥ ଉଚ୍ଛୃଙ୍ଖଳ ବା ଅସାମାଜିକ ନ ହୋଇ ନିଜକୁ ଉପହସିତ କରିବାର ବା ସଂପୂର୍ଣ୍ଣ ଚୈତନ୍ୟପନ୍ଥୀ ହୋଇ ଓଡିଆ ଭାବଧାରାକୁ ଛାଡିଦେଇ 'ସହଜିଆ' ହୋଇଯିବାର କୌଣସି ନିର୍ଭରଯୋଗ୍ୟ ପ୍ରାମାଣିକ ଆଲେଖ୍ୟ ନାହିଁ। ତେବେ, 'ନାରୀବିମର୍ଶ' ଓ 'ଦଳିତ ବିମର୍ଶ'ର ନିର୍ମାତା ବଳରାମ ଓଡିଆଙ୍କ ସମାଜରେ ଗୋଟିଏ ଆଚାର ସଂହିତା ପ୍ରତିଷ୍ଠିତ କରିବାର ପ୍ରେରଣା ଯେ ତତ୍କାଳୀନ ସମାଜର ଧର୍ମୀୟ ଆଚାରହୀନତା ଓ ସଂସ୍କାରଭ୍ରଷ୍ଟଙ୍କ ଉନ୍ମାସିକତାର ପ୍ରତିରୋଧରୁ ପାଇଥିବେ ଓ ଏଥିପାଇଁ ନିଜକୁ ଅପାଂକ୍ତେୟଙ୍କ ଗୋଷ୍ଠୀରେ ମିଶାଇ ଓଡିଆ ସମାଜ- ଚୈତନ୍ୟକୁ ମୂଳରୁ ପ୍ରଭାବିତ କରିବା ପାଇଁ ଅଗ୍ରସର ହୋଇଥିବେ, ଏଥିରେ ସନ୍ଦେହ ନାହିଁ। ଲକ୍ଷ୍ମୀପୁରାଣର ଅନୁଶୀଳନରୁ ସହଜରେ ସ୍ପଷ୍ଟ ହୋଇଯିବ ଯେ ଓଡିଆ ସମାଜରେ ଓ ବିଶେଷତଃ ଓଡିଆ ପରିବାରରେ ଗୋଟିଏ ଆଚାର ସଂହିତା ପ୍ରବର୍ତ୍ତିତ କରି ବଳରାମ ଦାସ ଓଡିଆଙ୍କ ଅନ୍ତଃକରଣରେ ସ୍ଥାୟୀ ହୋଇଗଲେ। ସେଇ ସ୍ଥାୟୀ ଭାବ ଏବେବି ଓଡିଆଙ୍କ ସାଧାରଣ ଗୃହୀ ଜୀବନର ଗୋଟିଏ ବଡ ସୂତ୍ର ହୋଇ ରହିଛି। ସେ ଆଚାର ସଂହିତାର ନିର୍ମାଣ ହେଲା 'ଲକ୍ଷ୍ମୀପୁରାଣ'ରେ।

ଗୋଟିଏ ଜାତିର ପରିଚୟ ତା'ର ରାଜନୈତିକ ପ୍ରତିଷ୍ଠା ବା ଧର୍ମଧାରାର ବିପୁଳତାରୁ ମିଳେନି। ଜାତିର ପରିଚୟ ମିଳେ



ତାର ନ୍ୟୁନତମ ଅବିନିମୟୀ ଆଚାର ସଂହିତାରୁ । ଏ ଆଚାର ସଂହିତାର ବୃହତ୍ତର ସାମାଜିକ ସନ୍ଦର୍ଭ ଥାଇପାରେ, କିନ୍ତୁ ଯାହା ସିଧାସଳଖ ଦିଶେ ତାହା ହେଉଛି ଓଡିଆଙ୍କ ପାରିବାରିକ ଜୀବନରେ କ୍ଷୁଦ୍ର ଆଚାରମାନଙ୍କର ବିଶେଷ ପ୍ରତିଷ୍ଠା । ଏଇ ଅର୍ଥରେ, ଆହୁରି ସ୍ପଷ୍ଟ କରି କୁହାଯାଇପାରେ ଯେ ଓଡିଆଙ୍କ ଆଚାର ସଂହିତାକୁ ମୁଖ୍ୟତଃ ନାରୀର କର୍ତ୍ତବ୍ୟ ତାଲିକାରେ ସାମିଲ କରି ବଳରାମ ସଂହିତା ପାଳନର ଗୋଟିଏ ବ୍ୟବହାରିକ ଦିଗ ଉନ୍ମୋଚିତ କଲେ। ପରିବାରର ପୁରୁଷ ପାଇଁ ବିଶେଷ କିଛି କରିବାର ନାହିଁ, ଯାହା କିଛି ସମ୍ଭବ ଓ ଯାହା କରାଯାଇପାରେ ତାହା ନାରୀର ଶକ୍ତିକ୍ଷେତ୍ର ଅନ୍ତର୍ଭୁକ୍ତ । ଆଚାର ସଂହିତାର ଏଭଳି ସାହସିକ ପ୍ରଚଳନ ପଛରେ ବଳରାମଙ୍କର କୌଣସି ଗୋପନ ଅଭୀଷ୍ଟ ଥିବାର କଳ୍ପନା ନ କରି, ଭଲ ହେବ ଯଦି ସେ ଆଚାର ସଂହିତାକୁ, ଖୋଲି ଦେଖାଇ ଦିଆଯାଏ । ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବାର ବିଧି ଓ ତାଙ୍କୁ ରୁଷ୍ଟ କରିବାର ଅପକର୍ମ ଗୁଡିକ 'ଲକ୍ଷ୍ମୀପୁରାଣ'ରେ ଏହିପରି:

'ଗୁରୁବାର ଲକ୍ଷ୍ମୀଙ୍କ ବାର । ଏହି ଦିନ ଦ୍ୱାର ଗୋମୟରେ ଲିପା ହେବ ଓ ଦ୍ୱାରରେ ଗୋବର ଜଳ ଦିଆଯିବ । ଗୁରୁବାର ଦିନ ଖଇ ଭାଜିବ ନାହିଁ କି ଖାଇବ ନାହିଁ। ସେଦିନ ମୁଣ୍ଡ ଧୋଇବ, ଧଳା ଲୁଗା ପିନ୍ଧିବ । ଶଯ୍ୟା ବକ୍ର କରିବ ନାହିଁ। ବେଳ ଗଡିଗଲା ପରେ ସନ୍ଧ୍ୟା ଦୀପ ଦେବା ଗର୍ହିତ । ଗୁରୁବାରେ ତୁଳା ଭିଣିବ ନାହିଁ। ହାଣ୍ଡିଧୋଇ କଳା ଛଡାଇବ । ଚୁଲିରୁ ପାଉଁଶ କାଢିବ । ପିଲାଙ୍କୁ ଗୁରୁବାରେ ମାରିବ ନାହିଁ । ଗୁରୁବାର, ଅମାବାସ୍ୟା ଓ ସଂକ୍ରାନ୍ତିରେ ରାତିରେ ଭୋଜନ କରିବ ନାହିଁ। ଏହି ଦିନ ମାନଙ୍କରେ ତିକ୍ତ ପଦାର୍ଥ ଖାଇବ ନାହିଁ। ଏ ଦିନ ମାନଙ୍କରେ ଶୃଙ୍ଗାର ବର୍ଜିତ । ଗୁରୁବାର ଦିନ ପୋଡାଦ୍ରବ୍ୟ ଖାଇବ ନାହିଁ। ଗୁରୁବାର ଶୁକ୍ଳ ଦଶମୀ ଦିନ ସୁଦଶା ବ୍ରତ ଓ ମାର୍ଗଶୀର ଗୁରୁବାର ମାଣବସା । ଏ ବ୍ରତ ସବୁ ଓଡିଆଣୀ ମାନେ କରିବେ । ଗୁରୁବାର ଦିନ ଓଡିଆଣୀ ଅଇଁଠା ଖାଇବ ନାହିଁ। ଗୁରୁବାର, ଅମାବାସ୍ୟା ଓ ସଂକ୍ରାନ୍ତି ଦିନ ଦାନପୁଣ୍ୟ କରିବ, ମନଯୋଗ ଦେଇ ରାନ୍ଧି ବ୍ରାହ୍ମଣଙ୍କୁ ଖୁଆଇବ । ଗୁରୁବାର ଦିନ ଅଁଳା ଖାଇଲା ଲକ୍ଷ୍ମୀଙ୍କ ଖୁସି । ସିନ୍ଦୂର, କଜ୍ଜଳ ଓ ହଳଦୀ ଲଗାଇଲେ ଓଡିଆଣୀଙ୍କ ଉପରେ ଲକ୍ଷ୍ମୀ ପ୍ରସନ୍ନ । ଓଡିଆଣୀଙ୍କ ପାଇଁ ପ୍ରାତଃଅ ସ୍ନାନ ବିଧି । ଓଡିଆଣୀ ଅଶୌଚ ଅବସ୍ଥାରେ ଲକ୍ଷ୍ମୀଙ୍କ ଆସ୍ଥାନ ଛୁଇଁବ ନାହିଁ। ହିଂସା କରୁଥିବା, ପର ପତିକୁ ଆଶା କରୁଥିବା ଓ ଅତିଥିକୁ ନ ଦେଇ ନିଜେ ଭୋଜନ କରୁଥିବା ଓଡିଆଣୀ ଲକ୍ଷ୍ମୀଙ୍କ ଦୃଷ୍ଟିରେ ପାପିନୀ । ଉତ୍ତରକୁ ମୁହଁକରି ଭୋଜନ କରିବା ମନା, ଉତ୍ତରକୁ ମୁଣ୍ଡ କରି ଶୋଇବା ମନା । ପଶ୍ଚିମକୁ ମଧ୍ୟ ମୁଣ୍ଡ କରି ଶୋଇବା ମନା । ପଶ୍ଚିମ-ଦକ୍ଷିଣ ମୁହଁରେ ଦୀପ ବସାଇବା ଗର୍ହିତ । ପ୍ରଦୀପ ଛାୟାରେ ବସି ଭୋଜନ କରିବା ମନା । ଅଇଁଠା ହାତରେ ଦୀପ ଛୁଇଁବା ମନା । ଭଣ୍ଡାରି ଦୁଆରକୁ ଯାଇ କ୍ଷୌର ହେବା ମନା । ଭୋଜନ ସମୟରେ ଅନ୍ନ ତଳେ ପକାଇଲେ ଦୋଷ । ଖାଇ ନପାରି ଫିଙ୍ଗିଲେ ଦୋଷ । କନ୍ୟା ଓ ତୁଳା ମାସରେ ଶ୍ରାଦ୍ଧ ନ ଦେଲେ ଅପରାଧ । କଥା କହୁ କହୁ ସବୁବେଳେ ହସିଲେ ଦୋଷ । ଗୁରୁବାର ଓ ବୁଧବାର ଦିନ ଧାନ ଦେଲେ ଅପରାଧ, ସୁନା ବିକିଲେ ଅପରାଧ । ଲଙ୍ଗଳା ହୋଇ ଶୋଇଲେ ଦୋଷ । ଶାଶୂ ଶ୍ୱଶୂରଙ୍କୁ ନ ମାନିଲେ ଦୋଷ । ଅମାବାସ୍ୟା ଓ ସଂକ୍ରାନ୍ତିରେ ହଳ ବୁଲାଇଲେ ଦୋଷ, ଦେହରେ ତେଲ ଲଗାଇଲେ ଦୋଷ । ପାଦ ଉପରେ ପାଦ ଦେଇ ବସିଲେ ଅପରାଧ, ସଭାରେ ବସି ମିଛ କହିଲେ ଅପରାଧ । ଅଳସୁଆ ହୋଇ ପାଦ ନ ଧୋଇଲେ ଅପରାଧ । ଅଶୁଚି ବସ୍ତ୍ର ପିନ୍ଧି ଖାଇଲେ ଦୋଷ । ବ୍ରାହ୍ମଣ ଓ ଅଗ୍ନିଙ୍କ ମଧ୍ୟଦେଇ ଗଲେ ଅପରାଧ । ମାନ୍ୟ ଲୋକଙ୍କୁ ମାନ୍ୟ ନ କଲେ ଅପରାଧ । ସ୍ୱାମୀର ସେବା ନ କଲେ ଅପରାଧ, ସ୍ୱାମୀକୁ କୁବାକ୍ୟ କହିଲେ ଅପରାଧ । ଭିକ୍ଷୁକକୁ ଭିକ୍ଷା ନ ଦେଲେ ଅପରାଧ । ଓଡିଆଣୀକୁ କଖାରୁ ବା ଲାଉ କାଟିବା ମନା । ପରଦ୍ରବ୍ୟ ଚୋରୀକଲେ ପାପ । ସନ୍ଧ୍ୟା ନ କରୁଥିବା ବ୍ରାହ୍ମଣ ଅନାଚାରୀ । ପାଦ ନଧୋଇ ଦେବତା ପୂଜା ଗର୍ହିତ । ଗୁରୁବାର ଦିନ ଧାନ ସିଝାଇବା, ନଖ କାଟିବା ମନା । ମଇଳା ଲୁଗା ପିନ୍ଧିବା ଦୋଷ । ସୁନା ହଜାଇ ଦାନ ନ ଦେଲେ ଦୋଷ । ତୁଳସୀ ବୃକ୍ଷରେ ଜଳ ନ ଦେଲେ ଦୋଷ । ବହୁ ସମୟ ବସି ବସି ଖାଇବା ମନା ।'

ଯାହା ମନା କରାଯାଇଛି ସେ ସବୁ କଲେ ବା ଯାହା

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

କୁହାଯାଇଛି ସେ ସବୁକୁ ନ କଲେ କାନ୍ଧରୁ ଲକ୍ଷ୍ମୀ ଛାଡିଯିବେ। ଲକ୍ଷ୍ମୀ ଛାଡିଯିବେ ମାନେ ଅନ୍ନକଷ୍ଟ ହେବ, ଘୋର ଦାରିଦ୍ର୍ୟ ଘୋଟିଯିବ, ଥିବା ପଦାର୍ଥ ମିଳିବ ନାହିଁ, ବାଏଁ ବାଏଁ ଉଡିଯିବ ସୁଖ ସଂପଦ ଶିରୀ, ଅନାଚାରରେ ଜୀବନ, ପରିବାର ଓ ସମାଜ ନଷ୍ଟ ହୋଇଯିବ। ଏଠି ଲକ୍ଷ୍ୟ କରିବାର କଥା ଯେ ପୁରୁଷଙ୍କ ପାଇଁ ବିଶେଷ କିଛି ଆଚାର ସଂହିତା ନାହିଁ। ଶ୍ରାଦ୍ଧ କରିବା, ହଳ କରିବା, ସଭାରେ ବସିବା, ବାସ ଏଇ କେତୋଟି କାମ। କିନ୍ତୁ ବାକି ସବୁତକ ଓଡିଆଣୀଙ୍କ ପାଇଁ। ଶୁଚୀମତୀ ହେବା, ଦୟାଶୀଳା ଓ ପତିବ୍ରତା ହେବା, ସଂଭ୍ରମ ରକ୍ଷା କରିବା ଏ ସବୁ ଓଡିଆଣୀଙ୍କୁ ଲକ୍ଷ୍ମୀପୁରାଣର ଶିକ୍ଷା। ଏବେ ମଧ୍ୟ ସାଧାରଣ ଓଡିଆ ପରିବାରରେ ଲକ୍ଷ୍ମୀ ପୁରାଣ ବର୍ଣ୍ଣିତ ଅନେକ ଆଚାର ଓଡିଆଣୀ ମାନେ ପାଳନ କରନ୍ତି। ତାଙ୍କରି ଯୋଗୁଁ ଓଡିଆଙ୍କ ଘରେ ଘୋର ଦାରିଦ୍ର୍ୟରେ ବି ଲକ୍ଷ୍ମୀ ରହନ୍ତି। ଯେତେ ଛୋଟ ଘରଟିଏ ବି ହୋଇଥାଉ, ଲକ୍ଷ୍ମୀଙ୍କୁ ଫାଙ୍କି ଦେବାର ସାହାସ କାହାରି ନାହିଁ। ଯେତେ ଦାରିଦ୍ର୍ୟ ଘୋଟିଥାଉ ପଛେ ଲକ୍ଷ୍ମୀ ପୂଜାରେ ହେଳା କରିବାର ନାହିଁ। ଲକ୍ଷ୍ମୀ ବିମୁଖ ହେଲେ ଯେତିକି ମିଳୁଛି ସେତିକି ମିଳିବ ନାହିଁ। ଏଯାଏଁ ସାଧାରଣ ଓଡିଆଙ୍କ ଭିତରେ 'ଲକ୍ଷ୍ମୀଛଡା' ହୋଇଯିବାର ଭୟ ସେମିତି ଜଳ ଜଳ ହୋଇ ରହିଛି। ସାଧାରଣ ଓଡିଆ ପରିବାରରେ ଗୃହଲକ୍ଷ୍ମୀ ମାନେ ଭିକ୍ଷୁକକୁ ଭିକ୍ଷା ନ ଦେଇ ଫେରାନ୍ତି ନାହିଁ, ତେଲ ଲଗାଇବା ବ୍ୟାପାରରେ ଦିନ ବାଛନ୍ତି, ଖୁବ ସିନ୍ଦୂର, କଜଳ ଓ ହଳଦୀ ଲଗାନ୍ତି, ସୂନା ହଜିଲେ ବ୍ୟସ୍ତ ହୁଅନ୍ତି(ଆର୍ଥିକ କ୍ଷତି କଥା ନ ଭାବି, ଦୋଷୀ ହେବା ଭାବନ୍ତି), ଘରକୁ ସଫା ସୁତରା ରଖନ୍ତି, ଅତିଥି ଚର୍ଚ୍ଚା କରନ୍ତି, 'ମାଇନ' କରି ଆଡ ହୁଅନ୍ତି, ଏସବୁ ଚାରିଶହ ବର୍ଷ ପରେ ବି ଜୀବନ୍ତ ଆଚାର ସଂହିତା ଓଡିଆ ସମାଜରେ। ପୁଣି ଅଛି ସ୍ୱାମୀ ସେବା ଓ ଶାଶୂ ଶ୍ୱଶୂରଙ୍କ ସେବା- ଏ ଦୁଇଟି ଯାକ ସେବା ଅବଶ୍ୟ କରଣୀୟ ବୋଲି ଓଡିଆଣୀଙ୍କ ମନରେ ଥାଏ, ନ କରି ପାରିଲେ ମନେ ମନେ ସେମାନେ ନିଜକୁ ଦୋଷୀ ମଣନ୍ତି। ଅବଶ୍ୟ ଏ ଚାରିଶହ ବର୍ଷ ଭିତରେ ସେଦିନର ସ୍ୱାମୀ ଓ ଶାଶୂ ଶ୍ୱଶୂରଙ୍କ ହୁଲିଆ ବଦଳି ସାରିଲାଣି। କିନ୍ତୁ ନିଃସନ୍ଦେହରେ କୁହାଯାଇପାରେ ଯେ, 'ଲକ୍ଷ୍ମୀପୁରାଣ'ର ଯୁଗ ପରେ ଯୁଗ ବଂଶାନୁକ୍ରମିକ ଆବୃତ୍ତି ଫଳରେ ଓଡିଆଣୀଙ୍କ ଅବଚେତନରେ ସଣ୍ଢଣା ହୁଡିବାର ଭୟ ଓ ସଂସ୍କାରଚ୍ୟୁତ ହେବାର ଆଶଂକା ବରାବର ଘର କରି ରହିଯାଇଛି। ସେମାନେ ଏବେ କଣ କରୁଛନ୍ତି ଓ କ'ଣ ନ କରୁଛନ୍ତି ତା'ର ହିସାବ ଜରୂରୀ ନାହିଁ, ଜରୂରୀ ମାତ୍ର ଏତିକି ଜାଣିବା ଯେ ଓଡିଆଣୀମାନେ ଲକ୍ଷ୍ମୀପୁରାଣର କୌଣସି ବର୍ଜିତ ବା ଗର୍ହିତ କାର୍ଯ୍ୟ ଏବେ ମଧ୍ୟ କରିବାକୁ ସାହାସ କରନ୍ତି ନାହିଁ, ଓ ସେଭଳି କାର୍ଯ୍ୟ କଲେ କାହାକୁ କିଛି ନ କହିଲେ ବି ମନ ଭିତରେ କଷ୍ଟ ପାଆନ୍ତି। ଭଲ ଅର୍ଥରେ ଓଡିଆଣୀଙ୍କ ବେଶଭୂଷା ଓ ସୂନା ଗହଣାରେ ମଣ୍ଡିହେବାର ଇଛାଟି ମଧ୍ୟ ତା'ର ନିଜସ୍ୱ ନୁହେଁ, ଯା ପଛରେ ଲକ୍ଷ୍ମୀ ଠାକୁରାଣୀଙ୍କର ସେ ଦାଉ ଦାଉ ସୁବର୍ଣ୍ଣ ମଣ୍ଡିତ ପଦ୍ମାସନ ରୂପର ପ୍ରେରଣା।

କାହାକୁ କାହାକୁ ବିସ୍ମୟକର ଲାଗିପାରେ ଯେ ଲାଉ କଖାରୁ କାଟିବା, ତୁଳା ଭିଣାଇବା ଓ ଧାନ ସିଝାଇବା ଭଳି କାମକୁ ଏତେ ଗୁରୁତ୍ୱ ଦେଇ କି ଆଚାର ସଂହିତାର ନିର୍ମାଣ କଲେ ସନ୍ଥ ବଳରାମ 'ଲକ୍ଷ୍ମୀପୁରାଣ'ରେ। କିନ୍ତୁ 'ଲକ୍ଷ୍ମୀପୁରାଣ'କୁ ଟିକେ ଗଭୀର ଭାବେ ଅନୁଧ୍ୟାନ କଲେ ଦେଖାଯିବ ଯେ ଶୁଦ୍ଧ ନୀତିବାଣୀକୁ ସାମାନ୍ୟ ବ୍ୟାବହାରିକ କରି ଲୋକ ସମାଜରେ ଚଳାଇବା ପାଇଁ 'ଲକ୍ଷ୍ମୀପୁରାଣ'ରେ ସବୁ ଦିଗକୁ ନଜର ଦେଇଛନ୍ତି ବଳରାମ। ଖାଦ୍ୟ, ବସ୍ତ୍ର, ଶୃଙ୍ଗାର, ନିଦ୍ରା, ଆଳସ୍ୟ, ରୂପଚର୍ଚ୍ଚା, ନୈତିକତା, ବାସ୍ତୁନିୟମ, ପରିବାର, ରାଜସଭା ଓ ଦୈନନ୍ଦିନ ଜୀବନକୁ ନେଇ ଏ କ୍ଷୁଦ୍ର ମହାପୁରାଣରେ ଯେଉଁ ସୂଚନା ମାନ ସୁଲଭ, ତା'ର ବିଶଦ ବ୍ୟାଖ୍ୟା

କଲେ ଓଡିଆଣୀ-ପରିଚାଳିତ ଗୋଟିଏ ଗୃହୀ ଓଡିଆ ସମାଜର ଏକ ବିଚିତ୍ର ସୂକ୍ଷ୍ମ ଭାବମୂର୍ତ୍ତୀର ସନ୍ଧାନ ମିଳିବ।

ସମକାଳୀନ ସମାଜର ଓଡିଆଣୀ ମାନେ, ସାଧାରଣ ପରିବାରରେ, ଏବେ ମଧ୍ୟ ରୋଷେଇଘରେ। ଏଥି ନେଇ ଏବର ନୂଆ ଓଡିଆଣୀମାନଙ୍କ ମଧ୍ୟରେ କ୍ଷୋଭ ବା ଆକ୍ରୋଶ। ଯେଉଁମାନେ ସେ ଦାୟୀତ୍ୱରୁ ନିଜକୁ ମୁକ୍ତ କରିପାରିଛନ୍ତି ସେମାନଙ୍କ ଦୃଷ୍ଟିରେ ଓଡିଆଣୀର ରୋଷେଇଘରର ଜୀବନ ଓ ତା'ର ଅନିବାର୍ଯ୍ୟତା ଦୁଇଟି ଯାକ ହେୟ ଓ ହାସ୍ୟୋଦ୍ଦୀପକ।

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

କିନ୍ତୁ ଅନ୍ୟଜାତିର ସ୍ତ୍ରୀମାନଙ୍କ ତୁଳନାରେ ଓଡିଆଣୀମାନେ ଏତେ ବେଶୀ ରୋଷେଇମୁହାଁ ହେଲେ କେମିତି? ତା'ର ଉତ୍ତର ମଧ୍ୟ ସେଇ ଲକ୍ଷ୍ମୀ ପୁରାଣରେ। ଲକ୍ଷ୍ମୀଛଡା ଦୁଇ ଠାକୁର ବଡ ଦେଉଳ ବାହାରେ ଚଣ୍ଡାଳ ବସ୍ତିରେ ଲକ୍ଷ୍ମୀଙ୍କ ଉଆସରେ ହାଣ୍ଡି, କାଠ ଓ ଲକ୍ଷ୍ମୀ ପ୍ରଦତ୍ତ ସଂଚାକୁ ନେଇ ରୋଷେଇ ଆୟୋଜନରେ ଲାଗିଥିଲା ବେଳେ ଲକ୍ଷ୍ମୀ ତାଙ୍କ ଆୟୋଜନକୁ ଭଣ୍ଡୁର କରିଦେଲେ। କାଠ ଜଳି ଜଳି ଭସ୍ମ ହେଲା ପାଣି ତାତିଲା ନାହିଁ, ତେଣୁ ଦୁଇ ଭାଇ ନିଜ ରୋଷେଇ ନିଜେ କରିପାରିଲେ ନାହିଁ। କ'ଣ ଭାବି ଲକ୍ଷ୍ମୀ ଦୁଇ ଠାକୁରଙ୍କର ରୋଷେଇ ଆୟୋଜନକୁ ପଣ୍ଡ କରିଦେଲେ? ଲକ୍ଷ୍ମୀ ଭାବିଲେ:

> ରାନ୍ଧିଣ ଯେବେ ଭୁଞ୍ଜିବେ ଏହି ଦୁଇ ଭାଇ
> ନାରୀଙ୍କି ପୁରୁଷ ଆଉ ଲୋଡିବେ କିପାଇଁ?

ପୁରୁଷ ଯଦି ରୋଷେଇ କରିବ ତେବେ ଆଉ ନାରୀକୁ ଲୋଡିବ କିଆଁ? କଥାଟି ଲକ୍ଷ୍ମୀ କୋପ ଛଳରେ ଭାବିଲେ, କିନ୍ତୁ ଓଡିଆଣୀଙ୍କ ଉପରେ ତା'ର ଓଲଟା ପ୍ରଭାବ ପଡିଲା। ଓଡିଆଣୀ ଭାବିଲେ ଯେ ନାରୀ ଥିଲାବେଳେ ପୁରୁଷ ରୋଷେଇ କରିବା ନାରୀର ଲକ୍ଷ୍ମୀ ପଣିଆକୁ ଅପମାନ। ତେଣୁ ଓଡିଆଣୀ ରୋଷେଇ ଶାଳକୁ ଚଉକଷ କରି ଜଗି ବସିଲେ, ଯେତେ କଷ୍ଟ ହେଲେ ବି ଉଃ ଆଃ କରି ଚୁଲି ଫୁଙ୍କି ଫୁଙ୍କି ଫୁଟାଫୁଟି କରି ଦି ବକ୍ତର ଅନ୍ନ ବ୍ୟଞ୍ଜନ ଓ ବିଶେଷ ସମୟରେ ଦିବ୍ୟଭୋଜନ କରି ତାଙ୍କର ପେଟୁ ପରିବାରକୁ ଖୁଆଇଲେ। ତାଙ୍କ ଆଖି ଆଗରେ ଲକ୍ଷ୍ମୀ ପୁରାଣର ସେ ସୁବର୍ଣ୍ଣ ଚଟୁ ହାତରେ ଧରି ସ୍ୱାମୀ ଓ ଦେଢଶୁରଙ୍କ ପାଇଁ ନିଜ ହାତରେ ରାନ୍ଧିବା ପାଇଁ ବାହାରିଥିବା ଲକ୍ଷ୍ମୀଙ୍କର ରୂପ ଲେଖି ହୋଇ ରହିଗଲା ଯୁଗ ପରେ ଯୁଗ। ଖାଲି ରୋଷେଇ ନୁହେଁ, ରାନ୍ଧିବାର କଳାତ୍ମକ ସଂଯୋଜନା, ଠା'ବଡା ଓ ପରଶାର ଅନନ୍ୟ ଓଡିଆ ବିନ୍ୟାସ ଓଡିଆଣୀ ମାନେ ଏଇ ଲକ୍ଷ୍ମୀ ପୁରାଣରୁ ଶିଖିଲେ। ଝୋଟିଚିତାରେ ହାଲୋଳ ଓଡିଆଣୀର ଛୋଟ ଘରଟିର ବାରଣ୍ଡା, ଲକ୍ଷ୍ମୀ କୋଣ, ଭଣ୍ଡାର ଘର ଓ ଚଉରାମୂଳ, ସବୁଠି ଲକ୍ଷ୍ମୀଙ୍କ ସନ୍ତୁଷ୍ଟି କରିବାର ପ୍ରୟାସ। ଏ ଦୁର୍ଭାଗା ଜାତିର ପ୍ରକୃତିପୀଡିତ କୃଷିଭିତ୍ତିକ ସଂପର୍ଣ୍ଣତାକୁ ଓଡିଆଣୀର ଶୁଚିତା ବଳରେ ଚିରସ୍ଥାୟୀ କରିବାର ବନ୍ଦୋବସ୍ତ କରିଗଲେ ସନ୍ଥ ବଳରାମ। ଚିନ୍ତାରେ, ବ୍ୟବହାରରେ, ରନ୍ଧାବଡାରେ ଓ ଯାବତୀୟ ସାଂସାରିକ ବ୍ୟାପାରରେ ଲକ୍ଷ୍ମୀପ୍ରାଣା ଓଡିଆଣୀ ନିଜ ଅଜାଣତରେ 'ଲକ୍ଷ୍ମୀପୁରାଣ'କୁ ନେଇ ଏକ ବିଶାଳ ଜାତୀୟବିମର୍ଶର ରଚନା କରିଚାଲିଲା ଚୂଡିବାହି ଝମ୍ ଝମ୍ କରି, ପୁରୁଷର ଆଧିପତ୍ୟକୁ ତାର ସମର୍ପଣର ଅଧିକ ଶକ୍ତିଶାଳୀ ଲକ୍ଷ୍ମୀଭାଷାରେ ନିୟନ୍ତ୍ରିତ ଓ ପରିଚାଳିତ କରି। ଲକ୍ଷ୍ମୀତତ୍ତ୍ୱ ଏବେ ବି ଓଡିଆଣୀର ପ୍ରାଣ, ସେ କଥା ତା'ର ସଣ୍ଢଣା ଓ ଘରକରଣାର ମୂଳ।

# ଆମ ସାହିତ୍ୟ ଏବଂ ଆମର ପଠନସ୍ପୃହା

## ପ୍ରଦୀପ କୁମାର ରାୟ

ନୁଆଦିଲ୍ଲୀରୁ ପ୍ରକାଶ ପଉଥିବା ଏକ ବାର୍ଷିକ ଓଡିଆ ଗଳ୍ପ ପତ୍ରିକାଟିଏ ଧରି ଖୋଦ୍ ସଂପାଦକ ମହୋଦୟ ଜଣେ ପଦାଧିକାରୀ ଓଡିଆଙ୍କୁ ପ୍ରୀତ୍ୟୁପହାର ଦେବାପାଇଁ ଯେତେବେଳେ ତାଙ୍କ ଅଫିସରେ ପହଞ୍ଚିଲେ, ରୌଦ୍ରକ୍ଳିଷ୍ଟ ମଧ୍ୟାହ୍ନରେ ସୁଖନିଦ୍ରାରେ ବ୍ୟାଘାତ ସୃଷ୍ଟି କରୁଥିବା ଫେରିବାଲାକୁ ଘଉଡାଇବା ନ୍ୟାୟରେ ପଦାଧିକାରୀ ମହୋଦୟ କହି ଉଠିଲେ- " ଓଡିଆ ପତ୍ରିକା! ରଖନ୍ତୁ ଆଜ୍ଞା, ମୁଁ ଓଡିଆ ପତ୍ରିକା କିଣେ ନାହିଁ।" ପତ୍ରିକାଟି ବିକ୍ରି ଉଦ୍ଦେଶ୍ୟରେ ନୁହେଁ, ଉପହାର ସ୍ୱରୂପ ଦେଉଛନ୍ତି ବୋଲି ସଂପାଦକ ମହୋଦୟ ଜଣାଇବା ପରେ ପଦାଧିକାରୀଙ୍କ ଉତ୍ତର ଥିଲା- 'ସରି! ମୁଁ ଓଡିଆ ପଢିପାରେ ନାହିଁ। ମୋ ମିସେସ୍‌ଙ୍କ ଠାରୁ ପିଲାମାନଙ୍କ ପର୍ଯ୍ୟନ୍ତ କେହି ଓଡିଆ ପଢିବା ତ ଦୂରର କଥା ଓଡିଆ କହି ବି ପାରନ୍ତି ନାହିଁ। ତେଣୁ ଏ ପତ୍ରିକାକୁ ନେଇ ମୁଁ କଣ କରିବି?'

ସଂପାଦକୀୟରୁ ଉପଭୋକ୍ତା କଥା ପଢିବା ପରେ ବହୁ ପୁରୁଣା ଏକ ଦୃଶ୍ୟ ମୋ ଆଖି ଆଗରେ ଉଦ୍‌ଭାସିତ ହେଲା।

ଛାତ୍ର ଥିବା ବେଳେ ଥରେ କଲିକତାରେ ରହୁଥିବା ମୋର ମାଉସୀଙ୍କ ଘରକୁ ବୁଲି ଯାଇଥିଲି। ଦ୍ୱିପ୍ରହରର ଖିଆପିଆ ପରେ ଆମେ ସମସ୍ତେ ବସି ଗପସପ କରୁଥିଲୁ। ମାଉସୀଙ୍କ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଘରର କାମବାଲୀ 'ରତନର ମା' ବୟସ ପାଖାପାଖି ଚାଳିଶି ଉପରେ ହେବ। ବାସନ ପତ୍ର ମଜାମଜି କରିସାରି, କାନିରେ ହାତ ପୋଛୁ ପୋଛୁ ପାଖରେ ଆସି ଠିଆହେଲେ। ମାଉସୀ ପଚାରିଲେ, 'କ'ଣ ରତନର ମା' କିଛି କହିବ?' ରତନର ମା' କହିଲେ-'ଆପଣ ପୂଜା ସଂଖ୍ୟା ବେଶ୍ ପଢିସାରିଛନ୍ତି? ଶୁଣିଚି ପୂଜା ସଂଖ୍ୟାରେ ସୁନିଲ୍‌ଙ୍କ ଏକ ଚମତ୍କାର ଉପନ୍ୟାସ ବାହାରିଛି। ମୋତେ ଟିକେ ଦେବେ? ପଢିସାରି ଫେରାଇ ଦେବି।' ମାଉସୀ 'ହଁ' କହି ଉଠିଯାଇ ଦେଶ୍‌ର ପୂଜା ସଂଖ୍ୟାଟା ଆଣି ବଢାଇଦେଲେ। ରତନ୍‌ର ମା ଚାଲିଗଲେ। ମୁଁ କିନ୍ତୁ ଦୃଶ୍ୟଟାକୁ ଆଦୌ ବିଶ୍ୱାସ କରିପାରୁ ନଥାଏ। ସତରେ କଣ ରତନର ମା ପଢନ୍ତି? ମାଉସୀ ବୋଧହୁଏ ମୋ ମୁହଁ ଦେଖି ବୁଝିପାରିଲେ, କହିଲେ, 'ପତ୍ରିକା କିଣି ପଢିବା ପରି ତା'ର କ୍ଷମତା ନାହିଁ। ତେଣୁ ମୋ ପାଖରୁ ଏମିତି ନିଏ, ପଢିସାରି ଫେରାଇ ଦିଏ।' ସେ ଦିନ ରତନର ମା' ଙ୍କ ପ୍ରତି ମୋର ଶ୍ରଦ୍ଧା ବଢିଯାଇଥିଲା।

ଜଣେ ଉଚ୍ଚଶିକ୍ଷିତ ପଦାଧିକାରୀ ଓଡିଆ ପ୍ରୀତ୍ୟୁପହାର ସ୍ୱରୂପ ପାଉଥିବା ଓଡିଆ ପତ୍ରିକାଟିକୁ 'ସରି! ମୁଁ ଓଡିଆ ପଢିପାରେ ନାହିଁ।' କହି ନାକ ଟେକି ଫେରାଇ ଦେଉଥିବା ବେଳେ, ଜଣେ କାମବାଲୀ ବଙ୍ଗାଳୀ ସ୍ତ୍ରୀ ଲୋକ ମାଲିକଙ୍କ ଘରୁ ପତ୍ରିକା ମାଗିନେଇ ପଢନ୍ତି। ଓଡିଆ ପତ୍ରିକାର ସଂପାଦକ ମାନଙ୍କୁ ଦ୍ୱାରଦୁଆର ତେର ପିଣ୍ଡା ବୁଲିବାକୁ ପଡୁଥିବା ବେଳେ 'ଦେଶ୍' ପରି ବଙ୍ଗଳା ପତ୍ରିକାର ସର୍କୁଲେସନ୍ ଅଢେଇ ଲକ୍ଷ ଅତିକ୍ରମ କରିଯିବା ଫଳରେ ରତନର ମା' ପରି ପାଠକମାନଙ୍କ ନିମନ୍ତେ ସହଜ ଉପଲବ୍‌ଧ ହେବା ଉଦ୍ଦେଶ୍ୟରେ ପତ୍ରିକାର ମୂଲ୍ୟ ପନ୍ଦର ଟଙ୍କାରୁ ପାଞ୍ଚ ଟଙ୍କାକୁ ଖସାଇ ଆଣନ୍ତି, ପତ୍ରିକା ପ୍ରକାଶନ ସଂସ୍ଥା।

ଓଡିଶାରେ ଏବେ ବିଭିନ୍ନ ସଭାସମିତିରେ, ପତ୍ରପତ୍ରିକାରେ ବିଦ୍ୱାନମାନେ ମତବ୍ୟକ୍ତ କରନ୍ତି ଯେ ଓଡିଆ ସାହିତ୍ୟ ସଂପ୍ରତି ଚରମ ଦୁର୍ଦ୍ଦିନରେ ଆସି ପହଞ୍ଚିଯାଇଛି। ଓଡିଆ ପଢୁଥିବା ପାଠକ ମାନଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଏବେ କିନ୍ତୁ ଅଧିକରୁ ଅଧିକ ସଂଖ୍ୟାରେ ପତ୍ରପତ୍ରିକା ପ୍ରକାଶ ପାଉଛି। ଅନେକ ନୁଆ ନୁଆ ବହି ପ୍ରକାଶିତ ହେବାର ବିଜ୍ଞାପନ ବାହାରୁଛି। ପ୍ରତି ଜିଲ୍ଲାରେ ପୁସ୍ତକ ମେଳା ମାନ ଆୟୋଜିତ ହେଉଛି।

ଲୋକସଂଖ୍ୟା ଦିନକୁ ଦିନ ହୁ ହୁ ହୋଇ ବଢିଚାଲିଛି। ତେଣୁ ପାଠକଙ୍କ ସଂଖ୍ୟା ବଢୁଥିବା ସ୍ୱାଭାବିକ କଥା। ଦୁର୍ଦ୍ଦିନ ଆସିଲା କେମିତି?

ଓଡିଆ ଭାଷାରେ ପ୍ରକାଶ ପାଉଥିବା ଆଗଧାଡିର ପତ୍ରିକା କେତେ ସଂଖ୍ୟାରେ ଛପା ହୁଏ? ବିକ୍ରି ହୁଏ? କେଉଁମାନେ କିଣନ୍ତି? କିଣୁଥିବା ଲୋକମାନଙ୍କ ମଧ୍ୟରୁ କେତେଜଣ ପଢନ୍ତି? ବହି ପ୍ରକାଶନ ସଂପର୍କରେ ନ କହିବା ଭଲ। ଲେଖକ ମାନଙ୍କୁ ନିଜ ଅ ହାତରୁ ପଇସା ଖର୍ଚ୍ଚ କରି ବହି ଛପାଇବାକୁ ପଡୁଛି। ମୋର ଜଣେ କବିବନ୍ଧୁ (ଓଡିଶାର ଜଣେ ପ୍ରତିଷ୍ଠିତ କବି) ତାଙ୍କର ଏକ କବିତା ସଂକଳନର ପ୍ରକାଶନ ପାଇଁ ଜଣେ ପ୍ରକାଶକଙ୍କୁ ସତର ହଜାର ଦେଇ ପ୍ରାୟ ବର୍ଷାଧିକ କାଳ ଦୌଡିଲେ। ପ୍ରାୟ ଦେଢ ବର୍ଷ ପରେ ପ୍ରକାଶକ ମହାଶୟ ସେହି ବହିର ଦଶକପି କବି ବନ୍ଧୁଙ୍କୁ ଦେଇଥିଲେ। ଓଡିଶାର କୌଣସି ବହି ଦୋକାନରେ ସେହି କବିତା ବହି କୌଣସି ଦିନ ଦୃଶ୍ୟ ହେଲା ନାହିଁ। କଥା ପ୍ରସଙ୍ଗରେ ସେହି ପ୍ରକାଶକ ତାଙ୍କର ଜଣେ ନିକଟ ସଂପର୍କୀୟଙ୍କୁ କହୁ କହୁ କହିପକାଇଲେ-'ପଚାଶ କପି ଛାପିଥିଲି। କବିଙ୍କୁ ଦଶକପି ଏବଂ ସମୀକ୍ଷା ପାଇଁ କୋଡିଏ କପି ଦେଇ ରାମମୋହନ ପାଇଁ ଆପ୍ଲାଇ କରି ଦେଇଛି। ଯଦି ରାମମୋହନ ବାଲାଏ ନିଅନ୍ତି, ତେବେ ଛଅ/ସାତ ଶହ ଖଣ୍ଡ ଛପାହବ। ନ ହେଲେ ଆଜିକାଲି କିଏ କବିତା ପଢୁଛି ମ! ହାତରୁ ଖାଇ କଣ ସାହିତ୍ୟ ସେବା କରିବି? ଏଇ ହେଲା ଅବସ୍ଥା। ଲେଖକ ସିନା ଖୁସି ବହି ବାହାରିଲାଣି ବୋଲି, କିନ୍ତୁ ପଢୁଚି କିଏ? କୋଉ ଓଡିଆ? ଇୟେ ହେଉଛି ଆମ ପ୍ରକାଶନ ଜଗତ।

ଏଇ କିଛି ଦିନତଳେ ଦେବଗଡ (ବାମଣ୍ଡା) ଯାଇଥିଲି। ବାମଣ୍ଡାରାଜ୍ୟ ଓଡିଆ ସାହିତ୍ୟର ଇତିହାସରେ ପତ୍ରପତ୍ରିକା ଓ ପୁସ୍ତକ ପ୍ରକାଶନ ତଥା ସାହିତ୍ୟିକମାନଙ୍କୁ ପୃଷ୍ଠପୋଷକତା ଯୋଗାଇ ଦେବା ପାଇଁ ଏକ ମହାନ ରାଜ୍ୟର ଦାବୀ କରେ। ଏହି ଐତିହ୍ୟସଂପର୍ଣ୍ଣ ଅଞ୍ଚଳରେ କିନ୍ତୁ ଓଡିଆ ପତ୍ରିକାଟିଏ ମିଳୁ ନଥିବା ଜାଣି ଆଶ୍ଚର୍ଯ୍ୟ ହେଲି। ବଜାରଟା ଯାକ ବୁଲିଲି, କିନ୍ତୁ ହାୟ, ଓଡିଆ ପତ୍ରିକା ଖଣ୍ଡେ ଖୋଜି ପାଇଲି ନାହିଁ। କେବଳ


ଦେବଗଡ ନୁହେଁ, ଓଡିଆ ଭାଷାରେ ସଂପ୍ରତି ଯେତିକି ପତ୍ରପତ୍ରିକା ବାହାରୁଛି, ତା' ଭିତରୁ ଶତକଡା ଦଶ ଭାଗ ପତ୍ରିକା ସୋନପୁର, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ବରଗଡରେ ମିଳେ ନାହିଁ। ଅଧିକାଂଶ ପତ୍ରିକାର ନାମ ପତ୍ରିକା ଦୋକାନୀ ମାନେ ବି ଜାଣି ନାହାନ୍ତି। ଓଡିଶାରେ ଏମିତି ଅନେକ ସହର ବି ଅଛି, ଯେଉଁଠି ପତ୍ରିକା ଦୋକାନ ଟିଏ ବି ନାହିଁ। ଓଡିଶାର ଶିକ୍ଷିତ ଚାକିରିଆ, ଯେଉଁମାନଙ୍କର କିଣିବାର ସାମର୍ଥ୍ୟ ଅଛି, ସେମାନେ ଓଡିଆ ପତ୍ରିକାଟିଏ କିଣନ୍ତି ନାହିଁ, ପଢନ୍ତି ବି ନାହିଁ। ଅଥଚ ଲେଖକଟିଏ ନିଜର ଲେଖା ପ୍ରକାଶିତ ହେଲେ ମନେ ମନେ ଖୁବ୍ ଖୁସି ହୁଅନ୍ତି ଯେ ପାଠକେ ତାଙ୍କ ଲେଖା ପଢିବେ।

ଆମେ ଗାଁ ଗଣ୍ଡାର କଥା ବାଦ୍ ଦେଇ ବଡସାନ ସହର ବୁଲି ବୁଲି ଯଦି ପ୍ରତ୍ୟେକ ସ୍ତରର ଲୋକଙ୍କୁ ପଚାରି ପଚାରି ଏକ ପରିସଂଖ୍ୟାନ ତିଆରି କରିବା, ତା'ହେଲେ ସତ୍ୟ କ'ଣ ଜଳଜଳ ହୋଇ ଦିଶିଯିବ। ଶିକ୍ଷିତ ଓଡିଆ ଦଶଗୋଟି ଓଡିଆ ପତ୍ରିକାର ନାଁ କହିପାରିବ ନା ନାହିଁ ସନ୍ଦେହ। ତେଣୁ ଆମ ଭାଷା, ଆମ ସାହିତ୍ୟ ପ୍ରତି ଆମର ଯେ ମମତା ନାହିଁ ଏହା ନିରାଟ ସତ୍ୟ। ଥରେ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସ କହିଥିଲେ- 'କୌଣସି ଭଦ୍ର ମୂଳକରେ ଭଦ୍ର ସ୍ଥାନ ମାନଙ୍କରେ ଥିବା ମଣିଷମାନେ ନିଜ ଭାଷାଟିକୁ ଏପରି ଅଭଦ୍ର ଦୃଷ୍ଟିରେ ଦେଖନ୍ତି ନାହିଁ, ଯେପରିକି ଓଡିଶାରେ ଦେଖନ୍ତି।' ଏହା ନିରାଟ ସତ୍ୟ। ଆମର ଏଠି ପ୍ରଥମେ ବର୍ଣ୍ଣିତ ଶିକ୍ଷିତ ଓଡିଆ ପଦାଧିକାରୀ ମାନଙ୍କ ପରି ମଣିଷମାନେ ପ୍ରବଳ। ତେଣୁ ଆମେ ଏଠି ରତନର ମାଙ୍କୁ ଖୋଜିବା ମୂର୍ଖାମୀ ହେବ। ଆମର ଏଠି ମଞ୍ଚରେ ଓଜନଦାର ଭାଷଣ, ପତ୍ରପତ୍ରିକାରେ ବିବୃତି ଚାଲିଥିବ, ପତ୍ରପତ୍ରିକା ପୁସ୍ତକ ଅଧିକରୁ ଅଧିକ ପ୍ରକାଶିତ ହେଉଥିବ, ରଙ୍ଗୀନ ଫଟୋ ଝଲମଲ କରୁଥିବ, ଓଡିଶାର ଅଧିକାଂଶ ଅଞ୍ଚଳକୁ ତାହା ପହଞ୍ଚୁନଥିବ, ଆଉ ପହଞ୍ଚିଗଲେ ଦୋକାନରେ ସଡୁଥିବ, ଆଉ ଆମ ସାହିତ୍ୟ ମୁଷ୍ଟିମେୟ ପାଠକଙ୍କ ପାଇଁ କେବେ ହେଁ ମରୁ ନଥିବ, ମରି ମରି ବଂଚି ରହିଥିବ। ଆମେ କ'ଣ ଅପେକ୍ଷା କରି ରହିଥିବା ତା'ର ମରଣକୁ କୁଳାଙ୍ଗାର ପୁଅ ପରି?

ବରିଷ୍ଠ ଅଧ୍ୟାପକ,
କୁଚିଣ୍ଡା ମହାବିଦ୍ୟାଳୟ, କୁଚିଣ୍ଡା, ସମ୍ବଲପୁର।

# ସାହସୀ ବାଳକ

### ୫ ଲକ୍ଷ ପାଇଁ ମୁଣ୍ଡ ଜାମିନ
### ସାହସୀ ସ୍ୱସ୍ତିକ୍ ନିଜ ମୁକ୍ତି ପାଇଁ ୭୨ ଘଣ୍ଟା ଲଢ଼ିଲା



ଭୁବନେଶ୍ୱର/ ସୁମଣ୍ଡଳ, ୩/୧୦ (ଇମିସ): ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ କୋଳଥିଆ ଛକ ନିକଟରୁ ଗତ ୨୯ ତାରିଖ ସନ୍ଧ୍ୟାବେଳେ ୧୪ ବର୍ଷର ବାଳକ ସ୍ୱସ୍ତିକ ମହାପାତ୍ରକୁ ଏକ ଟାଟା ସୁମୋ ଗାଡିରେ ଅପହରଣ କରି ନିଆଯାଇଥିଲା। ଗତକାଲି ସନ୍ଧ୍ୟାରେ ଗଞ୍ଜାମ ଜିଲ୍ଲାର କୋଦଳା ଥାନା ଅନ୍ତର୍ଗତ କାଞ୍ଜିଆମା ଗ୍ରାମରେ ବହୁ ନାଟକୀୟ ଢଙ୍ଗରେ ସ୍ୱସ୍ତିକକୁ ଉଦ୍ଧାର କରାଯାଇଛି। ସ୍ୱସ୍ତିକର ଉପସ୍ଥିତ ବୁଦ୍ଧି, କାଞ୍ଜିଆମା ଗ୍ରାମବାସୀଙ୍କ ଉଦ୍ୟମରେ କୋଦଳା ଓ ଖଣ୍ଡଗିରି ଥାନା ପୁଲିସ ସ୍ୱସ୍ତିକକୁ କାଞ୍ଜିଆମା ଗ୍ରାମର ଏକ ନିଭୃତ କୋଠରୀରୁ ଉଦ୍ଧାର କରିବା ସହ ତିନିଜଣ କୁଖ୍ୟାତ ଆନ୍ତଃରାଜ୍ୟ ଅପରାଧୀଙ୍କୁ ଧରିବାରେ ସଫଳ ହୋଇଛନ୍ତି। ସେମାନଙ୍କଠାରୁ ଛତିଶଗଡର ଜଗଦଳପୁରରୁ ଗତ ଅଗଷ୍ଟ ମାସରେ ଲୁଟ୍ ହୋଇଥିବା ଏକ କାଳ ନମ୍ବର ବିଶିଷ୍ଟ ଟାଟା ସୁମୋ, ଏକ ରିଭଲ୍‌ଭର ଓ ଏକ ୟାମାହା ଲିବେରୋ ମୋଟର ସାଇକେଲ୍ ଜବତ କରାଯାଇଛି। ତେବେ ଏହି ଗ୍ୟାଙ୍ଗର ଅନ୍ୟ ଜଣେ ସଦସ୍ୟ ଫେରାର ହୋଇଯାଇଛି।

ସ୍ୱସ୍ତିକକୁ ଅପହରଣ କରିବା ପଛରେ ପୂର୍ବ ଶତ୍ରୁତା କିମ୍ବା ସଂପତ୍ତିବାଡି ବିବାଦ ଭଳି କିଛି କାରଣ ନଥିଲା। ଅପହର୍ତାମାନଙ୍କ ମୂଳ ଉଦ୍ଦେଶ୍ୟଥିଲା ଟଙ୍କା ରୋଜଗାର। ଯୋଜନାଥିଲା ଜଣେ ବାଳକକୁ ଅପହରଣ କରି ମୁଣ୍ଡ ଜାମିନ ରଖିବା ଏବଂ ବଦଳରେ ତା ପରିବାର ଲୋକଙ୍କୁ ବ୍ଲାକ୍‌ମେଲ୍

# ଅସୀମ ଆଶା ଓ ଅଶାୟତ ଉନ୍ମାଦନାର ଆହ୍ୱାନ

କରି ମୋଟା ଅଙ୍କ ରୋଜଗାର କରିବା। ଯଦି ବାପା ମା'ଙ୍କ ଏକମାତ୍ର ପୁଅ ହୋଇଥାଏ ତେବେ ତାକୁ ଅପହରଣ କଲେ ଫାଇଦା ଶୀଘ୍ର ମିଳିବ। ଗ୍ୟାଙ୍ଗ୍ ଲିଡର୍ କୃଷ୍ଣମୋହନ ନାୟକର ନଜର ପଡିଥିଲା ସ୍ୱସ୍ତିକ ଉପରେ। ଖଣ୍ଡଗିରି ଥାନା ଅନ୍ତର୍ଗତ କୋଳଥିଆ ହାଉସିଂ ବୋର୍ଡର ଏମ ଆଇ ଜି ୫୧ ପ୍ଲଟରେ ରହୁଥିବା କୈଳାସ ମହାପାତ୍ରଙ୍କ ପୁଅ ସ୍ୱସ୍ତିକ କଳିଙ୍ଗ ନଗର ଡିଏଭି ସ୍କୁଲ୍‌ର ଅଷ୍ଟମ ଶ୍ରେଣୀର ଛାତ୍ର। ସ୍ୱସ୍ତିକ କୈଳାସଙ୍କର ଏକମାତ୍ର ପୁଅ। କୃଷ୍ଣଙ୍କ ଘର ଜଙ୍କିଆ ନିକଟସ୍ଥ ସିକୋ ଗ୍ରାମରେ ହୋଇଥିଲେ ମଧ୍ୟ ସେ କିଛି ଦିନ ହେବ ଭୁବନେଶ୍ୱରରେ ଏକ ଗ୍ୟାରେଜ୍ କରିଥିଲା। ନିଜ ପିତାଙ୍କ ସହ ପୂର୍ବରୁ କୋଳଥିଆ ହାଉସିଂ ବୋର୍ଡରେ ରହୁଥିଲା, ଏଣୁ ସେ କୈଳାସଙ୍କ ପରିବାର ବିଷୟରେ ଜାଣିଥିଲା। କୃଷ୍ଣର ଗ୍ୟାଙ୍ଗରେ ଥିଲେ ଗଞ୍ଜାମ ଜିଲ୍ଲା ପୋଲସରା ନିକଟସ୍ଥ ତଳସରା ଗ୍ରାମର ବସନ୍ତ ଭୂୟାଁ ଓ ସନ୍ତୋଷ ମହାରଣା। ସେମାନଙ୍କ ସହ ମିଶି ସ୍ୱସ୍ତିକକୁ ଅପହରଣ ନାଟକ ରଚନା କରିଥିଲା କୃଷ୍ଣ। ଯୋଜନା ମୁତାବକ କୃଷ୍ଣ ବାରମ୍ବାର ସ୍ୱସ୍ତିକ ସ୍କୁଲ୍ ଯିବା ବାଟରେ ଭେଟି ଅନ୍ତରଙ୍ଗତା ବଢାଇଲା। ଦିନେ ସେ ସ୍ୱସ୍ତିକ ହାତରେ ଏକ ପ୍ରେମ ପତ୍ର ମଧ୍ୟ ଲେଖାଇଥିଲା। ଗତ ୨୯ ତାରିଖ ସନ୍ଧ୍ୟାବେଳେ ଘରୁ ଗୁପ୍‌ଚୁପ୍ ଖାଇବାକୁ କହି ସ୍ୱସ୍ତିକ ସାଇକେଲ୍ ଧରି କୋଳଥିଆ ଛକକୁ ଆସିଥିଲା। ଏହି ସମୟରେ କୃଷ୍ଣ ତା'କୁ ଦେଖି ତା' ପାଇଁ ଆଉ ଏକ ପ୍ରେମପତ୍ର ଲେଖିବା ପାଇଁ ଅନୁରୋଧ କରିଥିଲା। ନିକଟରେ ଥିବା ଟାଟା ସୁମୋ ଗାଡି ମଧ୍ୟକୁ ଡାକି ନେଇଥିଲା। ତାକୁ ଜବରଦସ୍ତ ଅପହରଣ କରିନେବାକୁ ଚେଷ୍ଟା କରିବାରୁ କୃଷ୍ଣ ସହ ସ୍ୱସ୍ତିକର ଧସ୍ତାଧସ୍ତି ହୋଇଥିଲା। ମାଡ ଖାଇ ସେ ଆହତ ହୋଇଥିଲା। ସ୍ୱସ୍ତିକ କହିବା ଅନୁସାରେ ସେ କୃଷ୍ଣ ହାତରୁ ଏକ ରିଭଲ୍‌ଭର ଛଡାଇ ନେଇ କାର୍ ବାହାରକୁ ଫୋପାଡି ଦେଇଥିଲା। ସ୍ୱସ୍ତିକକୁ ଅପହରଣ କରିନେଇ ପ୍ରଥମେ ଚନ୍ଦକା ରାସ୍ତା ଓ ପରେ ବାଲୁଗାଁ ଯାଇଥିଲା। ବାଲୁଗାଁ ନିକଟରେ ଏକ ଡାବା ହୋଟେଲ୍ ନିକଟରେ ଅପେକ୍ଷା କରିଥିବା ଗ୍ୟାଙ୍ଗ୍ ସଦସ୍ୟ ବସନ୍ତ ଓ ସନ୍ତୋଷ ମଧ୍ୟ ଗାଡିରେ ବସିଥିଲେ। ଏଣେ ରାତିପ୍ରାୟ ଦଶଟା ବେଳେ

କୈଳାସ ମହାପାତ୍ର ତାଙ୍କ ପୁଅ ନିଖୋଜ ହୋଇଥିବା ଘଟଣା ଥାନାରେ ଏତାଲା ଦେଲେ। ଘଟଣା ରାତିରେ ଏବଂ ପରଦିନ ସକାଳେ କୈଳାସ ତା'ଙ୍କ ମୋବାଇଲ୍ ଫୋନ୍‌ରେ ଧମକପୂର୍ଣ୍ଣ କଲ୍ ପାଇଲେ। 'ପାଞ୍ଚ ଲକ୍ଷ ଟଙ୍କା ଯୋଗାଡ କର, ପୁଅକୁ ମୁକ୍ତି ଦିଆଯିବ।'

ଏହି ଫୋନ୍ କଲ୍ ଯଥାକ୍ରମେ ବାଲୁଗାଁ, ଓ ଗଞ୍ଜାମ ଜିଲ୍ଲା ବୁଗୁଡାର ଦୁଇଟି ଟେଲିଫୋନ୍ ବୁଥରୁ କରାଯାଇଥିଲା। ଏହାପରେ କୈଳାସ ଖଣ୍ଡଗିରି ଥାନାକୁ ଯାଇ ତାଙ୍କ ପୁଅକୁ ଅପହରଣ କରିନିଆଯାଇଥିବା ରିପୋର୍ଟ କରିଥିଲେ। ଅପହର୍ତା ମାନେ ସ୍ୱସ୍ତିକକୁ ପ୍ରଥମେ ବାଲୁଗାଁ, ତା'ପରେ ନୟାଗଡ ଦେଇ ବୁଗୁଡା ନେଇଥିଲେ। ଗାଡି ଭିତରେ ତାକୁ ନିଶା ମିଶା ଫ୍ରୁଟି ପିଆଇଥିଲେ। ନିଶାଯୁକ୍ତ ଫ୍ରୁଟି ପିଇ ମଧ୍ୟ ସ୍ୱସ୍ତିକ ଚେତା ହରାଇ ନଥିଲା ବରଂ ଚେତା ହରାଇବାର ଅଭିନୟ କରି ଅପହର୍ତାଙ୍କ କବଳରୁ କିଭଳି ମୁକୁଳିବ ସେ ମୌକା ସନ୍ଧାନରେ ଥିଲା। ପରେ କାଞ୍ଜିଆମା ଗ୍ରାମରେ ସେମାନେ ଗ୍ୟାଙ୍ଗ୍ ର ଅନ୍ୟ ଏକ ସଦସ୍ୟଙ୍କ ଘରେ ସ୍ୱସ୍ତିକକୁ ପଣବନ୍ଦୀ କରି ରଖିଥିଲେ। ଅପହର୍ତା ମାନେ ସୁମୋ ଗାଡିକୁ ଗାଁ ବାହାରେ ରଖି ଏକ ଲିବେରୋ ଗାଡି ବ୍ୟବହାର କରୁଥିଲେ। ସେମାନଙ୍କ ହାବଭାବରୁ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ସ୍ୱସ୍ତିକକୁ ଚିକିତ୍ସା କରିବାକୁ ନେବାବାଟରେ ଗାଡି ଖରାପ ହୋଇଯାଇଛି  ବୋଲି ଅପହର୍ତା ମାନେ ସଫେଇ ଦେଇଥିଲେ। ୩୦ ରାତି ଓ ୧ ତାରିଖ ଦିନ ପୁଣି ଧମକପୂର୍ଣ୍ଣ କଲ୍ ଆସିଲା। ଏହି ସବୁ ନମ୍ବରକୁ ଟ୍ରାକିଂ କରି  ଶେଷରେ ପୁଲିସ୍ କୋଦଳା ଥାନା ଅନ୍ତର୍ଗତ କାଞ୍ଜିଆମା ଗ୍ରାମର ଏକ ବୁଥ୍ ନମ୍ବରଠାବ କରିଥିଲେ। କୌଶଳ କ୍ରମେ ସ୍ୱସ୍ତିକ ଗାଁର ଏକ ମହିଳା କୁ ସବୁକଥା କହିଦେଇଥିଲା। ପରେ ଗ୍ରାମବାସୀ ଅସଲ ଘଟଣା ଜାଣିବା ପରେ ତିନି ଦୁର୍ବୃତ୍ତଙ୍କୁ ପୁଲିସ୍ ଆସିବା ପର୍ଯ୍ୟନ୍ତ ଅଟକ ରଖିଥିଲେ। କୋଦଳା ପୁଲିସ ଓ ଖଣ୍ଡଗିରି ପୁଲିସର ମିଳିତ ଟିମ୍ ଗତକାଲି ସନ୍ଧ୍ୟାରେ କାଞ୍ଜିଆମା ଗ୍ରାମ ଉପରେ ଚଡାଉ କରି ସ୍ୱସ୍ତିକ୍ କୁ ଉଦ୍ଧାର କରିବା ସହ ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା କୃଷ୍ଣ, ବସନ୍ତ ଓ ସନ୍ତୋଷକୁ ଗିରଫ କରିଥିଲେ।

# ଅଦାଲତ ଇତିହାସରେ ନୁଆ କଥା

## ଓଡିଆରେ ଅର୍ଜି ଲେଖା: ଓଡିଆରେ ଜବାବସୁଆଲ୍


କଟକ, ୭/୯ (ମାନସ ପଣ୍ଡା): ଅଦାଲତରେ ଅର୍ଜି ଦାଏର କରିବା ହେଉ କି' ମାମଲାର ଶୁଣାଣି ବେଳେ ଜବାବସୁଆଲ୍ କିମ୍ବା ଯୁକ୍ତି ଉପସ୍ଥାପନା କରିବା ହେଉ; ଏ ସମସ୍ତ କାମରେ ଇଂରାଜୀ ଭାଷାର ବ୍ୟବହାର ଅପରିହାର୍ଯ୍ୟ ବୋଲି ସମସ୍ତଙ୍କ ଧାରଣା। ସେ ଧାରଣାକୁ କିନ୍ତୁ ନିକଟରେ ବଦଳାଇବାକୁ ଚେଷ୍ଟା କରିଛନ୍ତି ବଲାଙ୍ଗୀର ଜିଲ୍ଲାର ଆଇନଜୀବୀ ଗଜାନନ ମିଶ୍ର।



ଟିଟିଲାଗଡର ସିନିୟର ଡିଭିଜନ୍ ସିଭିଲ୍ ଜଜ୍‌ଙ୍କ ଅଦାଲତରେ ମାସକ ତଳେ ଯେତେବେଳେ ଶ୍ରୀ ମିଶ୍ର ଏକ ଦେୱାନି ମାମଲାର ଅର୍ଜି ଦାଏର କଲେ, ସିରସ୍ତାଦାର ଚମକି ପଡିଲେ। କାରଣ ଅର୍ଜି (ପିଟିସନ୍)ଟି ଓଡିଆରେ ଲେଖାଥିଲା। ପ୍ରଥମେ ସିରସ୍ତାଦାର ଏହାର ଗ୍ରହଣୀୟତା ନେଇ ପ୍ରଶ୍ନ ଉଠାଇଲେ। ତେବେ ନିମ୍ନ ଅଦାଲତ ମାନଙ୍କର ପରିଚାଳନା ସଂପର୍କରେ ମାନ୍ୟବର ଓଡିଆ ହାଇକୋର୍ଟଙ୍କ ଦ୍ୱାରା ସ୍ଥିରୀକୃତ 'ଜେନେରାଲ୍ ରୁଲ୍‌ସ ଆଣ୍ଡ ସର୍କୁଲାର୍ ଅର୍ଡର୍‌ସ' ଅନୁସାରେ ସମ୍ବିଧାନ ସ୍ୱୀକୃତ ଓଡିଆ ଭାଷା ଅଦାଲତରେ ବ୍ୟବହାର କରାଯାଇପାରିବ ବୋଲି ଆଡ୍‌ଭୋକେଟ୍ ମିଶ୍ର ଦୃଢ ଯୁକ୍ତି ଦର୍ଶାଇବା ପରେ ଅର୍ଜିଟି ଗୃହୀତ ହେଲା। ଏବେ ଉକ୍ତ ଦେୱାନି ମାମଲାଟି ଅଦାଲତରେ ସାକ୍ଷ୍ୟପ୍ରମାଣ ଉପସ୍ଥାପନ ସ୍ତରରେ ବିଚରାଧୀନ ଅଛି। କିଛି ଦିନପରେ ଶ୍ରୀ ମିଶ୍ର ପୁଣି ସ୍ଥାନୀୟ ଅତିରିକ୍ତ ଦୌରା ଜଜ୍‌ଙ୍କ ଅଦାଲତରେ ଓଡିଆରେ ଲିଖିତ ଏକ ଜାମିନ୍ ଅର୍ଜି ଦାଏର କଲେ। ମକଦ୍ଦମାର ଶୁଣାଣି ବେଳେ ଓଡିଆ ଭାଷାରେ ଜବାବସୁଆଲ୍ ଓ ଯୁକ୍ତି ଉପସ୍ଥାପନ ବି କଲେ। ଜାମିନ୍ ମଞ୍ଜୁର ହେଲା। ପରେ ପରେ ଓଡିଆ ଭାଷାରେ ଆଉ ଏକ ଦେୱାନି ମାମଲାର ଅର୍ଜି।

ଏବେ ନିଜର ସମସ୍ତ ମକଦ୍ଦମାକୁ ଓଡିଆ ଭାଷାରେ ଲିଖିତ ଅର୍ଜି ମାଧ୍ୟମରେ ଅଦାଲତରେ ପେଶ୍ କରିବାର ପ୍ରୟାସ କରୁଛନ୍ତି ଶ୍ରୀ ମିଶ୍ର। ଏ ସଂପର୍କରେ ଶ୍ରୀ ମିଶ୍ରଙ୍କ ଯୁକ୍ତି ମଧ୍ୟ ଉଲ୍ଲେଖଯୋଗ୍ୟ। 'ମତେ ମାମଲା ଲଢିବାକୁ ଦେଉଥିବା ମୋ ମାଲିକ ବା ମହକିଲ ଯଦି ବୁଝି ନ ପାରିବେ ମୁଁ ଅର୍ଜିରେ ତା' ସମସ୍ୟା ବିଷୟରେ କ'ଣ ଲେଖିଲି ଓ ଅଦାଲତରେ ତା' କଥା କ'ଣ କହିଲି ବୋଲି, ତା'ହେଲେ ଆଉ ଲାଭ ବା କ'ଣ? ମୋର ଆନ୍ତରିକ ଇଚ୍ଛା, ଆମ ଗଣତାନ୍ତ୍ରିକ ରାଷ୍ଟ୍ରରେ ଅଦାଲତ କଚେରୀର ସମସ୍ତ କାମ ଗଣଙ୍କ ଭାଷାରେ ହିଁ ହେଉ। ତେବେ ଯାଇ ଲୋକେ ବୁଝିବେ ସେଠାରେ କ'ଣ ସବୁ ଘଟୁଛି। ସେଇଥିପାଇଁ ମୋର ଏ ଉଦ୍ୟମ।'

ପ୍ରକୃତପକ୍ଷେ, ଉଚ୍ଚ ନ୍ୟାୟାଳୟ ହେଉ ଅବା ନିମ୍ନ ଅଦାଲତ, ପ୍ରାୟତ: ସବୁଠି ଅର୍ଜି ଇଂରାଜୀରେ ଲେଖା ଯାଉଥିବାରୁ ଏବଂ ଜବାବସୁଆଲ୍ ବେଳେ ଇଂରାଜୀ ଭାଷାର ବହୁଳ ଭାବେ ବ୍ୟବହାର ହେଉଥିବାରୁ; ଉଭୟ ଅର୍ଜି, ଜବାବସୁଆଲ୍ ଓ ବିଚାର ପ୍ରକ୍ରିୟା ସାଧାରଣ ଲୋକଙ୍କ ସମଝ୍‌ରୁ ବାହାର ହୋଇଯାଉଛି। ବେଳେ ବେଳେ ବୈଷୟିକ ଦୃଷ୍ଟିରୁ ଭାବାର୍ଥ ବି ବଦଳି ଯାଉଛି। ଏମିତିରେ ଦେଖିଲେ ଅଦାଲତି କାରବାର ପାଇଁ ଓଡିଆ ଭାଷା ଉଭୟ ସମ୍ବିଧାନ ସ୍ୱୀକୃତ ଓ ହାଇକୋର୍ଟର ଅନୁମୋଦନ ପ୍ରାପ୍ତ। ଓଡିଆ ଭାଷାରେ ଆଇନର ବିସ୍ତୃତ ତର୍ଜମା, ଆଲୋଚନା, ପୁସ୍ତକ ରଚନା ମଧ୍ୟ ଇତିମଧ୍ୟରେ ସଂପର୍ଣ୍ଣ ହୋଇପାରିଛି। ଅନ୍ୟ ପକ୍ଷରେ ଛତିଶଗଡ଼, ଗୁଜୁରାଟ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଆଦି ରାଜ୍ୟମାନଙ୍କରେ, ଉଭୟ ଉଚ୍ଚ ନ୍ୟାୟାଳୟ ଓ ନିମ୍ନ ଅଦାଲତ ମାନଙ୍କରେ ଅର୍ଜିଠାରୁ ଆରମ୍ଭ କରି ଯୁକ୍ତି ଉପସ୍ଥାପନ ଯାଏଁ ଏପରିକି ରାୟଯାଏ; ସବୁ ଅଦାଲତି କାରବାର ସ୍ଥାନୀୟ ଭାଷାରେ ସଂପର୍ଣ୍ଣ ହୋଇପାରୁଥିବାବେଳେ ଆମ ରାଜ୍ୟ ଓଡିଶାରେ ଆମ ନିଜ ମାତୃଭାଷାରେ ଏ କାମ କରିବାରେ ଅସୁବିଧା କେଉଁଠି ରହିଛି ବୋଲି ଭାବିବାର ସମୟ ଆସିଯାଇଛି। ସାବାସ୍ ଶ୍ରୀ ମିଶ୍ର।



ଶ୍ରୀ ମିଶ୍ରଙ୍କ ଦ୍ୱାରା ଦାଏର ଓଡିଆରେ ଲିଖିତ ଏକ କାମିନ୍ର ଅର୍ଜିର ନକଲ।



ସୁଦୂର କର୍ଣ୍ଣାଟକ ରାଜ୍ୟର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ତଥା ଟିପୁ ସୁଲ୍ତାନ୍ଙ୍କ ସମରଭୂମି ମହୀଶୁର ସହରରେ ରାଜପ୍ରାସାଦରେ ଅନୁଷ୍ଠିତ ଦଶହରା ବେଳେ ସୁଦୃଶ୍ୟ ଆଲୋକମାଳାର ଚମକ।

# କବିତା ବିଭାଗ

## ବୁଢାଟା

### ଗୌରବ କୁମାର ତ୍ରିପାଠୀ

ବୁଝିଲୁ, ଏ ବୁଡାଟା ପ୍ରତି
ମୋର ଭାରି ଦରଦ,
କାରଣ, ମୋର ଜେଜେ ବାପା ହେଲେ
ଇମିତି ଏକା ଦିଶୁଥିଲେ ତ'
ତେଣୁ ତ', ବାଟରେ ଘାଟରେ,
ଅଫିସରେ ସାଙ୍ଗ ମେଳରେ ଥିଲେ ବି
ଇମିତି ବୁଡାଯାକକୁ ଦେଖିଲେ
ମୁ ଘନଘନ କରି ଚାହେଁ
ମୋ ସ୍ନେହ କାଙ୍ଗାଳ
ବାପାଟାକୁ ଖୋଜେ
ସେମାନଙ୍କ ଭିତରେ
ହେଲେ ଆଉ କୋଉଠି
ଆସିବ ସେ ସିଏ?

ଜଗନ୍ନାଥ ପ୍ରସାଦ, ଗଞ୍ଜାମ

## ବର୍ଷା

### ରିତା ମିଶ୍ର

ଋତୁ ପ୍ରଭାବରୁ ଏହି ଧରା ଧାମେ
ଧୀରେ ଧୀରେ ବର୍ଷା ଅଇଲା,
ବୃକ୍ଷଲତା, ଗୁଳ୍ମ, ତୃଣ ଏ ସବୁରି
ସୁନ୍ଦର ଏ ସବୁ ଦିଶିଲା
ବନ ଉପବନୁ ନାନାଦି କୁସୁମ
ସୌରଭ ସତେଜ ହୋଇଲା
ବର୍ଷା ମାଡି ମାଡି ଆସିଲା

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଧରିଣ ବକ୍ଷରେ ଶୋଭିତ ଜଳରୁ
କୁଳୁକୁଳୁ ହୋଇ ବହିଲା
ତୃଣ କବଳିତ ପ୍ରାନ୍ତରର ଉର
ସବୁଜ ବରନ ଦିଶିଲା
ବନ ବିହାରିଣୀ ପଶୁପକ୍ଷୀ ସବୁ
ଆନନ୍ଦରେ ଘୂରି ବୁଲିଲେ
ବର୍ଷା ମାଡି ମାଡି ଆସିଲା
ସୂର୍ଯ୍ୟ ଉତ୍ତାପ ଘୋରତର ନୋହିଲା
ବନ୍ୟା ବାତ୍ୟା ଭୟ ହୋଇଲା
ଜୀବଜଗତଟି ଦିନରାତି ଖାଲି
ତା' ବାସସ୍ଥାନକୁ ଖୋଜିଲା
ଋତୁ ଆବର୍ତ୍ତନ ବିଧିର ଭିଆଣ
ହେବା କଥା ତାହା ହୋଇଲା
ବର୍ଷା ମାଡି ମାଡି ଆସିଲା

ଫାସି, କୋଦଳା, ଗଞ୍ଜାମ

# ତୁମ ହସ

## ଭାରତୀଭୂଷଣ ପଟ୍ଟନାୟକ

ତୁମେ ପଦେ ହସି କଥା କହିଦେଲେ
ସରଗର ଚାନ୍ଦ ହସିଉଠେ,
ତୁମେ ଯେବେ ଖିଲ୍‌ଖିଲ୍ ହସିଉଠ,
ବରଷାର ମୋତିବିନ୍ଦୁ ଖସେ।
ତୁମେ ଯେବେ ଈଷତ୍ ହସିଦିଅ,
ହେମନ୍ତର ଅପରାହ୍ଣ ଆସେ,
ତୁମର ସେ ମୁରୁକି ହସରେ
ଝରା ବଉଳର ବାସ୍ନା ଆସେ।
ତୁମେ ଯେବେ ଚୁପି ଚୁପି ହସ
ନିଥରରେ ପ୍ରତିସୁର ଭାସେ,
ତୁମେ ଯେବେ ହସି ମଥାନୁଁଅ
ପ୍ରୀତିପୁଷ୍ପ ଫୁଟେ ଆଉ ଫୁଟେ।
ତୁମର ସେ ଅଳପ ହସରେ
ଅନେକ ଗଳ୍ପ ନେଛି ନେଛି ହୋଇ ଗୁନ୍ଥା।
ଆଇ- ମା କାହାଣୀ ପସରା
ମେଲି ଦେଇଛି କି ସତେ ଅବା?
ତୁମେ ଯେବେ ଆଖିରେ ଆଖି ମିଶାଇ
ହସିଦିଅ ଥରୁଟିଏ,
ଏ ମନୁଁ ଦୁଃଖ ଯାତନା କ୍ଲେଶ ଆଦି
ଧୋଇନିଅ
ମନଖାଲି ତୁମକୁ ହିଁ ଚାହେଁ।

ସୂର୍ଯ୍ୟକୁଟୀର, ବ୍ରହ୍ମପୁର

# ହେ ସୂର୍ଯ୍ୟ

## ସ୍ନେହଲତା ବସ୍ତିଆ

ହେ ସୂରୁଜ!
ତୁମେ ଆସିଗଲା ପରେ
ଆଖିରୁ ମୋ ଧୋଇଯାଏ
ଅସୁମାରି ଲୁହ।
ଦିନେ ତୁମରି ସେ ରକ୍ତିମ କିରଣର ବେଳେ
ଜୁଇପରେ ଜଳୁଥିବା ଅନଳ ଭିତରେ
ଶେଷଦେଖା କରିବାକୁ ଯାଇଥିଲି
ସାଥୀଟିକୁ ମୋର ମଶାଣି ଭୂଇଁରେ।
ଏବେ ପ୍ରତିଦିନ ସଂଜ ନଇଁ ରାତି ହୁଏ
ଆଖିରୁ ମୋ ନିଦ ଯାଏ
ସାଥୀବିନା ଏ ହୃଦୟ
ନିସ୍ତବ୍ଧ କୋଠରୀରେ ଛଟପଟ ହୁଏ।
ହେ ସୂର୍ଯ୍ୟ!! ଏବେ ତୁମ
ତରୁଣ କିରଣ, ବୋଳି ଦିଅ
ମୋ ପାଷାଣ ପ୍ରତିମା ଦେହରେ
ମୁଁ ମୁକ୍ତି ପାଏଁ।

ଜୟପୁର ଉପଖଣ୍ଡ ଚିକିତ୍ସାଳୟ

**ଅସୀମ ଆଶା ଓ ଅଣାୟତ ଉନ୍ମାଦନାର**
**ଆହ୍ୱାନ**

# ରାସ୍ତା

**ମମତା ସାମଲ**

କେଉଁକାଳୁ ଜନମ ତାହାର ହିସାବ ତା
ରଖିନାହିଁ କେହି,
ବ୍ୟସ୍ତତା ବି ନଥାଏ କାହାର
ରୂପ ଯେବେ ହୁଅଇ କଦର୍ଯ୍ୟ,
ସରକାରୀ ଖାତା ଖୋଜା ହୁଏ
ପାଇବାକୁ ଜନ୍ମର ବୃତ୍ତାନ୍ତ।
ଅଚାନକ ଦୈବ ଦୁର୍ବିପାକେ କିଛି ଅଂଶ
ହଜିଗଲେ ତାର
ଛୋଟରୁ ଛାମୁଣ୍ଡିଆ ଯାଏଁ ସମସ୍ତେ
ଚିନ୍ତିତ,
ଚାଲେ ଧର୍ମଘଟ ଅନବରତ
ସରକାରୀ କଳ ହୁଅଇ ତତ୍ପର
ଶୀଘ୍ର ହୁଏ ନୁଆ କଳେବର।
ସମସ୍ତେ ଚାଲନ୍ତି, ସମସ୍ତଙ୍କୁ ଛୁଏଁ
ଝୁଣ୍ଟିପଡି ଟଳିଗଲେ, ଆଲିଙ୍ଗନ କରେ ମା' ପରି।
ଆବାଳ ବୃଦ୍ଧ ବନିତା ସଭିଙ୍କର ଏକ ମାତ୍ର ବନ୍ଧୁ- 'ରାସ୍ତା'
ସହ୍ୟକରେ ସମସ୍ତଙ୍କ ବୋଝ,
ସାହସ ତା ନଥାଏ ପଚାରିବାକୁ କାହିଁକି?
ତା ପ୍ରତି ଏ ଅତ୍ୟାଚାର
ଆଉ ନିଷ୍ଠୁରତା।

ଠକ୍କରବାପା ଆଶ୍ରମ ସ୍କୁଲ, ରାୟଗଡା

# ବିଶ୍ୱ ବିଶ୍ୱାସେ ଡାକେ ମଣିମା

**ଜଗନ୍ନାଥ ରଥ**

ବ୍ରହ୍ମାଣ୍ଡ ସାଗରେ ଡାକେ ହରି,
କୋଟି ବ୍ରହ୍ମାଣ୍ଡର ଲୀଳା ଆବୋରି-ହେ ଚକ୍ରଧାରୀ
କଳ୍ପବୃକ୍ଷ ରୂପେ ଅବତରୀ-ହେ ଚକ୍ରଧାରୀ
ଦୀନବନ୍ଧୁ ଯା'ର ନାମ,
ଦୀନ ଉଦ୍ଧାରେ ଏ ଶ୍ରୀକ୍ଷେତ୍ରଧାମ- ହେ ପରଂବ୍ରହ୍ମ
ଦିନ ସରିଯାଏ ମମ- ହେ ପରଂବ୍ରହ୍ମ
ଗଜଡାକେ ନାରାୟଣ,
ବକ୍ର ପେଶି ନକ୍ର ଛାଡିଲା ପ୍ରାଣ- ହେ ଆର୍ତ୍ତତ୍ରାଣ
ବାରେ ଘେନ ମୋର କଷଣ- ହେ ଆର୍ତ୍ତତ୍ରାଣ
ଶରଣ ରକ୍ଷଣ ବାନା,
ସ୍ମରଣ ମାତ୍ରକେ ଫେଡ ଯାତନା- ହେ ବଜ୍ରସେନା
ଭବସାଗରେ କରେ ବନ୍ଦନା- ହେ ବଜ୍ରସେନା
ପ୍ରହ୍ଲାଦ ଡାକେ ଶ୍ରୀ ହରି,
କରୁଣ ପ୍ରସାଦେ ସ୍ତମ୍ଭବାହାରି- ହେ ନରହରି
ନଖମୁଖେ ହିରଣ୍ୟ ବିଦାରି- ହେ ନରହରି
ଯାହାର କରୁଣା ବଳେ,
ଭସଇ ପଥର ସମୁଦ୍ରଜଳେ- ସେ' ମାୟାଜାଲେ
ଶୂନ୍ୟ ଆକାଶ ଅମୃତ ଗଳେ- ସେ' ମାୟାଜାଲେ
ବାଙ୍କ ଚାହାଣୀର ଗୁଣି,
ଥରେ ଚାହିଁଦେଲେ ମୋ ନେତ୍ରମଣି- ମୋ କ୍ଷେତ୍ରମଣୀ
ଭାବ ସମୁଦ୍ର କରେ ଉଜାଣି- ମୋ କ୍ଷେତ୍ରମଣୀ
ଦୟାକର ଦୀନବନ୍ଧୁ,
ପତିତପାବନ କରୁଣା ସିନ୍ଧୁ- ମୋ ପ୍ରାଣବିନ୍ଦୁ
ଜୀବ ପରମ ଭାବକୁ ଛନ୍ଦୁ- ମୋ ପ୍ରାଣବିନ୍ଦୁ
ଜନମ ମରଣ ସତ
ପଞ୍ଚଭୂତ ମଧ୍ୟେ ତୁ ଦାରୁଭୂତ- ହେ ଜଗନ୍ନାଥ

ଛତ୍ରପୁର



# ମନ୍ଦିର ସୁରକ୍ଷା କରୁଛନ୍ତି ଜଣେ ମୁସଲ୍‌ମାନ

ଜାତିରେ ମୁସଲ୍‌ମାନ କିନ୍ତୁ ହିନ୍ଦୁ ଦେବାଳୟର ସୁରକ୍ଷା ଦିଗରେ ଆଜି ମହମ୍ମଦ ୟାସିନ୍ ପଠାନ୍ ଯେଉଁ ମହାନ ସଫଳତାର କାହାଣୀ ସୃଷ୍ଟି କରିଛନ୍ତି ତାହା ସମାଜ ପାଇଁ ଆଲୋକ ବର୍ତ୍ତିକା ହୋଇ ରହିଛି।

**ଆଲେଖ୍ୟ: ଚିନ୍ମୟୀ ଦେବୀ**



ମୁସଲିମ୍ ସଂପ୍ରଦାୟର ସେ। ଏକାଗ୍ରତାର ସହ ଇସ୍‌ଲାମ୍ ଧର୍ମ ପାଳନ କରନ୍ତି। ନିଜ ସଂପ୍ରଦାୟ ଓ ଧର୍ମ ପ୍ରତି ଏଭଳି ଏକନିଷ୍ଠ ଦାୟିତ୍ୱ ଓ ପ୍ରତିଶ୍ରୁତିବଦ୍ଧତା ରଖୁଥିବା ମହମ୍ମଦ ୟାସିନ୍ ପଠାନ୍ ଯେତେବେଳେ ନିଜଗାଁର ଧ୍ୱସ୍ତ ବିଧ୍ୱସ୍ତ ହିନ୍ଦୁ ମନ୍ଦିରର ରକ୍ଷଣା ବେକ୍ଷଣ ପାଇଁ ଅଣ୍ଟା ଭିଡିଲେ ତାଙ୍କୁ କମ ନିର୍ଯ୍ୟାତନା ସହିବାକୁ ପଡିନାହିଁ।

ପଶ୍ଚିମ ବଙ୍ଗର ମେଦିନପୁର ଜିଲ୍ଲାରେ ରହିଛି ପଥରା ଗାଁଟି। ଗାଁଟିର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନୁପମ। ମନ୍ଦିରମାଳିନୀ ଏହି ଗାଁର ଆରମ୍ଭରୁ ଶେଷ ମୁଣ୍ଡଯାଏଁ ବହୁ ଦେବଦେବୀଙ୍କ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିଲା। କେହି ଏହାର ରକ୍ଷଣା ବେକ୍ଷଣ ପାଇଁ କେବେ ବି ଧ୍ୟାନ ଦେଉନଥିଲେ।

ଗାଁ ହାଇସ୍କୁଲ୍‌ରେ ପିଉନ୍ ଚାକିରୀ କରୁଥିବା ମହମ୍ମଦ ୟାସିନ୍ ପଠାନ୍‌ଙ୍କ ଧ୍ୟାନ ଏହି ଧ୍ୱସ୍ତ ବିଧ୍ୱସ୍ତ ଦେବାଳୟ ଗୁଡିକ ଉପରେ ପଡିଥିଲା ପ୍ରାୟ ତିନି ଦଶନ୍ଧି ତଳେ। ସେବେଠୁ ଏହାର ସୁରକ୍ଷା ବ୍ୟବସ୍ଥା କରି ଆସୁଥିବା ପଠାନ୍ ଆଜି ଏ ଅଞ୍ଚଳ ପାଇଁ ଆଲୋକବର୍ତ୍ତିକା ପାଲଟି ଯାଇଛନ୍ତି। ପିଲାଟି ବେଳୁ ଇତିହାସ, ବିଶେଷ କରି ପୁରୁଣା ମନ୍ଦିର ଓ ମସ୍‌ଜିଦ୍ ପ୍ରତି ପଠାନ୍‌ଙ୍କର




ଦୁର୍ବାର ଆକର୍ଷଣ ଥିଲା। ଜଣେ ଗରୀବ ଚାଷୀର ପୁଅ ହୋଇଥିବାରୁ ଅଷ୍ଟମ ଶ୍ରେଣୀରୁ ପାଠର ଡୋର ବାନ୍ଧିବାକୁ ପଡିଥିଲା ତା'ଙ୍କୁ। ସେ ପାଠ ପଢା ସିନା ଛାଡିଦେଲେ ଅନ୍ୟମାନଙ୍କଠୁଁ ମାଗିଯାଚି ବହୁ ଇତିହାସ ବହି ପଢାପଢି କରିଥିଲେ।

ପଥରାରେ ଥିବା ଦେବାଳୟଗୁଡିକର ଜରାଜୀର୍ଣ୍ଣ ଅବସ୍ଥା ଦେଖି ସେ ଏ ଦିଗରେ କାର୍ଯ୍ୟ କରିବାକୁ ଆଗେଇ ଆସିଲେ। ତା'ଙ୍କୁ ସବୁଠୁ ବେଶୀ ଆଘାତ ଦେଲା ଯେ, କୌଣସି ହିନ୍ଦୁ ଏ ମନ୍ଦିରଗୁଡିକର ସୁରକ୍ଷା ପାଇଁ ପଦକ୍ଷେପ ନେଉ ନାହାନ୍ତି। ଏ ସବୁ ମନ୍ଦିର ଗୁଡିକ ମୁଖ୍ୟତଃ ଗାଁ ଦେଇ ବହିଯାଉଥିବା କାଂଶବତୀ ନଦୀ କୂଳରେ ଥିଲା। ନଦୀ ପଥର ବରାବର ପରିବର୍ତ୍ତନ ଯୋଗୁଁ ଅନେକଟା ମନ୍ଦିର ତା ଗର୍ଭରେ ସଂପୁର୍ଣ୍ଣ ବିଲୀନ ହୋଇଯାଇଥିଲା। ଆଉ ଯେଉଁଗୁଡିକ ଠିଆହୋଇ ରହିଥିଲା ତାହା ଅତି ପରିତ୍ୟକ୍ତ ଓ ଭଙ୍ଗାରୁଜା ଅବସ୍ଥାରେ। ସ୍ଥାନୀୟ ଲୋକେ ମଧ୍ୟ ମନ୍ଦିରରୁ ଇଟା ଚୋରି କରି ନେଉଥିଲେ।

ମୋଗଲ ସାମ୍ରାଜ୍ୟ ବେଳୁ ଏ ଗାଁ ମୁଣ୍ଡଦେଇ ଏକ ତିନି କୋଣିଆ ରାସ୍ତା ଲମ୍ବିଯାଇଛି। ଐତିହାସିକ ଦଲିଲ ଓ ଆବିଷ୍କୃତ ପ୍ରତ୍ନତତ୍ତ୍ୱ ସମ୍ବଳିତ ତଥ୍ୟରୁ ଏହା ଏକ ପ୍ରମୁଖ ବ୍ୟବସାୟିକ




# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ




ପେଣ୍ଠ ଥିବା ଅନୁମାନ କରାଯାଏ। ଓଡିଶା ସହ ପଶ୍ଚିମବଙ୍ଗର ବ୍ୟବସାୟିକ କାରବାର ଏହି ରାସ୍ତା ଦେଇ ମୁଖ୍ୟତଃ ଚାଲୁଥିଲା। ଟେରାକୋଟାର ଏହି ଦେବାଳୟ ଗୁଡିକ ୧୬୦୬ରୁ ୧୬୬୨ ମଧ୍ୟରେ ନିର୍ମାଣ ହୋଇଥିବା ଅନୁମାନ କରାଯାଏ। ବଙ୍ଗ-ବିହାର ସାମ୍ରାଜ୍ୟର ନବାବ ଅଲୀ ବାରଦୀ ଖାଁ ଙ୍କ ରାଜତ୍ୱ କାଳ (୧୭୩୨) ରେ ଏହି ସ୍ଥାନର ଗୁରୁତ୍ୱ ଅଧିକ ଥିଲା ବୋଲି ପଥରା ଗାଁର ଐତିହାସିକ ବିବରଣୀରୁ ମଧ୍ୟ ଜଣାପଡୁଛି। ଏଠାର ଅଧିକାଂଶ ମନ୍ଦିର ସେତେବେଳେ ନବାବ୍‌ଙ୍କ ରାଜସ୍ୱ ନିରୀକ୍ଷକଙ୍କ ଥିବା ବ୍ରାହ୍ମଣ ଜାତିର ବିଦ୍ୟାନନ୍ଦ ଘୋଷାଲ ନିର୍ମାଣ କରାଇଥିଲେ।


ଏଭଳି ବିରଳ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତି ଧ୍ୱଂସ ପାଇଯିବା ପୂର୍ବରୁ ସେଗୁଡିକର ସୁରକ୍ଷା ପାଇଁ ପଠାନ୍ ଏକ ନିଷ୍ଠ ଉଦ୍ୟମ ଆରମ୍ଭ କରିଥିଲେ। ପଠାନ୍‌ଙ୍କୁ ଯେତେବେଳେ ମାତ୍ର ୧୬ ବର୍ଷ (୧୯୭୦) ସେ ଅବହେଳିତ ଅବସ୍ଥାରେ ଥିବା ୩୪ ମନ୍ଦିରର ସୁରକ୍ଷା ପାଇଁ ଆଗେଇ ଆସିଲେ। ଆରମ୍ଭରେ ଉଭୟ ହିନ୍ଦୁ ଓ ମୁସଲିମ୍ ସଂପ୍ରଦାୟ ପକ୍ଷରୁ ତାଙ୍କୁ ଅନେକ



ପ୍ରତିବନ୍ଧକର ସାମନା କରିବାକୁ ପଡିଥିଲା। ଯେଉଁ ହିନ୍ଦୁ ମାନେ ନିଜ ଘରକାମରେ ଲଗାଇବା ପାଇଁ ଏହି ମନ୍ଦିରରୁ ଇଟା ଚୋରି କରି ନେଉଥିଲେ ସେମାନେ ସହି ପାରିଲେ ନାହିଁ ଯେ ଜଣେ ମୁସଲିମ୍ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ ଆରମ୍ଭ କରିବ। ପଠାନ୍ କହନ୍ତି, " ସେମାନଙ୍କ ସଂକୀର୍ଣ୍ଣ ମାନସିକତା ହେଉଛି ଯେ ଜଣେ ମୁସଲମାନ ହିନ୍ଦୁ ଦେବାଳୟ ପାଇଁ ଏତେ ଆଗ୍ରହ ପ୍ରକାଶ କରୁଛି କାହିଁକି? ଏବେ ବି ମୋର ତିକ୍ତ ଅନୁଭୂତି ମନେ ପଡୁଛି- ଦଳେ ହିନ୍ଦୁ ଗୋଟିଏ ମନ୍ଦିର ତାଡି ଇଟା ଖଣ୍ଡ ସବୁ ବୋହି ନେଉଥିବା ବେଳେ ମୁଁ ସେମାନଙ୍କୁ ବିରୋଧ କରିବାରୁ ସେମାନେ ମୋତେ ନିସ୍ତୁକ ବାଡେଇଲେ। ତଳେ ପକାଇ ପାଦରେ ଦଳିଦେଲେ। ମୁଁ ଯେମିତି ମନ୍ଦିରଗୁଡିକର ଆଉ ପାଖ ନ ମାଡେ ସେମାନେ ସତର୍କ



# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ



କରିଦେଇଗଲେ। ପରେ ସେମାନେ ମୋତେ ପାଗଳ କହିବାକୁ ମଧ୍ୟ ପଛେଇଲେ ନାହିଁ।"

ଅନ୍ୟ ପକ୍ଷରେ ନିଜ ସଂପ୍ରଦାୟର ଲୋକେ ମଧ୍ୟ ପଠାନ୍‌ଙ୍କ ଏହି କାର୍ଯ୍ୟକୁ ନାପସନ୍ଦ କରିଥିଲେ। "ମୁଁ ଇସଲାମ୍ ବିରୋଧୀ କାର୍ଯ୍ୟ କରୁଛି ବୋଲି ସେମାନେ ପ୍ରଚାର କଲେ। ଆଉ କେତେ ମୋତେ କାଫିର (ଧର୍ମଦ୍ରୋହୀ/ପ୍ରତାରକ) ବୋଲି ମଧ୍ୟ ଆଖ୍ୟା ଦେଲେ। ସେମାନଙ୍କର ଯୁକ୍ତି ଥିଲା- ମୁସଲମାନ ମୂର୍ତ୍ତି ପୂଜାରେ ବିଶ୍ୱାସ ରଖେନାହିଁ। ଯେହେତୁ ମୁଁ ହିନ୍ଦୁ ଦେବାଳୟ ଗୁଡିକର ସୁରକ୍ଷା କରୁଛି ତେଣୁ ମୁଁ ଧର୍ମଦ୍ରୋହୀ। ବାବ୍ରୀ ମସଜିଦ୍ ଧ୍ୱଂସ କରାଯିବାପରେ ଆମ ବସ୍ତିରୁ ମୋତେ ବାସନ୍ଦ କରି ଦିଆଗଲା।" କହନ୍ତି ପଠାନ୍।

ଏହା ସତ୍ତ୍ୱେ ପଠାନ୍ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହେଲେ ନାହିଁ। ପଡୋଶୀ ଗାଁ ଓ ନିଜ ଗାଁର ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ବୁଲି ବୁଲିବୁଝାଇଲେ ଯେ ଐତିହାସିକ କୀର୍ତ୍ତି କୌଣସି ନିର୍ଦ୍ଦିଷ୍ଟ ଜାତି ବା ସଂପ୍ରଦାୟର ହୋଇପାରେନା। ଏହା ପ୍ରତ୍ୟେକ ଭାରତୀୟ ନାଗରିକଙ୍କର। ଏହାର ସୁରକ୍ଷା କରିବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ। ଶେଷରେ ପଞ୍ଚାୟତ ପ୍ରଧାନ (ସରପଞ୍ଚ) ଓ ଅନ୍ୟ କିଛି ସ୍ଥାନୀୟ ଲୋକଙ୍କ ସହାୟତା ତାଙ୍କୁ ମିଳିଲା। ପଠାନ୍‌ଙ୍କ ମନୋବଳ ଆହୁରି ଦୃଢ



ହୋଇଗଲା। ଗାଁର କିଛି ଉତ୍ସାହୀ ବ୍ୟକ୍ତିଙ୍କୁ ନେଇ ସେ "ପଥରା ପ୍ରତ୍ନତାତ୍ତ୍ୱିକ ସୁରକ୍ଷା ସମିତି" ନାମରେ ସଂଗଠନଟିଏ ପ୍ରତିଷ୍ଠା କଲେ। ଏହି ସମିତିରେ ହିନ୍ଦୁ, ମୁସଲମାନ୍ ଆଦିବାସୀ ସମ୍ପ୍ରଦାୟର ଶିକ୍ଷିତ ବ୍ୟକ୍ତିଙ୍କୁ କର୍ମକର୍ତ୍ତା ଭାବେ ମନୋନୀତ କରାଗଲା।

ଏହି ସମିତି ମନ୍ଦିର ଗୁଡିକରେ ଥିବା ଅଳିଆ ଆବର୍ଜନା ସଫା କରିବା ସହ ଏ ଦିଗରେ ସରକାରୀ ସହାୟତା ପାଇବାକୁ ମେଦିନିପୁର ଜିଲ୍ଲାପାଳଙ୍କ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ମଧ୍ୟ କରିଥିଲା। ଜିଲ୍ଲା ପ୍ରଶାସନ ସଚେତନ ହୋଇ ପୁଲିସକୁ ଏହାର ରକ୍ଷଣା ବେକ୍ଷଣ ଦିଗରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଲା। ଏଥିପାଇଁ ବିଭିନ୍ନ ସ୍ତରରୁ ସହାୟତା ରାଶି ମଧ୍ୟ ଆସି ପହଞ୍ଚିଲା। ପଠାନ୍ ଏ ଦିଗରେ ଅଧିକ ସହାୟତା ପାଇବାକୁ ରାଜଧାନୀ ଦିଲ୍ଲୀ ଦୌଡିଗଲେ। ସେ କହନ୍ତି," ସେଠାରେ ଅନେକ ରାତି ମୋତେ ରେଳ ଷ୍ଟେସନରେ ବିତାଇବାକୁ ପଡିଛି।" ଶେଷରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର (ଏ ଏସ ଆଇ)



ପଦାଧିକାରୀଙ୍କୁ ଭେଟିବାର ସୁଯୋଗ ମିଳିଲା। ପଠାନ ଏହି ଅଧିକାରୀଙ୍କୁ ୩୦୦ ବର୍ଷର ପୁରୁଣା କୀର୍ତ୍ତିରାଜିର ସୁରକ୍ଷା ତୁରନ୍ତ କରା ନଗଲେ ସେଗୁଡିକ ସଂପୂର୍ଣ୍ଣ ଧ୍ୱଂସ ପାଇଯିବ ବୋଲି ସୂଚନା ଦେଇଥିଲେ। ଏ ଏସ ଆଇ ପଠାନ୍‌ଙ୍କ ଯୁକ୍ତିର ଯଥାର୍ଥତା ଅନୁଭବ କରି ଏହାର ରକ୍ଷଣା ବେକ୍ଷଣ ହାତକୁ ନେଇଥିଲା। ପଠାନ କହନ୍ତି, ସେତେବେଳେ ସ୍ୱଳ୍ପ ଦରମାରେ ଘର ଚଳାଇବା ସାଙ୍ଗକୁ ବରାବର ଦିଲ୍ଲୀ ଓ କଲିକତା ଦୌଡିବାର ଖର୍ଚ୍ଚ ବହନ କରିବା କଷ୍ଟକର ଥିଲା। ଏହା ସତ୍ତ୍ୱେ ପଠାନ୍‌ଙ୍କର ପରିଶ୍ରମର ମୂଲ୍ୟ ମିଳିଲା। ସେତେବେଳେ କେନ୍ଦ୍ର ଯୋଜନା ବୋର୍ଡର ଉପାଧ୍ୟକ୍ଷ ତଥା ବିଶିଷ୍ଟ ବଙ୍ଗୀୟ ନେତା ପ୍ରଣବ ମୁଖାର୍ଜୀ ଏଥିପାଇଁ ଏଏସାଇ କୁ ୨୦ ଲକ୍ଷ୍ ଟଙ୍କା ଅନୁଦାନ ଦେଇଥିଲେ।

ଏସବୁ କାର୍ଯ୍ୟ ପଠାନ୍‌ଙ୍କ ଆର୍ଥିକ ଦୁଃସ୍ଥିତି ବଢାଇ ଦେଇଥିଲା। ତାଙ୍କ ସ୍ୱଳ୍ପ ଦରମା ଗଣ୍ଡାକ ପ୍ରଚାରପତ୍ର ଛପା, ସଚେତନ ଶୋଭାଯାତ୍ରା ଓ ବିକ୍ଷୋଭ ଆୟୋଜନରେ ଖର୍ଚ୍ଚ ହୋଇଯାଉଥିଲା। ନିଜ ଝିଅର ବିବାହ ଆଳ ଦେଖାଇ ସେ ବ୍ୟାଙ୍କରୁ ଋଣ ମଧ୍ୟ କରିଥିଲେ। ଏବେ ବି ପଠାନ୍‌ଙ୍କ ଆର୍ଥିକ ଦୁଃସ୍ଥିତି ସେହି ଅବସ୍ଥାରେ ଅଛି। ନିଜ ପୁଅ ଓ ସାନ ଭାଇ ନିଯୁକ୍ତି ଅଭାବରୁ ଘରେ ବେରୋଜଗାରିଆ ହୋଇ ବସିଛନ୍ତି। ୧୦ଜଣିଆ ପରିବାରର ପୁରା ଦାୟିତ୍ୱ ନେବା ପଠାନ୍‌ଙ୍କ ପକ୍ଷେ ବଡ କଷ୍ଟକର ହୋଇ ପଡୁଛି। ତେବେ ଏହା ତାଙ୍କ ଲକ୍ଷ୍ୟ ପଥରେ ପ୍ରତିବନ୍ଧକ ହୋଇନାହିଁ। ଏବେ ଏଏସାଇର ରକ୍ଷଣା ବେକ୍ଷଣ କାର୍ଯ୍ୟର ତଦାରଖ ସେ ନିଜେ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୧୭ଟି ମନ୍ଦିର ପୂର୍ଣ୍ଣ ସୁରକ୍ଷିତ ଅବସ୍ଥାକୁ ଆସିପାରିଛି।

ଏହି ଅଞ୍ଚଳକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେବାକୁ ପଠାନ୍ ପଶ୍ଚିମବଙ୍ଗ ସରକାରଙ୍କ ପାଖେ ଦାବି ଉପସ୍ଥାପନ କରିଛନ୍ତି। ସେ କହନ୍ତି ପଥରା ଗ୍ରାମବାସୀ ଏବେ ବହୁତ ଖୁଶି। ଏହି ଗାଁକୁ ଭଲ ରାସ୍ତା ତିଆରି ହୋଇପାରିଛି। ବିଦ୍ୟୁତ ସଂଯୋଗ ହୋଇଛି। ସରକାର ଏହାକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଦେଲେ ସ୍ଥାନୀୟ ବାସିନ୍ଦା ପରୋକ୍ଷରେ ଭିନ୍ନ ଭିନ୍ନ ଆୟ ପନ୍ଥା ଗ୍ରହଣ କରିପାରନ୍ତେ।

ଏପରି ପ୍ରଗତି ସତ୍ତ୍ୱେ କିଛି ମୌଳବାଦୀ ପଠାନ୍‌ଙ୍କୁ ବିରୋଧ କରିବାରୁ ନିବୃତ୍ତ ହୋଇନାହାନ୍ତି। ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଧମକ ଦିଆଯାଉଛି। ଏପରିକି ସେମାନେ ତାଙ୍କ ଘରର ଟେଲିଫୋନ୍ ସଂଯୋଗ ମଧ୍ୟ ବିଚ୍ଛିନ୍ନ କରିଦେଇଛନ୍ତି।

ସବୁ ପରେ ବି ଏଭଳି ବ୍ୟକ୍ତିତ୍ୱଙ୍କ ଏକାଗ୍ରତା ଓ ଏକନିଷ୍ଠ ଉଦ୍ୟମ ଯୋଗୁଁ ଆଜି ଯେ ବହୁ ବିରଳ କୀର୍ତ୍ତିରାଜି ସୁରକ୍ଷିତ ହୋଇପାରିଛି ଏହା ଅନସ୍ୱୀକାର୍ଯ୍ୟ। ଆଜି ସଂପ୍ରଦାୟ-ସଂପ୍ରଦାୟ ମଧ୍ୟରେ ବିଭେଦର ବିଷ ମଞ୍ଜି ଚରିଯାଇ ସାମାଜିକ ପରିବେଶ କଳୁଷିତ କରି ଚାଲିଥିଲେ ବି ପଠାନ୍‌ଙ୍କ ମହାନ କାର୍ଯ୍ୟଧାରା ଏକ ସୁସ୍ଥ ସାମାଜିକ ସଂପ୍ରୀତି ପ୍ରତିଷ୍ଠା କ୍ଷେତ୍ରରେ ଏକ ମାଇଲ୍‌ଖୁଣ୍ଟ ବୋଲି ବିବେଚନା କରାଯିବ।

ବାଣୀବିହାର, ଭୁବନେଶ୍ୱର

# ସନ୍ଧ୍ୟା, ସ୍ୱପ୍ନ ଆଉ ସେ

ସନ୍ଧ୍ୟା ସାଢେ ଆଠ ହେଲାଣି, ରାସ୍ତାଘାଟ ଶୁନ୍‌ସାନ୍। ସହର ହେଲେ ବି ଏଇ ଗଳିରେ ଲୋକମାନେ ଶୀଘ୍ର କବାଟ ଦୁଆର ବନ୍ଦ କରି ଶୋଇଯାଆନ୍ତି, ନ ହେଲେ ଘରେ ବସି ଟିଭି ଦେଖନ୍ତି। ଏମିତି ସନ୍ଧ୍ୟାରେ ବସି କଂପ୍ୟୁଟର ଗେମ୍ ଖେଳିଲା ବେଳେ କବାଟ କିଏ ଜୋରରେ ମାରିବାରୁ ଚମକି ପଡିଲି, ଯାଇ ଦେଖେ ତ ସୁନ୍ଦର ଝିଅଟିଏ କାନ୍ଦୁଣୁ ମାନ୍ଦୁଣୁ ହୋଇ ଆମ ଦୁଆରେ ଠିଆ ହୋଇଛି। ମତେ ଦେଖୁ ଦେଖୁ କହିଲା, ପ୍ଲିଜ୍ ମତେ ବଞ୍ଚାଅ, ନହେଲେ ସେମାନେ ମୋତେ ମାରି ପକାଇବେ, ମୋ ଇଜ୍ଜତ ନେଇଯିବେ। ମୁଁ ଏପାଖ ସେପାଖ ଦେଖିଲି ଅନେକ ଦୂର ପର୍ଯ୍ୟନ୍ତ କେହି ଦିଶୁନଥିଲେ। ତଥାପି କବାଟ ଖୋଲି ଝିଅଟିକୁ ଭିତରକୁ ଆସିବାକୁ ଦେଲାବେଳେ ସେ ସଂଜ୍ଞାହୀନ ହୋଇ ତଳେ ପଡିଗଲା, ତା'କୁ ଉଠେଇ ମୋ ଖଟରେ ଆଣି ଶୁଆଇ ଦେଇ ତା ମୁହଁକୁ ପାଣିରେ ପୋଛିବା ପରେ ତା ଚେତା ଆସିଲା। ସେ ଭାରୀ ଡରିଯାଇଥିଲା। ମୋତେ ଭିଡି ଧରି କାନ୍ଦିଲା।

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ତା ବାହୁ ଭିତରେ ଛନ୍ଦି ହୋଇ ଏମିତି ଲାଗୁଥିଲା ଯେମିତି, ଜୀବନରେ ପ୍ରଥମ ଥର କେହି ଝିଅ ମୋତେ ଏତେ ଜୋରରେ ଭିଡି ଧରିଥିଲା। ଆମ ଦୁଇଜଣଙ୍କ ଭିତରେ କେବଳ ଆମ ପୋଷାକ ଛଡା ଆଉ କିଛି ନଥିଲା। ତାକୁ ମୋ ଛାତିରେ ଜଡେଇ ଧରିଥିବା ଯୋଗୁଁ ମନରେ କେଜାଣି କେମିତି ଲହରୀ ଉଠିବା ଆରମ୍ଭ କଲା। ସାଙ୍ଗେ ସାଙ୍ଗେ ଝିଅଟି ପାଖରୁ ଛାଡି ଉଠିଲି, ଅନ୍ୟ ରୁମ୍‌କୁ  ଯାଇ ପାଣି ନେଇ  ଆସିଲି। ଝିଅଟି ପାଣି ପିଇଲା ବେଳେ ପଚାରିଲି, ''ତୁମ ନାମ କଣ? ଘର କେଉଁଠି? ଏତେ ରାତିରେ ଏହି ଗଳିରେ କଣ କରୁଥିଲ?' ସେ ପାଣି ପିଇ ସାରି କହିଲା, ''ମୁଁ ଟ୍ୟୁସନ୍‌ରୁ ଫେରୁଥିଲି, ସେମାନେ ମୋତେ ପିଛା କଲେ, ମୁଁ ଭୟରେ ଏ ସାହି ଆଡକୁ ଆସିଗଲି। ସେଇ ସାହି ଗଳି ମୁଣ୍ଡରେ ମୋ ସାଇକେଲ୍‌ଟା ପଡିଥିବ। ମୁଁ କହିଲି, ''ତୁମ ଘରର ଫୋନ୍ ନମ୍ବର ଦିଅ, ମୁଁ ଗଳି ମୁଣ୍ଡକୁ ଯାଇ ତୁମ ସାଇକେଲ ଆଣିବା ବେଳେ ତୁମ ଘରକୁ ଫୋନ କରିଦେବି, କିଏ ବି ଆସି ତୁମକୁ ନେଇଯିବେ।'' ସେ ଡରରେ ନାହି ନାହିଁ କହୁଥିଲା। ପୁଣିଥରେ ସେ ସଂଜ୍ଞାହୀନ ହୋଇ ପଡିଗଲା। ମୁଁ ଏଇ ମଉକାରେ ଯାଇ ଗଳି ପାଖରେ ପଡିଥିବା ଲେଡିବାର୍ଡ ସାଇକେଲ୍‌୍‌କୁ ଉଠେଇ ନେଇ ଆସିଲି।

ରୋଷେଇ ଘରେ ପଶି ରୋଷେଇ କରିବାବେଳେ ପୁଣି ସେ ଚମକି ପଡି ଉଠିପଡିଲା ଆଉ ଖାଲି କାନ୍ଦୁଥିଲା, ବହୁତ ପଚାରିଲେ ବି କିଛି ଉତ୍ତର ଦେଉ ନଥିଲା। ମୁଁ ରୋଷେଇ ଘରକୁ ଯିବା ବେଳେ ସେ ବି ମୋ ସାଥୀରେ ଆସିଲା। ତା'କୁ କହିଲି, ''ମୁହଁ ଧୋଇପକାଅ, କିଛି ଖାଇଲେ ବଳ ଆସିବ, ଯଦି ଘରର ଫୋନ୍ ନମ୍ବର କହିବ ମୁଁ ଯାଇ ଫୋନ କରିଦେଇ ଆସିବି।'' ସେ ବେସିନ୍ ପାଖରେ ମୁହଁ ଧୋଇଲା ବେଳେ ଭଲ କରି ଦେଖିଲି। ଝିଅଟିର ବୟସ ୧୬ କିମ୍ବା ୧୭ ବର୍ଷ ହୋଇଥିବ। ଗୋରୀ, ଭାରି ସଫା ଧଳା ଦିହ, ଆଉ ବାକି ତନୁପାତଳୀ। ସେ ମୁହଁ ସଫା କରି ଆସିଲା ପରେ ଯାହା ରୋଷେଇ ହୋଇଥିଲା, ତା'କୁ ବାଡିଦେଇ ବସିଲି, ସେ ଖାଇବା ପାଇଁ ବଳ ପାଉନଥିଲା, ନିଜେ ହାତରେ ତା' ପାଟିକୁ ମୁଠା ମୁଠା କରି ଭାତ ଆଉ ଡାଲି ଖୁଆଇ ଦେଲି। ନିଜେ ନ ଖାଇ ବି ମୋ ପେଟ ପୁରି ଗଲା ପରି ଲାଗିଲା।

ଖାଇସାରି ସେ ମୋ ଖଟ ଉପରେ ବସିଥିଲା। ରାତି ସେତେବେଳକୁ ବେଶୀ ନାହିଁ ସାଡେ ନ'ଅଟା ହେବଣି। ପୁଣି କହିଲି, ତୁମ ଘର ନମ୍ବର ଦିଅ, ମୁଁ ଫୋନ୍ କରିଦେବି କିନ୍ତୁ ସେ କହିଲା ନାହିଁ। ମୋତେ ଭାରୀ ଅସୁବିଧା ଲାଗୁଥାଏ, କାରଣ ଏଇ ଘରେ ମୁଁ ଏକା ରହେ ଜଣେ ପୁରୁଷ, ମୋ ରୁମ୍‌ରେ ଆଉଜଣେ ଝିଅ ରହିଲେ ଲୋକ କଣ କହିବେ?? ଡବାରୁ ବିସ୍କୁଟ୍ ଦି ଚାରିଟା ଖାଇ ଖାଇ ମୁଁ ବି ଶୟନ କକ୍ଷକୁ ଆସିଲି। ସେ ଚୁପ୍‌ଚାପ୍ ଖଟ ଉପରେ ବସିଛି। ରୁମ୍‌ରେ ମାତ୍ର ଗୋଟିଏ ଖଟ। ଭଦ୍ରାମୀ ଦୃଷ୍ଟିରୁ ବ  ତା'କୁ ଖଟ ଟା ଦେଇ ନିଜେ ତଳେ ଶୋଇବା ସମ୍ଭବ ନାହିଁ କାରଣ ଡିସେମ୍ବର ମାସର ଶୀତରେ ତଳେ ଶୋଇବି କେମିତି ଆଉ ମୋ ରୁମ୍‌ରେ ମାତ୍ର ଦୁଇଟି ଚାଦର ଯାହାକୁ ଘୋଡି ନହେଲେ ମୋତେ ନିଦ ହେବା ସମ୍ଭବ ନାହିଁ। କିନ୍ତୁ ତା'କୁ ଯେତେ ପଚାରିଲେ ବି କିଛି କହୁନି। ଭାରୀ ଅଡୁଆରେ ପଡିଗଲି।

କିଛି ସମୟ ପରେ ପାଣି ବୋତଲ ଧରି ଆସି କହିଲି, ''ଦେଖ ଏଇଠି ମୁଁ ଏକା ରହେ, ଆଉ ମୋର ସମ୍ବଳ କହିଲେ ଏଇ ଖଟ ଶେଜ ଆଉ ଦୁଇଟା ଚାଦର। ତୁମେ ଯଦି ଏଇଠି ରାତିରେ ରହିବ, ମୁଁ ତୁମକୁ ଶୋଇବା ପାଇଁ କିଛି ଦେଇ ପାରିବି ନାହିଁ।'' ସେ କିଛି ନ କହି ଖଟରୁ ଓହ୍ଲାଇ ଆସି, ଚେୟାର ଉପରେ ବସିଗଲା ଆଉ କହିଲା, ''ମୁଁ ଏଇଠି ଏମିତି ବସି ବସି ରାତି ବିତାଇ ଦେବି।'' କଂପ୍ୟୁଟରରେ ଗେମ୍ ଖେଳିଲା ବେଳେ ପଚାରିଲି, ''ତୁମ ନାଁ କଣ? ତୁମେ କେଉଁଠି ପଢୁଛ?'' ସେ ମୋତେ ଚାହିଁଲା, କହିଲା, ମୋ ନାଁ ସ୍ୱିଟି, ମୁଁ ଉମେନ୍‌ସ କଲେଜ୍‌ରେ ପ୍ଲସ୍ ଟୁ ପଢୁଛି।'' ମୁଁ କହିଲି, ''ତୁମେ ଏଇଠି ଏମିତି ରାତିରେ ରହିଲେ, ତୁମ ପିତାମାତା ଚିନ୍ତା କରିବେନି? ତୁମ ଘରର ଫୋନ୍ ନମ୍ବର ଦିଅ ମୁଁ ଏବେ ଯାଇ ଛକରେ ଫୋନ କରିଦେଇ ଆସିବି, ସେମାନେ ଆସି ତୁମକୁ ନେଇଯିବେ।'' ସେ କହିଲା, ''ନାହିଁ, ଘରକୁ ଫୋନ୍ କରିବା ଦରକାର ନାହିଁ। କାହାକୁ ବି ମୋ ବିଷୟରେ ଚିନ୍ତା କରିବାକୁ ସମୟ ନାହିଁ। ମମ୍ମୀ ରାତି ଏଗାରଟା ପରେ ଘରକୁ ଫେରିବେ ଆଉ ସିଧା ବେଡରୁମ୍‌ରେ ଟୁଲ୍ ହୋଇ ଶୋଇଯିବେ। ଡାଡ୍ଡୀଙ୍କ ହିସାବ ନାହିଁ ଇଛା ହେଲେ

ଘରକୁ ଆସିବେ ନହେଲେ ସେ ---- ସେକ୍ରେଟାରୀ ସହିତ ହୋଟେଲ୍‌ରେ ରହିଯିବେ । ମୋତେ ନେବାକୁ କେହି ଆସିବେନି ।''

ମୁଁ କହିଲି, ''ତଥାପି, ତୁମେ ଜଣେ ଝିଅ, ଆଜି ଭଲ ଅଛି ମନ୍ଦ ଅଛି । ଯଦି ତୁମକୁ କିଛି ହିଏଯାଏ ।'' ସେ ହସିଲା, କହିଲା, ''ମୁଁ ମରିଗଲ ବି ସେମାନଙ୍କୁ କିଛି ଫରକ ପଡିବନି ।'' ଅନେକ ସମୟ୍ ପରେ ଝିଅଟି ସାମାନ୍ୟ ହସିବା ପରେ ବହୁତ ସୁନ୍ଦର ଦେଖାଗଲା, ଆଉ ମୁଁ ରହି ନପାରି କହିଦେଲି, ''ତୁମେ ହସିଲେ ବହୁତ ସୁନ୍ଦର ଦେଖାଯାଉଛ ଆଉ ଜମା କାନ୍ଦନି କେବେ ।'' ସେ ମୋତେ କିଛି ସମୟ୍ ଚାହିଁଲା ଆଉ ମୁଣ୍ଡ ତଳକୁ କରିନେଲା । ଏମିତି ଗପସପ ହେବା ଭିତରେ ଝିଅଟି ସ୍ୱଭାବ ବଶତଃ ନିଜ ବିଷୟ୍‌ରେ ଅନେକ କଥା କହିଲା । ରାତି ସାଢେ ଏଗାରଟା ବେଳେ ନିଦ ଆସିବା ଦେଖି ସେ କହିଲା, ''ଆପଣ ଶୋଇଯାଆନ୍ତୁ । ମୁଁ ଏଇଠି ବସିଛି । ମୁଁ ସକାଳ ହେଲେ ଚାଲିଯିବି ।'' ମୁଁ ଚାଦର ଘୋଡି ହୋଇ ଶୋଇବା ସତ୍ତ୍ୱେ ଶୀତର ପ୍ରକୋପ ଅଧିକ ଥିଲା । ରୁମ୍‌ର ଡିମ୍ ଲାଇଟରେ ଦେଖିଲି ସେ ସେମିତି ଚେୟାର ଉପରେ ବସି ଝରକା ଦେଇ ବାହାରଉ ଦେଖୁଥିଲା । ତା ଦେହ ସାମାନ୍ୟ ଥରୁଥିଲା ପରି ଲାଗିଲା ।

ମନେ ମନେ ଭାବିଲି, ଏତେ ବଡ ଘରର ଝିଅ କେତେ ସୁଖସ୍ୱାଚ୍ଛନ୍ଦ୍ୟରେ ବଢିଥିବ, ଆଜି ମୋ ଘରେ ଏମିତି ଚେୟାର ଉପରେ ବସି ବସି ରାତି କଟାଇବ କେମିତି, ଏୟା ଭାବୁ ଭାବୁ ମୋତେ କେତେବେଳେ ନିଦ ଆସିଗଲା ଜାଣିପାରିଲିନି । ହଠାତ୍ କାହାର ସ୍ପର୍ଶରେ ମୋ ନିଦ ଚାଉଁକିନା ଭାଙ୍ଗିଗଲା । ଦେଖିଲି, ସ୍ୱିଟି ଚେୟାର ଛାଡି ଆସି ମୋ ଶେଜରେ ମୋ ଚାଦର ତଳେ ଟିକେ ଜାଗା ଖୋଜୁଛି । ଟିକେ ପାଖେଇଯାଇ ମୁଁ ଚାଦରକୁ ଉପରକୁ କରିଦେଲି ଆଉ ସେ ଛୋଟ ବିଲେଇ ଛୁଆ ପରି ମୋ ଦେହକୁ ଭିଡି ଧରି ଶୋଇଗଲା । ସେ କାନ୍ଦୁଥିଲା, ପଚାରିଲି, ''କଣ ହେଲା, କାହିଁକି କାନ୍ଦୁଛ?'' ସେ କାନ୍ଦୁ କାନ୍ଦୁ କହିଲା, ''ମୋତେ ବେଶୀ ଶୀତ ଲାଗିଲା'' ମୁଁ ସାମାନ୍ୟ ହସିଦେଇ କହିଲି, ''ହେଉ ଆସ, ଏଇ ଚାଦର ତଳେ ଶୋଇଯାଅ ଆଉ ଶୀତ ଲାଗିବନି । ସେ ମୋତେ ଭିଡି ଧରି ଶୋଇଥିଲା । ଆଉ ମାତ୍ର ଗୋଟିଏ ସାନ ଖଟ ଯୋଗୁ କଡ ଲେଉଟାଇବାକୁ ଯାଗା ନଥିଲା । ଅନ୍ୟ ଉପାୟ୍ ନପାଇ ତାକୁ ଭିଡି ଧରି ମୁଁ ବି ଶୋଇଗଲି ।

ସକାଳ କେତେବେଳେ ହେଲା ଜାଣିପାରିଲିନି, ବୋଧହୁଏ ରାତିରେ ଡେରିରେ ଶୋଇଥିବା ଯୋଗୁଁ ନିଦ ଭାଙ୍ଗିଲାନି । ପାଖରେ ଶୋଇଥିବା ଝିଅକୁ ଦେଖି ଚମକି ପଡିଲି ପୁଣି କିଛି ସମୟ୍ ପରେ ମନେ ପକାଇଲି ରାତିର କଥା । ମୁଁ ଉଠି ନିତ୍ୟ କର୍ମ ସାରି ଚା'କପ୍‌ଟିଏ ଯୋଗାଡ କରି ସ୍ୱିଟିକୁ ଉଠାଇବାକୁ ଗଲି । ସେ ନିଦରୁ ଉଠୁ ଉଠୁ ମୋତେ ଦେଖି ଚମ୍‌କି ପଡିଲା କିନ୍ତୁ ପର ମୁହୁର୍ତ୍ତରେ ସେ ରାତି କଥା ମନେ ପକାଇ ଚୁପ୍ ହୋଇଗଲା । କହିଲା, ''କେତେ ସମୟ୍ ହେଲାଣି?'' ମୁଁ କହିଲି, ''ସକାଳ ଆଠଟା ହେଇଛି ।'' ସେ ଅଳସଙ୍କ ପରି କହିଲା, ''ଉଁ ମୋତେ ଉଠେଇଲ କାହିଁକି? ମୁଁ ଆଉଟିକେ ଶୋଇଥାନ୍ତି?'' ମୁଁ ହସିଦେଇ କହିଲି, ''ଘରେ କେତେ ସମୟ୍ ପର୍ଯ୍ୟନ୍ତ ଶୁଅ?'' ସେ କହିଲା, ''ଦଶଟା ନହେଲେ ମୁଁ ଉଠେନି ।'' ମୁଁ କହିଲି, ''ହେଉ ତୁମେ ଶୋଇଯାଅ । ମୁଁ ଦଶଟା ପରେ ଉଠେଇ ଦେବି ।'' ସେ କିନ୍ତୁ ଉଠି ବସିଲା । ତା'କୁ କହିଲି, ''ଏବେ କହିବ ତୁମ ଘରର ଫୋନ୍ ନମ୍ବର କେତେ? ମୁଁ ଫୋନ୍ କରିଦେବି ।'' ସେ ହସିଦେଇ କହିଲା, ''ହଁ ଏବେ ନମ୍ବର ଦେଇଦେଉଛି, ଘରକୁ ଫୋନ୍ କରିଦିଅନ୍ତୁ ।''

ଘଣ୍ଟାଏ ମଧ୍ୟରେ ମୋ ଘର ସାମନାରେ ଚାରିଟା ବଡ ବଡ କାର ଆସି ଲାଗିଗଲା, ଆଉ ପବନ ଭଳି ସ୍ୱିଟିକୁ ନେଇ ଚାଲିଗଲା । ଗଲାବେଳେ ସେ ଅବଶ୍ୟ ଇଂରେଜୀରେ ''ଥେଙ୍କ ୟୁ'' ବୋଲି କହିଥିଲା । କିନ୍ତୁ ତା ସହିତ ବିତେଇଥିବା ମାତ୍ର କେଇ ଘଣ୍ଟା ମୋତେ ଦିନ ସାରା ଘାରି ପକାଇଲା । ମନକୁ ମନ ଭାବିଲି, ସୁନ୍ଦରୀ ଝିଅଟେ ରାତିରେ ମୋ ପାଖରେ ଲାଖି ହେଇ ଶୋଇଥିଲା, ତଥାପି ମୁଁ କାହାକୁ କିଛି କହିପାରିବି ନାହିଁ ।

ସନ୍ଧ୍ୟାରେ ଘରକୁ ଗଲାବେଳେ ଦୁଆର ମୁହଁରେ ଲମ୍ବା ଗାଡି ଦେଖି ଜାଣିଗଲି ନିଶ୍ଚୟ୍ ସ୍ୱିଟି ଆସିଥିବ । ସେ ମୋ ଦୁଆର ପାଖରେ ବସିଥିଲା । ମୁଁ କବାଟ ଖୋଲି ତାକୁ ଭିତରକୁ ଡାକି ଆଣିଲି । ସେ ମୋତେ ଭିଡି ଧରି କହିଲା, ''କାଲି ସନ୍ଧ୍ୟାରେ ମୁଁ ନୂଆ ଜୀବନ ପାଇଲି । ସେମାନେ ମୋତେ କଣ କରିଥାନ୍ତେ ମୁଁ ଜାଣିନି, ହଁ ମୋ ଇଜ୍ଜତ ନିଶ୍ଚୟ୍ ନେଇଯାଇଥାନ୍ତେ । ତୁମେ ମୋତେ

ବଞ୍ଚେଇଲ। ମୋତେ ଖାଇବାକୁ ଦେଲ। ସାରାରାତି ମୁଁ ତୁମ ଘରେ ଗୋଟିଏ ରୁମ୍‌ରେ ବିତାଇଲି, ତଥାପି ଥରେ ବି ମୋତେ ଖରାପ ଆଖିରେ ଦେଖିଲ ନାହିଁ। ଏକାଠି ଶୋଇଲି, ଜଣେ ପର ପୁରୁଷ ଦେହରେ ଦେହ ଘଷି ହୋଇ ମୁଁ କାଲି ରାତିରେ ଶୋଇଲି, ତଥାପି ତୁମେ ମୋ ଶରୀରକୁ ଛୁଇଁଲ ନାହିଁ। ତୁମେ କେଉଁ ମାଟିରେ ଗଢା? ତୁମ ସ୍ଥାନରେ ଆଉ କିଏ ଥିଲେ ମୋର କଣ ଅବ୍‌ସ୍ଥା ହୋଇଥାନ୍ତା ତାହା ସହଜରେ ବୁଝି ହେବ।

ମୁଁ ସାମାନ୍ୟ ହସିଦେଇ କହିଲି, ଅତିଥିଙ୍କୁ ଦେବତା କୁହା ଯାଏ, ଶାସ୍ତ୍ର ପଢିନଥିଲେ ବି ବିପଦରେ ପଡିଥିବା ଜଣେ ବ୍ୟକ୍ତିଙ୍କୁ ମୁଁ ନିଜେ ବିପଦ ହୋଇଥିଲେ, ସାରା ଜୀବନ ନିଜକୁ କ୍ଷମା କରି ପାରି ନଥାନ୍ତି। ସେମିତିରେ ବି ମୁଁ ଫୁଲକୁ ଦେଖି ଖୁଶିହୁଏ ହାତରେ ନେଇ କଷ୍ଟ ଦେଇ ନୁହେଁ। ସେ ମୋତେ ଚାହୁଁଥିଲା, କହିଲି, ମୁଁ ଜାଣିନଥିଲି ତୁମେ କିଏ, କେମିତି ମୋ ରୁମ୍‌ରେ ଆସିଲ, କାହିଁକି ମୋ ସହିତ ଗୋଟିଏ ରାତି ରହିଲ, ବୋଧହୁଏ ଏ ସବୁ ସ୍ୱପ୍ନ ଥିଲା, କିନ୍ତୁ ମୋତେ ଗୋଟିଏ ରାତିର ସ୍ୱପ୍ନକୁ ମୁଁ ସୁନ୍ଦର କରିବାକୁ ଚାହେଁ ତାକୁ କଦର୍ଯ୍ୟ କରି ନିଜ ଆଖିରେ ତଳକୁ ଖସିଯିବାକୁ ନୁହେଁ। ମୁଁ ଅପରାଧୀ ହୋଇ ସାରା ଜୀବନ ନିଜକୁ କ୍ଷମା କରି ପାରନ୍ତି ନାହିଁ। ଅନେକ ସମୟ ବିତିଯାଇଥିଲା। ବାହାରେ ଗାଡିରେ ଥିବା ଡ୍ରାଇଭର ହର୍ଣ୍ଣ ମାରି ସଚେତ କରିଦେଇଥିଲା ସମୟର। ସ୍ୱିଟି ଉଠିଲା ଯିବା ପାଇଁ, ତାକୁ ବିଦାୟ ଦେବାପାଇଁ ଉଠିଲା ବେଳେ ସେ ହଠାତ ମୋ ମୁହଁକୁ ଭିଡିଧରି ଯୋରରେ ଚୁମ୍ବନ ଟିଏ ଦେଇ କହିଲା, ଏଇଟା ମୋ ପାଇଁ କରିଥିବା ଅନେକ ସାହାଯ୍ୟ ପାଇଁ, ଆଉ ପୁଣିଥରେ ମୋତେ ଗାଢ ଚୁମ୍ବନ ଟିଏ ଦେଇ କହିଲା, ଏଇଟା ସେଇ ମଣିଷ ପାଇଁ ଯିଏ ମୋତେ ସମ୍ମାନ ଦେଇଛି, ଆଉ ଗୋଟିଏ ଚୁମ୍ବନ ଦେଇ କହିଲା,

ଏଇଟା ସେଇ ମଣିଷ ପାଇଁ ଯାହାକୁ ମୁଁ ଭଲ ପାଇ ବସିଛି। ଏହା କହି ସେ ଚାଲିଗଲା।

କିନ୍ତୁ କୋମଳ ଓଠର ସଂସ୍ପର୍ଶ ମୋତେ ଏତେ ଆନନ୍ଦିତ କଲା ଯେ ମନେ ହେଲା ଏଇ କ୍ଷଣି ପାଗଳ ହୋଇଯିବି, କିନ୍ତୁ ହଠାତ୍ କାଛରେ ଟଙ୍ଗା ଫୋଟୋକୁ ଦେଖି ଲଜ୍ଜା ତଥା ଅପମାନରେ ମୁଣ୍ଡ ନୁଆଇଁଦେଲି। ମୋ ପ୍ରିୟତମା ପତ୍ନୀ ସହିତ ମୋ ଫୋଟୋ ଥିଲା। ମୁଁ ଯେ ବିବାହିତ। ହଠାତ୍ କୁତୁବ୍ ମିନାର୍‌ର ଉଚ୍ଚତାରୁ ସିଧା ଜମି ଉପରେ ଆସି କଚାଡି ହୋଇ ପଡିଥିଲା ମୋ ସ୍ୱପ୍ନର ମିନାର। ଘରେ ତାଲା ଦେଇ ଯାଉଥିଲି ପତ୍ନିଙ୍କୁ ଫୋନ୍ କରି ଗତ ରାତିର ଘଟଣା ଜଣାଇବା ପାଇଁ।

**ଡ ଜ୍ୟୋତି ପ୍ରସାଦ ପଟ୍ଟନାୟକ,**
**ସଂପାଦକ**

# ଘଣ୍ଟେଶ୍ୱରୀ

ସମ୍ବଲପୁର ଜିଲ୍ଲାଠାରୁ ୨୧ କିଲୋମିଟର ଦୂରରେ ଚିପିଲିମା ବ୍ଲକ୍‌ରେ ଅଛି ମାଁ ଘଣ୍ଟେଶ୍ୱରୀଙ୍କ ମନ୍ଦିର। ମନ୍ଦିରରେ ଅଛି ଖାଲି ଘଣ୍ଟି ଆଉ ଘଣ୍ଟି। ଛୋଟବଡ ବିଭିନ୍ନ ପ୍ରକାରର ଅସଂଖ୍ୟ ଘଣ୍ଟି। ଘଣ୍ଟିମଝିରେ ଶୋଭାପାଉଛନ୍ତି ଠାକୁରାଣୀ, ତା'ଙ୍କ ନାଁ ଘଣ୍ଟେଶ୍ୱରୀ। ପିପଳ ଗଛତଳେ ମାଁ ଙ୍କ ଆସ୍ଥାନ। ଶ୍ରଦ୍ଧାଳୁ ମାନଙ୍କ ସହାୟତାରେ ଏକ ଛୋଟ ମନ୍ଦିର ସେଠି ହୋଇଛି। ମନ୍ଦିର ପାଖରେ ଅଛି ମହାନଦୀ। ହୀରାକୁଦ ବନ୍ଧ ନିର୍ମାଣ ହେବା ପୂର୍ବରୁ ମନ୍ଦିର ପାର୍ଶ୍ୱସ୍ଥ ନଦୀରେ ଏକ ଗଣ୍ଡଭଳିଥିଲା। ସେଠାରେ ଭଉଁରୀ ଖେଳୁଥିଲା। କେହି ଭଉଁରୀରେ ପଡିଲେ ଆଉ ଫେରୁନଥିଲେ। ମନ୍ଦିରରେ ଥିବ ଘଣ୍ଟଟି ପବନରେ ଦୋହଲିବା ଦ୍ୱାରା ଶବ୍ଦ ସୃଷ୍ଟିହୋଇଥିଲା। ସେହି ଶ୍‌ବଦ୍ଦ୍ୱାରା ଡଙ୍ଗା ବାହୁଥିବା ନାଉରୀ ମାନେ ସତର୍କ ହୋଇଯାଉଥିଲେ। ହୀରାକୁଦ ବନ୍ଧ ନିର୍ମାଣ ହେବାପରେ ଏହି ସମସ୍ୟା ଆଉ ଦେଖାଯାଇ ନାହିଁ। କିନ୍ତୁ ଏବେ ବି ବିଶ୍ୱାସ ରହିଛି ଯେ ମା ଘଣ୍ଟେଶ୍ୱରୀ ନିଜ ଘଣ୍ଟରେ ସମସ୍ତଙ୍କୁ ଘଣ୍ଟ ଘୋଡେଇ ରଖିବେ। ଶୁଣା କଥା ମୁତାବକ ବେପାର ବଣିଜ ପାଇଁ ଯେଉଁ ଲୋକମାନେ ମହାନଦୀ ଉପରେ ନିର୍ଭର କରୁଥିଲେ ସେମାନେ ଠାକୁରାଣୀଙ୍କ ସ୍ଥାପନା କରିଥିଲେ। ଠାକୁରାଣି ମନ୍ଦିରରେ ଥିବା ହଜାର ହଜାର ବିଭିନ୍ନ ଆକୃତିର ଘଣ୍ଟିସବୁ ପବନରେ ଦୋହଲିବା ବେଳେ ଯେଉଁ ଶବ୍ଦ ସୃଷ୍ଟି କରେ ତାହା ମନରେ ଭକ୍ତି ଆଣେ। ଆହୁରି ମଧ୍ୟ ବିଶ୍ୱାସ କରାଯାଏ ଯେ ଯେଉଁ ଭକ୍ତମାନେ ମାନସିକ କରି ଘଣ୍ଟିବାନ୍ଧନ୍ତି, ସେମାନଙ୍କ ମାନୋସ୍କାମନା ପୁରଣ ହୁଏ।

# ବ୍ରହ୍ମପୁର ସହରରେ ଦଶହରାପର୍ବ

**ପବିତ୍ର ଦଶହରାର ଶୁଭକାମନା**

ପବିତ୍ର ଦଶହରା ପର୍ବର ପାଳନ ଅବସରରେ ଆହ୍ୱାନ କରିଥିଲି ବିଭିନ୍ନ ବନ୍ଧୁଙ୍କ ନିକଟରୁ ନିଜ ଅଞ୍ଚଳରେ ହୋଇଥିବା ଦୁର୍ଗାପୂଜାର ଫଟୋଚିତ୍ର ସମ୍ବଳିତ ବିବରଣୀ, କିନ୍ତୁ ଦୁର୍ଭାଗ୍ୟ ବଶତଃ ଯମିତି ଏହି ସଂସ୍କରଣରେ ପ୍ରକାଶିତ ଅନେକ ସ୍ଥାନରେ ଦର୍ଶାଯାଇଛି, ବୋଧହୁଏ ଆମେ ଓଡିଆ ବୋଲି କହିବା କିମ୍ବା ବ୍ୟବହାର କରିବାକୁ ତଥାପି ଆମର ଅନେକ ପାଠକ ମନେ କରନ୍ତି, ସେଇଥି ପାଇଁ କେହି ବି ଗୋଟିଏ ହେଲେ ଫଟୋ ବା ଲେଖା ପଠାଇଲେ ନାହିଁ। ଯେହେତୁ ପବିତ୍ର ଦଶହରାରେ ମୁଁ ବ୍ରହ୍ମପୁର ସହରରେ ଥିଲି ସେଇଥି ପାଇଁ ଏଠାରେ ପାଳିତ ହୋଇଥିବା କିଛି ସ୍ଥାନର ପୂଜା ତଥା ଦୁର୍ଗାମେଢ ଓ ମଣ୍ଡପର ଫଟୋଚିତ୍ର ଉପସ୍ଥାପନ କରୁଛି। ଯଦି କେହି ବନ୍ଧୁ ଆଗାମୀ ସଂସ୍କରଣ ପାଇଁ ମଧ୍ୟ ପୂଜାର ଫଟୋଚିତ୍ର ପଠାନ୍ତି ତା'ହେଲେ ତାହାକୁ ଆହ୍ୱାନ ପତ୍ରିକାର ଆଗାମୀ ସଂସ୍କରଣରେ ସ୍ଥାନ ଦିଆଯିବ।

**ଡ ଜ୍ୟୋତି ପ୍ରସାଦ ପଟନାୟକ**
**ସଂପାଦକ, ଆହ୍ୱାନ**

# ଦଶହରା

ଏହି ପର୍ବ କେବଳ ମା' ଦୁର୍ଗାଙ୍କ ପୂଜାରେ ହିଁ ସୀମିତ ନୁହେଁ ବରଂ ଏହି ପର୍ବ ସମୟରେ ଓଡିଶା ତଥା ଭାରତର ଅନେକ ରାଜ୍ୟରେ ଲୋକମାନେ ନିଜର ବ୍ୟବସାୟିକ ପ୍ରତିଷ୍ଠାନର ପୁନଃପ୍ରତିଷ୍ଠା କରାନ୍ତି। ଗାଡି ମାଲିକ ମାନେ ନିଜ ନିଜ ଗାଡିକୁ ସଫା କରାଇ ବିଭିନ୍ନ ପ୍ରକାରରେ ସଜାଇ ରଙ୍ଗିନ କାଗଜ ତଥା କନାରେ ସଜେଇ ପୂଜାକରାନ୍ତି। ପ୍ରାୟତଃ ଦଶହରାର ପୂର୍ବଦିନଠାରୁ ବସ୍ ଚଳାଚଳ ବନ୍ଦ ରହେ କାରଣ ସବୁ ବସ୍‌କୁ ପୂଜା କରାଯାଏ। ଏହିପରି ଅନେକ ଦୃଶ୍ୟର ଛବିକୁ ନିଜ କ୍ୟାମେରାରେ ବନ୍ଦ କରି ଆଣିଛି ଆମର ସେହି ପାଠକ ମାନଙ୍କ ନିମନ୍ତେ ଯେଉଁମାନେ କିଛି କାରଣ ବଶତଃ ଏହି ପୂଜାକୁ ଉପଭୋଗ କରିପାରିନାହାନ୍ତି, କିମ୍ବା ସେମାନେ ଯେଉଁମାନେ ସୁଦୂର ବିଦେଶ ଭୂମିରେ ରହି ଓଡିଶାର ପର୍ବପର୍ବାଣୀକୁ ଅନୁଭବ କରିବାରୁ ରିକ୍ତ ହୋଇଛନ୍ତି।






# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ









ଗାଡିପୂଜା, ସେଲ୍ସ ଟ୍ୟାକ୍ସ ଛକ,
ଜଲସେଚନ ବିଭାଗ, କୋର୍ଟପେଟା
ଜଗନ୍ନାଥ ମନ୍ଦିର, କମାପଲ୍ଲୀ







# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ





କମାପଲ୍ଲୀ, ଗୋଇଲୁଣ୍ଡି ଛକ, ନୂଆ ବସ୍‌ଷ୍ଟାଣ୍ଡ, ଗେଟ୍ ବଜାର ଛକ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ














ଫାଷ୍ଟ ଗେଟ୍, ଭିକ୍ଟୋରିଆ ମାର୍କେଟ୍, ସାନବଜାର ଛକ, ମୟୁରୀ ଟାୱାର ଛକ

ଅସୀମ ଆଶା ଓ ଅଣାୟତ ଉନ୍ମାଦନାର

# ଆହ୍ୱାନ











ବିଜିପୁର ମାର୍କେଟ୍, ଓଆର୍‌ଟି ଗେରେଜ୍, ଉତ୍କଳ ଆଶ୍ରମ ରୋଡ୍

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ













ଉତ୍କଳ ଆଶ୍ରମ ଛକ, ସୁବାରାଓ ଛକ, ଟାଟା ବେଞ୍ଚ ଛକ, କମାପଲ୍ଲୀ ତୋରଣ



ଗୋପାଳପୁର






ଆମ ପରିବାରର ଆରାଧ୍ୟ ଦେବୀ ଦୁର୍ଗାଙ୍କ ଦିଗାପଡା (କୋଦଳା ଠାରୁ ପୁରୁଷୋତ୍ତମପୁର ରାସ୍ତାରେ ଦୁଇ କିମି ଗଲେ ପଡେ) ସ୍ଥିତ ମନ୍ଦିରରେ ଦୁର୍ଗାପୂଜାର ଦୃଶ୍ୟ।

# ପୂଜା ପାଇଁ ଗାଁକୁ ଯାତ୍ରା

ଦଶହରାରେ ସମସ୍ତେ ନିଜ ନିଜ ଗାଁକୁ ଯାଆନ୍ତି, ନିଜ ପରିବାର ପରିଜନଙ୍କ ସାନିଧ୍ୟ ତଥା ପୂଜାର ବିଭିନ୍ନ ଉପହାର ନୂତନ ବସ୍ତ୍ର ଆଦିର ସମ୍ଭାର ନେଇ। ସେଇମିତି ଏଇ ବର୍ଷ ଦଶହରାରେମୋ ନିଜ ଗାଁ ମଠସରସିଙ୍ଗି ଯିବାରାସ୍ତାରେ ଅନେକ ଆନନ୍ଦଦାୟକ ମୁହୂର୍ତ୍ତର ଛବି ନିଜ କ୍ୟାମେରାରେ ବାନ୍ଧି ଆଣିଲି,



ଯାହାକୁ ଏହିଠାରେ ଉପସ୍ଥାପନ କରୁଛି। ବିଜୟଦଶମୀର ଉଲ୍ଲାସ ମଉଳି ଗଲାବେଳକୁ ଗାଁର ଚଷା ବ୍ୟସ୍ତ ହୋଇଉଠେ କ୍ଷେତରେ ଲହଲହେଇ ଉଠୁଥିବା ଧାନର ସମ୍ଭାର ଦେଖି। କାର ଭିତରେ ବସି ରାସ୍ତାର ଖାଲଡିପକୁ ବେଖାତିର କରି ଆଗକୁ ମାଡି ଯିବା ସମୟରେ ପଥପ୍ରାନ୍ତରେ ଦୂରଦୂର ପର୍ଯ୍ୟନ୍ତ ସବୁଜ କ୍ଷେତର ପ୍ରାକୃତିକ ଦୃଶ୍ୟ ମନକୁ ଆନ୍ଦୋଳିତ କରିବା ସହିତ





ଆଣିଦେଇଥିଲା ତୃପ୍ତି। ମନେ ହେଉଥିଲା, ଦେଶରେ ସବୁଜ ବିପ୍ଲବର ହର୍ତାକର୍ତା ମାନେ ଯଦି କେହି ଏବେ ଆକାଶ ମାର୍ଗରୁ ଦେଖୁଥିବେ ମନେ ମନେ ଖୁବ୍ ଗର୍ବ ଅନୁଭବ କରୁଥିବେ ନିଶ୍ଚୟ।

ଦୁରରେ ଦେଖିଲି ଜଣୈକା ମହିଳା ନିଜ ମୁଣ୍ଡରେ ଗୋଟିଏ କୋଦାଳ ଧରି ଚାଲିଯାଉଥିବାର ଦୃଶ୍ୟ, ଆଉ ତା ସହିତ ଦେଖିଲି ଆଖିପାଉନଥିବା ଧାନ କ୍ଷେତ ମଝିରେ ଏକାକୀ



ବସି ଧାନଗଛ ପାଖରୁ ଅନାବନା ଘାସ ସବୁ ବାଛି ପକାଉଥିବା ଜଣେ ବୃଦ୍ଧ। ରାସ୍ତାପାର୍ଶ୍ୱବର୍ତ୍ତୀ ନାଳରେ ବହୁଥିବା ପାଣିରେ ଠିଆହୋଇ ମାଛ ଧରୁଥିବା ଜଣେ ବୟସ୍କ ବ୍ୟକ୍ତି ଯିଏ ବାରଂବାର ନିରାଶ ହେଉଥିଲେ ମଧ୍ୟ ପୁଣିଥରେ ଜାଲ ସଜାଡି ପାଣି ଭିତରକୁ ପଶି ଆସୁଥିଲେ। ସକାଳୁ କେତେ ମାଛ ଧରିଛ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ



ପ୍ରଶ୍ନରେ ନିରୁତ୍ସାହିତ ସେହି ବ୍ୟକ୍ତି ଜଣକ ନିଜ ବାଉଁସ ତିଆରି ଟୋକେଇ ଭିତରେ ଡେଉଁଥିବା ହାତମୁଠା ସାନ ସାନ ମାଛକୁ ଦେଖାଇଥିଲେ। ଏହି ସମୟରେ ଦୁରରେ ଚାଲିଯାଉଥିବା ପୁରୋହିତ ତଥା ସାଙ୍ଗରେ ଧାନ ଧରି ଯାଉଥିବା ଦୁଇ ଜଣ ଆଖିରେ ପଡିଲେ, ଅବଶ୍ୟ ବ୍ରାହ୍ମଣ ମହାଶୟ ଆମ ସହିତ ବାର୍ତ୍ତାଳାପ କରିବାରେ କୌଣସି ସ୍ପୃହା ଦେଖାଇ ନଥିଲେ, ସମ୍ଭବତଃ ନିକଟ ବର୍ତ୍ତୀ କୌଣସି ଗାଁରେ ଜଜମାନ ପ୍ରତୀକ୍ଷା କରିଥିବାର ଅନୁମାନ କରିଥିଲି।



ସକାଳର ଗ୍ରାମ୍ୟ ରାସ୍ତାରେ ସର୍ବତ୍ର ପ୍ରତୀତ ଗାଇଗୋରୁ ଗୋଠ ସବୁ ଅନେକ ସମୟ ଧରି ବାଟ ଅଟକାଇ ରଖିଥିବା ସମୟରେ ନିକଟରେ ଯାଉଥିବା ଗୋଟିଏ ମୋଟର ସାଇକେଲ୍‌ର ପଛରେ ବସିଥିବା ବୃଦ୍ଧ ଯାତ୍ରୀ ଜଣକ ନିଜ ଆଶାବାଡିରେ





ଗାଇ ମାନଙ୍କୁ ଘଉଡାଇ ଦେବାର ଦୃଶ୍ୟ ବେଶ୍ ଆମୋଦକର ହୋଇଥିଲା।

ଗାଁରୁ ଫେରିବା ବାଟରେ କାରରେ ଯାନ୍ତ୍ରିକ ତ୍ରୁଟି



# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର



ଦେଖାଦେଇଥିବା ବେଳେ ତାରାତାରିଣୀ ପୀଠର ଛକ ନିକଟସ୍ଥ ଗ୍ୟାରେଜ୍‌ରେ ଗାଡିର ମରାମତି ହେଉଥିବା ବେଳେ ଅସ୍ତଗାମୀ ସୂର୍ଯ୍ୟର ଆଭା ଅନ୍ଧକାରରେ ଗାଡି ଚଳାଇ ଆସିବାର ଭୟକୁ ଯେତେ ଅଧିକ କରିଦେଉଥିଲା ତା'ଠାରୁ ଅଧିକ ଆଶା ଦେଉଥିଲା, ଯେ ସେ ପୁଣି ଫେରି ଆସିବ, ଆଉ ଏକ ନୂତନ ଦିନ ନେଇ ଆଉ ନୁଆ ଆଶା ଆଉ ଆକାଂକ୍ଷାର ସମାହାରକୁ ଆବୋରି।

ବାସ୍ତବିକ ଗ୍ରାମ୍ୟ ଜୀବନରେ ଆଧୁନିକତାର ରଙ୍ଗ ନଥାଉ ପଛେ କିନ୍ତୁ ପ୍ରକୃତିର ରଙ୍ଗରେ ସେ ଧନୀ, ଅନେକ ସମୟ ପର୍ଯ୍ୟନ୍ତ ସେହି ପରିବେଶରେ ରହିବା ସମ୍ଭବତଃ ଆମ ପାଇଁ ଅସହନୀୟ ପରିସ୍ଥିତି ପରି ଲାଗିପାରେ କିନ୍ତୁ ସହରର ବ୍ୟସ୍ତ ଜୀବନଚର୍ଯ୍ୟାରେ ଗ୍ରାମର ସ୍ଥିରତାକୁ ତୁଳନା କରିବା ଅସମ୍ଭବ। ଗାଁର ସ୍ମୃତି ସର୍ବଦା ମନରେ ଥାଏ, କିନ୍ତୁ ଗାଁ ମାଟିର ଗନ୍ଧ ଆଉ ଆମକୁ ରୁଚୁ ନାହିଁ। ଗୋଧୁଳି ବୋଲା ଗାଁ ମାଟିର ବାସ୍ନା ଅନେକଙ୍କୁ ଯକ୍ଷ୍ମାସଂକ୍ରମିତ ରୋଗୀ ପରି କରାଇ ଦେଇଥାଏ ସତ କିନ୍ତୁ ଗୋଧୁଳି ଲଗ୍ନର ସାହିତ୍ୟିକ ତାତ୍ପର୍ଯ୍ୟ ସ୍ୱୟଂ ଭଗବାନ ଶ୍ରୀ କୃଷ୍ଣଙ୍କୁ ବାହୁନି ବାହୁନି କାନ୍ଦୁଥିବା ମାତା ଯଶୋଦାଙ୍କର କଣ୍ଠରେ ଅମରତ୍ୱ ଲାଭ କରିଛି।

ସହରର ଚାକଚକ୍ୟରେ ଭଳିଯାଇଥିବା ସମାଜ ପୁଣି ଦିନେ ଗ୍ରାମାଭିମୁଖୀ ହେବ ତାହା ଅସମ୍ଭବ, କାରଣ ଗାଁରେ ଆଉ କିଛି ନାହିଁ। ହଁ ଆମକୁ ନିସର୍ତ୍ତ ଭଲପାଉଥିବା ମା' ମାଉସୀ, ପିଉସୀ କିମ୍ବା ଦାଦା ଖୁଡି ମାନେ ସେଠାରେ ଥାଇ ପାରନ୍ତି କିନ୍ତୁ ଶେଷରେ ସେମାନେ ଗ୍ରାମୀଣ ଆଉ ଆମେ ଉଗ୍ର ସହରୀ। ଆମେ ସ୍ନେହର ମୂଲ୍ୟାୟନ କରିବା ପାଇଁ ପଛାଉନାହୁଁ, କିନ୍ତୁ ଗାଁରେ ଥିବା ଗରିବ ମାଉସୀଟିଏ ପାଇଁ ଆମ ମୁହଁରେ ହସ ଟିକକ କୋଟି ହୀରାନିଳା ଠାରୁ ବି ଅଧିକ ଦୁର୍ଲ୍ଲଭ। ଆମେ ଭଲପାଇବାକୁ ଭୁଲି ଯାଇଛେ। ସମୟ ଆମକୁ ନିଜର ସ୍ରୋତରେ ନିଜଠାରୁ ଦୁରକୁ ଠେଲି ଦେଇଛି। ଆମେ ସ୍ୱେଚ୍ଛାଚାରୀ ହୋଇ ଉଠୁଛେ। କିନ୍ତୁ ଆମ ଦେଶର ପ୍ରକୃତ ଜୀବନ ଆମ ଗ୍ରାମ୍ୟଜୀବନରେ ହିଁ ପ୍ରତିଫଳିତ ହେଉଛି।


ନିଜ ମାତୃ ଭାଷାକୁ ଅନାଦର କରୁଥିବା ଏକ ଦୁର୍ଭାଗା ଜାତିର ଆମେ ଦାୟାଦ। ଆମେ ନିଜ ଭୂମି ଓ ଭାଷାକୁ ଉପଯୁକ୍ତ ସମ୍ମାନ ଦେଇ ପାରିଲେ ନାହିଁ ଆମେ କାହୁଁ ବୁଝିବୁ, କାହାର ମହତ୍ତ୍ୱ। ସମସ୍ତେ ମହତ୍ତ୍ୱାକାଂକ୍ଷୀ ହୋଇଗଲେ, ଉଚ୍ଚ ପଦବୀରେ ଚାକିରୀ କରି ନିଜ ସନ୍ତାନ ମାନଙ୍କୁ ଉଚ୍ଚ ଶିକ୍ଷା ଆଉ କର୍ମସଂସ୍ଥାନ ଯୋଗାଇ ଦେବାକୁ ଆଗେଇ ଗଲେ, କିନ୍ତୁ ଭୁଲିଗଲେ ସେଇ ଅପନ୍ତରା ଗାଁ ମାଟିର ମଣିଷମାନେ ଦିନରାତି ପରିଶ୍ରମ କଲେ ହିଁ ଆମ ମୁହଁକୁ ଦୁଇ

**ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ**




ଓଳି ମୁଠାଏ ଭାତ ମିଳୁଛି । ହଁ କହିଲେ ଅନେକେ କହିବେ ଆମେ କଣ ମାଗଣାରେ ଭାତ ଖାଉଛୁ, ଆମେ ମୂଲ୍ୟ ଦେଉଛୁ । ସତକଥା । ନିରାଟ ସତକଥା । ଦିନେ ଯଦି ସେହି ପୁରପଲ୍ଲୀରୁ ଆନ୍ଦୋଳନ ହେବ ଆଉ ଗାଁରେ ରହୁଥିବା ଚାଷୀ ହଳଲଙ୍ଗଳ ଛାଡିଦେବ, କାହାର ଯୁ ଅଛି ଯେ ନିଜେ ଦୁଇ ମୁଠା ଚାଉଳ ଜମିରୁ ବାହାର କରିଦେଇପାରିବ ।

ଆମର ମାତୃଭାଷା ସବୁଠାରୁ ସମୃଦ୍ଧ ଆଉ ଆମ ମାତୃଭୂମି ସବୁଠୁ ପୁଣ୍ୟଭୂମି । ଏଇ ଭୂମିରେ ପାଦଦେଇ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇ ସମଗ୍ର ବିଶ୍ୱକୁ ଯେଉଁ ବାର୍ତ୍ତା ଦେଇଥିଲା ତାହା ଆଜି ବିଶ୍ୱର ଅଧିକାଂଶ ଦେଶରେ ସ୍ୱୀକୃତ ଓ ସମ୍ମାନିତ । ଆସ ଆମେ ଆମକୁ ଚିହ୍ନିବା । ଆମ ମୂଳ ଚେର କୁ ଚିହ୍ନିବା । ଆମ ଗାଁ ଆମ ସଭ୍ୟତାକୁ ସ୍ନେହ କରିବା । ଆମ ଭାଷାର ପୂର୍ବଗୌରବ ଆଉ ମହିମାକୁ ମନେ ପକାଇ ଶପଥନେବା, ଆମେ ଓଡିଆ ଆଉ ଓଡିଶାକୁ ସେହି ସମ୍ମାନ ଦେବା ଯାହା ଦେଶର ଯେ କୌଣସି ପ୍ରାନ୍ତର ବ୍ୟକ୍ତି ନିଜ ଅଞ୍ଚଳର ଭାଷା ଆଉ ଭୂମି ପାଇଁ କରିଛି ।



## ୮୦ କିଲୋମିଟର ଦୌଡ ବେଳେ ମୃତ୍ୟୁଞ୍ଜୟ ବେହୋସ



ମୁମ୍ବାଇ, ୨୪/୯: ଆଠ ବର୍ଷ ବୟସ୍କ ଓଡିଆ ବାଳକ ମୃତ୍ୟୁଞ୍ଜୟ ମଣ୍ଡଳ ୮୦ କିମି ଦୌଡି ରେକର୍ଡ କରିବା ଅଭିଯାନରେ ବାହାରି ବାଟରେ ମୂର୍ଚ୍ଛା ହୋଇପଡିଛନ୍ତି । ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଜିଟି ହସ୍ପିଟାଲ୍ରେ ଭର୍ତ୍ତି କରାଯାଇଛି । ମୃତ୍ୟୁଞ୍ଜୟ ମହାରାଷ୍ଟ୍ରର କଲ୍ୟାଣସ୍ଥ ଦୁର୍ଗାଡି ଫୋର୍ଟ୍ ନିକଟରୁ ମୁମ୍ବାଇସ୍ଥ ଗେଟ୍ ୱେ ଅଫ୍ ଇଣ୍ଡିଆ ପର୍ଯ୍ୟନ୍ତ ୮୦ କିମି ପଥ ଅତିକ୍ରମ କରିବାର ଲକ୍ଷ୍ୟ ନେଇ ଭୋର ୪ଟା ୩୫ ମିନିଟ୍ରୁ ଦୌଡ ଆରମ୍ଭ କରିଥିଲେ । ସେ ମାତ୍ର ଆଠ ଘଣ୍ଟା ଭିତରେ ଦୌଡ ପୁରା କରିଥାନ୍ତେ, କିନ୍ତୁ ସେ କେ-କର୍ନର ଯାଏଁ ୬୮ କିମି ଦୌଡିବା ପରେ କ୍ଲାନ୍ତ ହୋଇ ଚେତା ହରାଇ ପଡିଯାଇଥିଲେ ।

ଦୌଡ ଆରମ୍ଭ ହେବା ପୂର୍ବରୁ ଓଡିଶାର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମପୁରର ଏହି ଆଶ୍ଚର୍ଯ୍ୟ ବାଳକ ନିଜ ବାର୍ତ୍ତାରେ କହିଥିଲେ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ତାଙ୍କ ଏହି ଦୌଡର ଉଦ୍ଦେଶ୍ୟ । ସେ କେବଳ ୮୦ ନୁହେଁ ୧୦୦ କିଲୋମିଟର ମଧ୍ୟ ଦୌଡିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଉତ୍ସାହିତ ହୋଇ କହିଥିଲେ । ଲିମ୍କା ରେକର୍ଡ ଧାରୀ ଶିଶୁ ଧାବକ ବୁଧିଆ ସିଂହକୁ ନିଜ ଆଦର୍ଶ ମାନୁଥିବା ମୃତ୍ୟୁଞ୍ଜୟ ଗତ ଏପ୍ରିଲ୍ ମାସରେ ଉଜଳେଶ୍ୱର ମନ୍ଦିରରୁ ବ୍ରହ୍ମପୁରର ପଶ୍ଚିମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ୭୦ କିଲୋମିଟର ରାସ୍ତା ଅତିକ୍ରମ କରିଥିଲେ । ସେତେବେଳେ ଏହି ଦୂରତ୍ୱକୁ ସେ ମାତ୍ର ୬ ଘଣ୍ଟାରେ ଅତିକ୍ରମ କରିଥିଲେ । ମୃତ୍ୟୁଞ୍ଜୟ ଗତ ଦେଡ ବର୍ଷହେଲା ଅଭ୍ୟାସ ଜାରି ରଖିଛନ୍ତି ଏବଂ ଦୈନିକ ଅତି କମ୍ରେ ୨୦ କିଲୋମିଟର ଦୌଡୁଛନ୍ତି ବୋଲି ତାଙ୍କ ପରିବାର ସୂତ୍ରରୁ ପ୍ରକାଶ । ଆଜି ସେ ଭୋର ସମୟରୁ ଦୌଡ ଆରମ୍ଭ କରିଥିଲେ ଏବଂ

ଅପରାହ୍ନ ଗୋଟାଏ ସୁଦ୍ଧା ଗେଟ୍ ୱେ ଅଫ୍ ଇଣ୍ଡିଆରେ ପହଞ୍ଚିବାର ଲକ୍ଷ୍ୟ ରଖିଥିଲେ। ତେବେ ତାଙ୍କ ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ। ଆଉ ମାତ୍ର ବାର କିଲୋମିଟର ବାଟ ବାକିଥିବା ବେଳେ ସେ କ୍ଳାନ୍ତ ହୋଇ ପଡିଥିଲେ।

## ବିଶେଷ ସୂଚନା

ଚଳିତ ମାସର ଆହ୍ୱାନର ସଂସ୍କରଣ ଅନେକ ଦୃଷ୍ଟିରୁ ଅନନ୍ୟ। ପ୍ରଥମତଃ ଏହା ଦୁର୍ଗାପୂଜାର ପାର୍ବଣ ପର୍ବର ସନ୍ତକ ନେଇ ଆସିଛି। ଦ୍ୱିତୀୟତଃ ଏହାର କଳେବର ବୃଦ୍ଧି ପାଇବା ସହିତ ଏହାର ପୃଷ୍ଠସଜ୍ଜା ମଧ୍ୟ ଭିନ୍ନ ଧରଣର ହୋଇଛି। ଏଥିରେ ଯଦ୍ୟପି ପୂର୍ବ ସଂଖ୍ୟା ମାନଙ୍କ ତୁଳନାରେ ଅଳ୍ପ ସଂଖ୍ୟକ ଫଟୋଚିତ୍ର ପ୍ରକାଶ ପାଇଛି ତଥାପି ଏଥିରେ ଏହି ସଂଖ୍ୟାରେ ବିଶେଷ କରି ବ୍ରହ୍ମପୁର ସହରରେ ଦୁର୍ଗାପୂଜା ଓ ମୋ ଗାଁର କେତୋଟି ମନୋରମ ଛବି ସ୍ଥାନ ପାଇଛି। ଯାହା ଏହି ପତ୍ରିକା ପାଇଁ ପ୍ରଥମ ଏବଂ ଏହା ଏକ ଆହ୍ୱାନ, ଆମର ପ୍ରତ୍ୟେକ ପାଠକ ପାଠିକା ମାନଙ୍କ ନିମନ୍ତେ, ଯେଉଁମାନେ ଭବିଷ୍ୟତରେ ନିଜର ଫୋଟୋ ଆଉ ଛବି ସବୁ ପଠାଇବେ, ତା'କୁ ଆମେ ଏହି ପତ୍ରିକାରେ ସ୍ଥାନ ଦେବୁ।

ଏହି ସଂଖ୍ୟାରେ ରହିଛି ସ୍ୱାସ୍ଥ୍ୟ ଚର୍ଚ୍ଚା ଯେଉଁଥିରେ ଚଳିତ ବର୍ଷ ଭାରତର ଓଡିଶା ସମେତ ଅନେକ ରାଜ୍ୟରେ ମହାମାରୀ ପରି ଦେଖା ଦେଇଥିବା ଚିକେନ୍‌ଗୁନିୟା ରୋଗ ସମ୍ବନ୍ଧରେ ଲେଖାଯାଇଛି। ଆସନ୍ତା ସଂସ୍କରଣ ମାନଙ୍କରେ ଆହୁରି ଅନେକ ରୋଗ ବିଷୟରେ ଲେଖା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ପାଠକ ପାଠିକା ମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଯେ କୌଣସି ପ୍ରଶ୍ନ (ସାଧାରଣ ରୋଗ ଠାରୁ ଆରମ୍ଭ କରି କର୍କଟ ରୋଗ ତଥା ମେହ ବା ଯୌନ ରୋଗ) ବିଷୟରେ ମଧ୍ୟ ପରାମର୍ଶ ଦିଆଯିବ।

ସଂପ୍ରତି ଓଡିଶାରେ ଦେଖା ଦେଇଥିବା ଶିଶୁ ପ୍ରତିଭା ମାନଙ୍କୁ ନେଇ ଅନେକ ପ୍ରକାର କଳ୍ପନାକଳ୍ପନା ଚାଲିଛି। ଓଡିଶାରୁ ହଠାତ୍ ଅନେକ ଶିଶୁ ଧାବକ ଆବିଷ୍କୃତ ହେବା ଏକ ଆଶ୍ଚର୍ଯ୍ୟ ଜନକ ଘଟଣା ସତ କିନ୍ତୁ ତାହାଠାରୁ ବି ଅଧିକ ଆଶ୍ଚର୍ଯ୍ୟ ଲାଗେ ଯେତେବେଳେ ଖବର କାଗଜର ଶିରୋମଣ୍ଡନ କରେ ଯେ କୌଣସି ଶିଶୁ ଧାବକ ଅଧାରାସ୍ତାରେ ହିଁ ବେହୋସ ହୋଇପଡିବା। ସତରେ କଣ ଶିଶୁ ଧାବକ ମାନେ ଏତେ ସକ୍ରୀୟ ବା ସକ୍ଷମ? ଆଉ ସେଇ କୁନି କୁନି ପିଲା ମାନଙ୍କୁ ନେଇ ଏମିତିକା ଗଣ ଦୌଡର ଆୟୋଜନ କରିବା ଯୁକ୍ତିଯୁକ୍ତ କି?

ବୁଢିଆ ଆରମ୍ଭ କରିଥିବା ସାମ୍ରାଜ୍ୟରେ ବର୍ତ୍ତମାନ ସମଗ୍ର ଓଡିଶାର ଅନେକ ପ୍ରାନ୍ତରୁ ଅନେକ ପ୍ରତିଭାବାନ ଶିଶୁ ମାନଙ୍କ ଯୋଗଦାନ ଯଦ୍ୟପି ଏକ ଉତ୍ସାହ ଜନକ ସମ୍ବାଦ କିନ୍ତୁ ସେଇ ଶିଶୁ ମାନଙ୍କୁ ପ୍ରଚାର ପାଇଁ ଖରାରେ ଅନେକ ଦୁର ପର୍ଯ୍ୟନ୍ତ ଦୌଡାଇନେବା ନିଶ୍ଚୟ ଭାବରେ ମାନବିକ ଅଧିକାରର ଉଲଂଘନ। କୌଣସି କୋମଳମତି ଶିଶୁର ମନରେ ପ୍ରତିଯୋଗିତା ମୂଳକ ଧାରଣା ଆଣିଦେବା ଆଉ ସେହି ଲକ୍ଷ୍ୟକୁ ପ୍ରାପ୍ତି ପାଇଁ ତାହାକୁ ବିନିଯୋଗ କରିବା ସର୍ବାଦୌ ଅଗ୍ରହଣୀୟ।

## ଆହ୍ୱାନ ସମ୍ବନ୍ଧରେ କିଛି ତଥ୍ୟ

ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହାନ୍ତ(୭ ତାରିଖ) ରେ ପ୍ରକାଶିତ ହୁଏ। ଏଥିରେ ବିଭିନ୍ନ ପ୍ରକାରର ସାହିତ୍ୟିକ ତଥା ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ହୁଏ। ଅନେକ ଲେଖା ଆମେ ଓଡିଶାର ବିଭିନ୍ନ ଲବ୍‌ଧପ୍ରତିଷ୍ଠିତ ସମ୍ବାଦପତ୍ର ମାନଙ୍କରୁ ସଂଗ୍ରହ କରୁ। ଏହି ପତ୍ରିକା ବ୍ୟବସାୟିକ ନୁହେଁ ଏବଂ ଏହା କେବଳ ଏହାର ପାଠକ ଓ ପାଠିକା ମାନଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ପ୍ରକାଶିତ କୌଣସି ଲେଖା (ଯାହା ସମାଜରେ ବିତର୍କ ସୃଷ୍ଟି କରେ) ପାଇଁ ସଂପାଦକ ଦାୟୀ ନୁହନ୍ତି। ଏହି ପତ୍ରିକା ପାଇବାପାଇଁ ଆପଣଙ୍କୁ ଏକ ଇ-ମେଲ୍ ଆଡ୍ରେସ୍‌ର ଆବଶ୍ୟକତା ପଡିବ। ଯାହା ଆପଣ ଇଣ୍ଟର୍‌ନେଟ୍‌ରେ ୟାହୁ, ରେଡିଫ୍, ହଟମେଲ୍, ସିଫିମେଲ୍, ଜିମେଲ୍ ଇତ୍ୟାଦି ୱେବ୍‌ସାଇଟ୍‌ରୁ ପାଇପାରିବେ। ଏହି ଇ-ମେଲ୍ ଠିକଣା ପାଇଁ ଆପଣଙ୍କୁ କୌଣସି ଦେୟ ଦେବାକୁ ପଡିବ ନାହିଁ।

ସାଂପ୍ରତିକ ସଂସ୍କରଣଠାରୁ ଆଗାମୀ ସମସ୍ତ ସଂସ୍କରଣକୁ ପାଇବାକୁ ହେଲେ ଆପଣଙ୍କୁ ନିଜର ଇ-ମେଲ୍ ଠିକଣା ଆମର

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଡାଉନ୍‌ଲୋଡ୍ ପୃଷ୍ଠାରେ ଦେବାକୁ ହେବ। ଯଦି ଆପଣ ଆମର ଏହି ପତ୍ରିକାକୁ ସର୍ବଦା ପଢନ୍ତି ତା'ହେଲେ ନିଜ ବନ୍ଧୁ ତଥା ପରିଜନଙ୍କୁ ଏହା ବିଷୟରେ ଜଣାନ୍ତୁ, ଏବଂ ଏହାର ପ୍ରସାରରେ ଭାଗିଦାର ହୁଅନ୍ତୁ।

ଆପଣ ଯଦି ପ୍ରତ୍ୟେକ ମାସରେ ନିଜ ଇ-ମେଲ୍ ଠିକଣାରେ ଆହ୍ୱାନ ପତ୍ରିକାର ପ୍ରକାଶନ ସମ୍ବନ୍ଧି ସମ୍ବାଦ ପାଇବାକୁ ଚାହୁଁଛନ୍ତି ତା'ହେଲେ ଆମ ଗ୍ରୁପ୍ (ଗୁଗୁଲ ୱେବ୍‌ସାଇଟ୍‌ରେ ଗ୍ରୁପ୍)ରେ ସଦସ୍ୟ ହୁଅନ୍ତୁ। ଏହି ସଦସ୍ୟତା ପାଇଁ ଆପଣଙ୍କୁ କୌଣସି ପ୍ରକାର ଦେୟ ଦେବାକୁ ହେବନି। ଯଦି କେହି ବ୍ୟକ୍ତି ଆପଣଙ୍କୁ ଇ-ମେଲ୍ ଦ୍ୱାରା କିଛି ରାଶି ମାଗନ୍ତି କିମ୍ବା ସାହାଯ୍ୟ ଦେବାକୁ କହନ୍ତି ତା'ହେଲେ ଦିଅନ୍ତୁ ନାହିଁ। କାରଣ ଆହ୍ୱାନ ପତ୍ରିକା ତରଫରୁ କୌଣସି ପ୍ରକାର ଆର୍ଥିକ ସାହାଯ୍ୟ କେବେବି ଆହ୍ୱାନ କରାଯିବ ନାହିଁ।

## ବିଜ୍ଞାପନ

ଆହ୍ୱାନ ପତ୍ରିକାର ପ୍ରକାଶନରେ ସହଯୋଗ ନିମନ୍ତେ ସହ-ସଂପାଦକ ପଦବୀ ନିମନ୍ତେ ପ୍ରାର୍ଥୀତ୍ୱ ଆହ୍ୱାନ କରା ଯାଉଛି। ଯଦି ଆପଣ ସାହିତ୍ୟ ତଥା ବିତର୍କରେ ଜ୍ଞାନ ରଖୁଥାଆନ୍ତି, ତା'ହେଲେ ଆପଣ ଆମ ପତ୍ରିକାରେ ସହ-ସଂପାଦକ ହୋଇପାରିବେ। ଏହି ପତ୍ରିକାର ଭବିଷ୍ୟ ସଂଖ୍ୟାରେ ଆପଣଙ୍କ ଅବଦାନକୁ ନିଶ୍ଚୟ ସ୍ଥାନ ଦିଆଯିବ ଏବଂ ଏହା ସହିତ ଆପଣଙ୍କ ନାମ ଉଲ୍ଲେଖ କରାଯିବ। ଯଦ୍ୟପି ଏହି ପତ୍ରିକା ସଂପୂର୍ଣ୍ଣ ଅବ୍ୟବସାୟିକ ତଥାପି ଯଦି ଭବିଷ୍ୟତରେ ଏହାଦ୍ୱାରା କୌଣସି ପ୍ରକାର ଲାଭ ମିଳେ ତା'ହେଲେ ଆପଣ ତାହାର ଭାଗିଦାର ହେବେ।

ଏହି ପଦବୀ ପାଇଁ ଇଚ୍ଛୁକ ବ୍ୟକ୍ତି ନିଜେ ଲେଖାଲେଖି ପ୍ରକାଶ କରିବା ସହିତ ଅନ୍ୟ ମାନଙ୍କଠାରୁ କିମ୍ବା ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରୁ ଉଲ୍ଲେଖନୀୟ ଲେଖା ମାନ ସଂଗ୍ରହ କରି ଆମ ପତ୍ରିକାରେ ସ୍ଥାନିତ କରିବା ପାଇଁ ଆମ ନିକଟକୁ ପଠାଇବେ। ପ୍ରତ୍ୟେକ ମାସରେ ସାମାନ୍ୟତଃ ଦୁଇଟିରୁ ତିନୋଟି ଉଚ୍ଚମାନର ଲେଖା ପଠାଇ ପାରିବେ। ନିଜଦ୍ୱାରା ଲିଖିତ ଲେଖା ପାଇଁ ନିୟମିତ ସ୍ଥାନ ଦିଆଯିବ। ଶୀଘ୍ର ନିଜ ପ୍ରାର୍ଥୀତ୍ୱ ଆବେଦନ କରନ୍ତୁ। ଏଥି ପାଇଁ ଏକାଧିକ ପ୍ରାର୍ଥୀଙ୍କ ଦରକାର ହେଉଥିବା ଯୋଗୁଁ ଆମେ ସମସ୍ତ ଯୋଗ୍ୟ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଭିତିରେ ସହ-ସଂପାଦକ ପଦବୀରେ ସ୍ଥାନିତ କରିବୁ।

ବର୍ତ୍ତମାନ ଇ-ମେଲ୍ କରନ୍ତୁ, ନିଜ ସଂପୂର୍ଣ୍ଣ ନାମ,, ପିତା/ସ୍ୱାମୀଙ୍କ ନାମ, ବୟସ, ଶିକ୍ଷାଗତ ଯୋଗ୍ୟତା, ବର୍ତ୍ତମାନ କଣ କରୁଛନ୍ତି (ଶିକ୍ଷା/ଚାକିରୀ), ସଂପୂର୍ଣ୍ଣ ଠିକଣା, ଫୋନ୍ (ମୋବାଇଲ୍) ନମ୍ବର, ନିଜର ଏକ ଫୋଟୋ, ଏବଂ ଏହା ସହିତ ୨୦୦ ଶବ୍ଦରେ ଲେଖି ପଠାନ୍ତୁ କାହିଁକି ଆପଣ ଏହି ପତ୍ରିକାର ସହ-ସଂପାଦକ ହେବାପାଇଁ ନିଜକୁ ଯୋଗ୍ୟ ବୋଲି ଭାବୁଛନ୍ତି, ଆଉ ଆପଣ ଏହି ପତ୍ରିକା ପାଇଁ କଣ କରିପାରିବେ।

## ସୁଖବର

ଆହ୍ୱାନ ବର୍ତ୍ତମାନ କେବଳ ଏକ ପତ୍ରିକା ନୁହେଁ, ସଂପ୍ରତି ଆହ୍ୱାନ ଅନୁକୂଲ୍ୟରେ ବ୍ରହ୍ମପୁରର ବିଭିନ୍ନ ବେସରକାରୀ ଅନୁଷ୍ଠାନ ମାନଙ୍କରେ ପ୍ରତି ରବିବାର ଅପରାହ୍ନରେ ଉନ୍ନତି ମୂଳକ କାର୍ଯ୍ୟକ୍ରମ କରାଯାଉଛି। ଆପଣ ଅଧିକ ବିବରଣୀ ପାଇଁ ଆମ ସହ ଯୋଗାଯୋଗ କରି ପାରିବେ।

Our Group Address
http://groups.google.com/group/aahwaan/
Our Web Desingers
http://www.freewebs.com/bamcom
Our Business Partner
http://www.freewebs.com/ebizel


ଲେଖା ପଠାଇବା ଠିକଣା:

ଡ: ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର, ଆମ୍ବପୁଆ ରୋଡ୍
ବ୍ରହ୍ମପୁର, ୭୬୦୦୧୦, ଓଡିଶା
ଫୋନ୍: ୯୨୩୮୭୮୫୬୯୮
e-mail: dr.odia@gmail.com